79th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର

The Prajatantra

ମୀନାବଜାର

ମୂଲ୍ୟ: ୨୦ଟଙ୍କା ମାତ୍ର

ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୯ବର୍ଷ ❑ ସଂଖ୍ୟା-୧୧୬ ● କଟକ ● ମଙ୍ଗଳବାର ● ୦୨ ଡିସେମ୍ବର-୨୦୨୫ ● ବିଛା-୨୮ ● ସାଲ୍-୧୪୩୧

CUTTACK ● TUESDAY ● 02 DECEMBER-2025 ● RNI Regd. No. 4001/57

ମୂଲ୍ୟ : ₹ ୫ ଟଙ୍କା


# ଶୀତ ଅଧିବେଶନ ଆରମ୍ଭ

## ଆରମ୍ଭରୁ ବିରୋଧୀଙ୍କ ହଙ୍ଗାମା ❑ ଡ୍ରାମା କରନାହିଁ: ମୋଦୀ

**ନୂଆଦିଲ୍ଲୀ,(ଏଜେନ୍ସି):** ସଂସଦର ଶୀତକାଳୀନ ଅଧିବେଶନ ଆରମ୍ଭ ହୋଇଛି। ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଦିବଙ୍ଗତ ସାଂସଦଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ କରିଥିଲେ ବାଚସ୍ପତି ଓମ୍ ବିର୍ଲା। ଏହାପରେ ଭାରତୀୟ ମହିଳା କ୍ରିକେଟ୍ ଦଳ ବିଶ୍ୱବିଜୟୀ ହୋଇଥିବାରୁ ଶୁଭେଚ୍ଛା ଜଣାଇଲେ ବାଚସ୍ପତି। ଏଥିରେ ସହମତି ଜଣାଇଥିଲେ ଉପସ୍ଥିତ ସମସ୍ତ ସଦସ୍ୟ। ଏହାପରେ ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ଗୃହରେ ନାରାବାଜି କରିଥିଲେ ବିରୋଧୀ ସଦସ୍ୟ। ପ୍ରବଳ ହଟ୍ଟଗୋଳ ମଧ୍ୟରେ ପ୍ରଶ୍ନକାଳ ଚାଲିଥିଲା। ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ବିରୋଧୀଙ୍କୁ ଅପିଲ୍ କରିଥିଲେ ବାଚସ୍ପତି। ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ଗୃହରେ ପ୍ରବଳ ନାରାବାଜି କଲେ ବିରୋଧୀ। ପ୍ରବଳ ହଟ୍ଟଗୋଳ ଓ ନାରାବାଜି ପାଇଁ ପ୍ରଶ୍ନକାଳ ଚାଲିପାରିନାହିଁ। ଗୃହକୁ ୧୨ଟା ଯାଏ ମୁଲତବୀ କରିଥିଲେ ବାଚସ୍ପତି। ତେଣେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଂସଦକୁ ସମ୍ବୋଧନ କରି କହିଛନ୍ତି, ରାଜନୈତିକ ଦଳମାନେ ଡ୍ରାମା ନୁହେଁ, ଡେଲିଭରି ଉପରେ ଗୁରୁତ୍ୱ ଦେବା ଉଚିତ। ପ୍ରଧାନମନ୍ତ୍ରୀଙ୍କ ଏପରି ମନ୍ତବ୍ୟର କଡ଼ା ଜବାବ ଦେଇଛି କଂଗ୍ରେସ। ଅଧିବେଶନ ଆରମ୍ଭ ହେବାର କିଛି ମିନିଟ୍ ପୂର୍ବରୁ ସଂସଦ ଭବନର ହଂସଦ୍ୱାରରେ ମିଡିଆକୁ ବାର୍ତ୍ତା ଦେଇ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ସଂସଦର ସଦସ୍ୟ ବିଶେଷ କରି ବିରୋଧୀଦଳ ନାଟକ ନୁହେଁ, ଫଳାଫଳ ଉପରେ ଧ୍ୟାନଦେବା ଦରକାର। ସଂସଦୀୟ ଆଚରଣକୁ ପାଳନ କରିବା ଦରକାର। ସେ କହିଥିଲେ, ଡ୍ରାମା ନହିଁ, ଡେଲିଭରି ଚାହିଏ। ସଂସଦ ଅଧିବେଶନରେ ଉଭୟ ରାଜ୍ୟସଭା ଓ ଲୋକସଭାରେ ବିରୋଧୀଙ୍କ ହଙ୍ଗାମାକୁ ଲକ୍ଷ୍ୟକରି ସେମାନଙ୍କ ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ମୋଦୀ ଏହା କହିଛନ୍ତି। ମୋଦୀ କହିଥିଲେ, ବିଶ୍ୱ ଦରବାରରେ ଭାରତ ପ୍ରମାଣିତ କରିସାରିଛି, ଗଣତନ୍ତ୍ର ଡେଲିଭରି କରେ। ସେ ଆହୁରି କହିଥିଲେ, ଚଳିତ ଅଧିବେଶନରେ ସଂସଦ କ'ଣ ଚାହୁଁଛି, କ'ଣ ଚିନ୍ତାକରୁଛି ଏବଂ ଦେଶ ପାଇଁ କ'ଣ କରାଯିବ ସେ ବିଷୟରେ ଆଲୋଚନା କରାଯିବା ଉଚିତ।



ଯ ଅଧ୍ୟକ୍ଷ



## 'ବନ୍ଦେ ମାତରମ୍' ଉପରେ ହେବ ଚର୍ଚ୍ଚା

## ୧୦ଘଣ୍ଟା ସମୟ ଧାର୍ଯ୍ୟ

**ନୂଆଦିଲ୍ଲୀ:** ଭାରତର ରାଷ୍ଟ୍ରଗୀତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ସଂସଦର ଶୀତକାଳୀନ ଅଧିବେଶନରେ ସ୍ୱତନ୍ତ୍ର ଚର୍ଚ୍ଚା କରାଯିବ। ଲୋକସଭାରେ ଚଳିତ ସପ୍ତାହର ଗୁରୁବାର କିମ୍ବା ଶୁକ୍ରବାର ଏହି ଆଲୋଚନା ହୋଇପାରେ। ଏଥିପାଇଁ ୧୦ଘଣ୍ଟା ସମୟ ଧାର୍ଯ୍ୟ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ସ୍ୱତନ୍ତ୍ର ଆଲୋଚନାରେ ଭାଗ ନେଇପାରନ୍ତି। ଏହି ଆଲୋଚନା ସ୍ୱାଧୀନତା ସଂଗ୍ରାମର ଏହି ପ୍ରେରଣାଦାୟୀ ଗୀତର ଐତିହାସିକ ଓ ସାଂସ୍କୃତିକ ଗୁରୁତ୍ୱକୁ ରେଖାଙ୍କିତ କରିବ। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁଙ୍କ ଦ୍ୱାରା ନଭେମ୍ବର ୩୦ରେ ହୋଇଥିବା ସର୍ବଦଳୀୟ ବୈଠକ ଓ ଲୋକସଭା ଏବଂ ରାଜ୍ୟସଭାର ବିଜନେସ୍ ଆଡଭାଇଜରୀ କମିଟି (ବିଏସି)ର ବୈଠକରେ ଏହି ପ୍ରସ୍ତାବ ଉପରେ ସହମତି ହୋଇଛି। ରାଜ୍ୟସଭାରେ ଶାସକ ଦଳର ସଦସ୍ୟ ଏଥିପାଇଁ ଜୋରଦାର ଓକିଲାତି କରିଛନ୍ତି। ସରକାର ଏହାକୁ ରାଷ୍ଟ୍ରୀୟ ଏକତାର ପ୍ରତୀକ ଦର୍ଶାଇ ସବୁ ଦଳକୁ ଏଥିରେ ଭାଗନେବା ପାଇଁ ଆମନ୍ତ୍ରଣ କରିଛନ୍ତି। ବନ୍ଦେ ମାତରମ୍‌କୁ ୧୯୫୦ ମସିହାରେ ଭାରତର ଜାତୀୟ ଗୀତ ଭାବରେ ଗ୍ରହଣ କରାଯାଇଥିଲା। ୧୮୭୦ ଦଶକରେ ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଦ୍ୱାରା ବଙ୍ଗଳାରେ ଲେଖାଯାଇଥିଲା। ଏହି ଗୀତଟି ୧୮୮୨ରେ ପ୍ରଥମ ଥର ପ୍ରକାଶିତ ବଙ୍କିମଚନ୍ଦ୍ର ଚାଟାର୍ଜୀଙ୍କ ବଙ୍ଗଳା ଉପନ୍ୟାସ 'ଆନନ୍ଦମଠ'ର ଅଂଶ। ଏହି ଗୀତଟି ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ପାଇଁ ପ୍ରେରଣାର ଏକ ପ୍ରମୁଖ ଉତ୍ସ ପାଲଟିଥିଲା। ଗୀତ ରଚନାର ୧୫୦ତମ ବାର୍ଷିକୀ ପାଳନ କରିବା ପାଇଁ କେନ୍ଦ୍ର ସରକାର ଏକ ସ୍ୱତନ୍ତ୍ର ସ୍ମାରକୀ ମୁଦ୍ରା ଏବଂ ଡାକ ଟିକଟ ଜାରି କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ 'ବନ୍ଦେ ମାତରମ୍'କୁ ସ୍ୱାଧୀନତା ସଂଗ୍ରାମର ଏକ ଅମର ଐତିହ୍ୟ ବୋଲି କହିଥିଲେ।

## ଲିଖିତ ଉତ୍ତର ରଖିଲେ ମୁଖ୍ୟମନ୍ତ୍ରୀ

## ଭିଜିଲାନ୍ସ ଜାଲରେ ୨୭୦କର୍ମଚାରୀ

**ଭୁବନେଶ୍ୱର,(ପିପିଏସ୍):** ରାଜ୍ୟରେ ଆଇଏଏସ, ଆଇପିଏସ୍, ଆଇଏଫଏସ ପଦବି ଖାଲି ନେଇ ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ



୪୬ଆଇଏଏସ, ୬୭ଆଇପିଏସ୍, ୭୦ ଆଇଏଫଏସ୍ ପଦବୀ ଖାଲିପଡ଼ିଛି। ଏହାସହିତ ମୁଖ୍ୟମନ୍ତ୍ରୀ କହିଛନ୍ତି ୨୭୦ଜଣ ସରକାରୀ ଓ ଚୁକ୍ତିଭିତ୍ତିକ କର୍ମଚାରୀ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଗତବର୍ଷ ଜୁନ୍ ୧୨ରୁ ଚଳିତ ବର୍ଷ ଡିସେମ୍ବର ୨୧ଯାଏଁ ଏହି କର୍ମଚାରୀ ଗିରଫ ହୋଇଥିବା ଗୃହରେ ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ। ୩୧ସରକାରୀ ଅଧିକାରୀଙ୍କ ଉପରେ ଏକାଧିକ ଥର କାର୍ଯ୍ୟାନୁଷ୍ଠାନ ହୋଇଛି। ସେମାନଙ୍କ ମଧ୍ୟରୁ ଭିଜିଲାନ୍ସ କୋର୍ଟରେ ଦଣ୍ଡିତ ହୋଇଛନ୍ତି ୧୮୭ଜଣ। ଦଣ୍ଡିତ ପରେ ଚାକିରିରୁ ବରଖାସ୍ତ ହୋଇଛନ୍ତି ୩୪ଜଣ। ଅନ୍ୟ ୬୫ଜଣ ସରକାରୀ କର୍ମଚାରୀଙ୍କ ପେନସନ୍ ବନ୍ଦ ହୋଇଛି।

# ଜିଲ୍ଲାପାଳ କାର୍ଯ୍ୟାଳୟଗୁଡ଼ିକର ହେବ ନବକଳେବର

## ଭୁବନେଶ୍ୱରରେ ନୂଆସର୍କିଟ୍ ହାଉସ୍ ପ୍ରତିଷ୍ଠା

**ଭୁବନେଶ୍ୱର,(ପିପିଏସ୍):**

ନବ କଳେବର ହେବ କଲେକ୍ଟରେଟ୍ ବିଲ୍ଡିଂ। ସବୁ ଜିଲ୍ଲାପାଳ କାର୍ଯ୍ୟାଳୟଗୁଡ଼ିକର ହେବ ନବକଳେବର। ମଡେଲ ଯୋଜନା ଅନୁଯାୟୀ ନୂଆ କଲେକ୍ଟରେଟ୍ କୋଠା ନିର୍ମାଣହେବ। କଲେକ୍ଟରେଟ୍ କୋଠାରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଯୋଡ଼ାଯିବ। ଜିଲ୍ଲାଗୁଡ଼ିକୁ ବଡ଼, ମଧ୍ୟମ ଓ କ୍ଷୁଦ୍ର ୩ ବର୍ଗରେ ବିଭକ୍ତ କରାଯାଇଛି। ବଡ଼ ଜିଲ୍ଲାରେ ୧ ଲକ୍ଷ ୭୦ ହଜାର ସ୍କୋୟାର ଫୁଟ୍ ଜମିରେ ଜିଲ୍ଲାପାଳ କାର୍ଯ୍ୟାଳୟ ହେବ। ମଧ୍ୟମ ଜିଲ୍ଲାରେ ୧ ଲକ୍ଷ ୪୦ ହଜାର ସ୍କୋୟାର ଫୁଟ୍ ଜମିରେ ଏବଂ କ୍ଷୁଦ୍ର ଜିଲ୍ଲାରେ ୧ ଲକ୍ଷ ସ୍କୋୟାର ଫୁଟ ଜମିରେ ନିର୍ମାଣ ହେବ ଜିଲ୍ଲାପାଳ କାର୍ଯ୍ୟାଳୟ। ସୂଚନା ଥାଉକି, ଜିଲ୍ଲାରେ ରାଜସ୍ୱ ପ୍ରଶାସନିକ ୟୁନିଟ୍, ଜନସଂଖ୍ୟା, କାର୍ଯ୍ୟଭାରକୁ ବିଚାରକୁ ନେଇ ଜିଲ୍ଲାଗୁଡ଼ିକୁ ୩ଟି ବର୍ଗରେ ବିଭକ୍ତ କରାଯାଇଛି। ବୃହତ୍ ବର୍ଗରେ ସମ୍ବଲପୁର, ପୁରୀ, କେନ୍ଦୁଝର, କଟକ ଓ ମୟୂରଭଞ୍ଜ ଜିଲ୍ଲା, ମଧ୍ୟମ ବର୍ଗରେ କନ୍ଧମାଳ, ରାୟଗଡ଼ା, ବାଲେଶ୍ୱର, ଯାଜପୁର, ବଲାଙ୍ଗିର, ଖୋର୍ଦ୍ଧା, କଳାହାଣ୍ଡି, ଭଦ୍ରକ, ବରଗଡ଼, କେନ୍ଦ୍ରାପଡ଼ା, କୋରାପୁଟ, ଅନୁଗୁଳ ନବରଙ୍ଗପୁର, ଢେଙ୍କାନାଳ ଓ ଜଗତ୍‌ସିଂହପୁର ଜିଲ୍ଲା ରହିଛି। ସେହିଭଳି କ୍ଷୁଦ୍ରବର୍ଗରେ ନୟାଗଡ଼, ମାଲକାନଗିରି, ନୂଆପଡ଼ା, ସୁବର୍ଣ୍ଣପୁର, ଝାରସୁଗୁଡ଼ା, ଗଜପତି, ବୌଦ୍ଧ, ଦେଓଗଡ଼ ଜିଲ୍ଲା ରହିବ। ଅନ୍ୟପକ୍ଷରେ ଭୁବନେଶ୍ୱରରେ ନୂତନ ସ୍ୱତନ୍ତ୍ର ସର୍କିଟ୍ ହାଉସ୍, ରାଜସ୍ୱ ଭବନ ଏବଂ କଟକରେ ନୂତନ ରାଜସ୍ୱ ବୋର୍ଡ ଏବଂ ଆର୍‌ଡିସି କୋଠା ନିର୍ମାଣ ହେବ।

## ବଢ଼ିଲା ମନରେଗା ଅତିରିକ୍ତ ସହାୟତା ଅବଧି

**ଭୁବନେଶ୍ୱର:** ଗ୍ରାମାଞ୍ଚଳରେ ଜୀବିକା ସୁଦୃଢ଼ କରିବା ଏବଂ ଶ୍ରମିକମାନଙ୍କ ଆର୍ଥିକ ସ୍ଥିରତା ବୃଦ୍ଧି ଲକ୍ଷ୍ୟରେ ରାଜ୍ୟ ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ନିଯୁକ୍ତି ଯୋଜନା ଅଧୀନରେ ପ୍ରଦାନ କରୁଥିବା ଅତିରିକ୍ତ ଆର୍ଥିକ ସହାୟତାକୁ ଆର୍ଥିକବର୍ଷ ୨୦୨୮-୨୯ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏହି ସମ୍ପ୍ରସାରଣ ଦ୍ୱାରା ରାଜ୍ୟର ୯ଟି ଜିଲ୍ଲାର ୩୦ଟି ବ୍ଲକ୍‌ରେ ପ୍ରାୟ ୫.୫୭ ଲକ୍ଷ ପରିବାର ଉପକୃତ ହେବେ। ଯୋଗ୍ୟ ଗ୍ରାମୀଣ ପରିବାରକୁ ବର୍ଷକୁ ୩୦୦ ଦିନ ପାଇଁ ନିଯୁକ୍ତି ମିଳିବ। ପ୍ରଥମ ୧୦୦ ଦିନ ପାଇଁ ରାଜ୍ୟ ସରକାର ପ୍ରଚଳିତ ମନରେଗା ମଜୁରୀ ସହ ଅତିରିକ୍ତ ଦୈନିକ ୯୮ ଟଙ୍କା ପ୍ରଦାନ କରିବେ। ବାକି ୨୦୦ ଦିନ ପାଇଁ ଶ୍ରମିକମାନେ ନିୟମିତ ମନରେଗା ମଜୁରୀ ସହିତ ରାଜ୍ୟର ଅତିରିକ୍ତ ସହାୟତା ପାଇବା ଜାରି ରଖିବେ।

## କେନ୍ଦ୍ରର ନିର୍ଦ୍ଦେଶ ପରେ ପ୍ରକାଶପାଇଲା ବିଜ୍ଞପ୍ତି

# ରାଜଭବନ ହେଲା 'ଲୋକଭବନ'

## ଲୋକାଭିମୁଖୀ ଶାସନକୁ ଗୁରୁତ୍ୱ ଦେବା ପାଇଁ ପଦକ୍ଷେପ

**ଭୁବନେଶ୍ୱର,(ପିପିଏସ୍):**

କେନ୍ଦ୍ର ସରକାରଙ୍କ ସବୁଜ ସଙ୍କେତ ପରେ ରାଜ୍ୟ ରାଜଭବନର ନାମ ପରିବର୍ତ୍ତନ ହୋଇଛି। ଏଣିକି ରାଜଭବନ ନୁହେଁ 'ଲୋକଭବନ' ନାଁରେ ପରିଚିତହେବ। ଏନେଇ ବିଧିବଦ୍ଧ ବିଜ୍ଞପ୍ତି ରାଜ୍ୟପାଳଙ୍କ ସଚିବାଳୟ ପକ୍ଷରୁ ପ୍ରକାଶ ପାଇଛି। ୨୦୧୯ ମସିହାରେ ରାଜ୍ୟ ସଚିବାଳୟର ନାଁକୁ 'ଲୋକସେବା ଭବନ'କୁ ପରିବର୍ତ୍ତନ କରାଯାଇଥିଲା। ଲୋକାଭିମୁଖୀ ଶାସନକୁ ଗୁରୁତ୍ୱ ଦେବା ପାଇଁ ସରକାର ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି।



ରାଜ୍ୟପାଳଙ୍କ ସଚିବାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, କେନ୍ଦ୍ର ଗୃହ ମନ୍ତ୍ରଣାଳୟର ନଭେମ୍ବର ୨୫ତାରିଖର ଚିଠି ଆଧାରରେ ଭୁବନେଶ୍ୱର ରାଜଭବନ ଓ ପୁରୀ ରାଜଭବନର ନାମ ପରିବର୍ତ୍ତନ ହୋଇଛି। କେନ୍ଦ୍ର ଗୃହ ମନ୍ତ୍ରଣାଳୟର ନିର୍ଦ୍ଦେଶନାମା ଆଧାରରେ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି ଏହି ନାମକରଣକୁ ଅନୁମୋଦନ କରିଛନ୍ତି। ଡିସେମ୍ବର ୧ରୁ ଭୁବନେଶ୍ୱର ଏବଂ ପୁରୀରେ ଥିବା ରାଜଭବନର ନାମକୁ ପରିବର୍ତ୍ତନ କରାଯାଇ 'ଲୋକଭବନ' ଭାବେ ନାମିତ କରାଯାଇଛି। ସମସ୍ତ ସରକାରୀ କାର୍ଯ୍ୟ ପାଇଁ ଡିସେମ୍ବର ୧ରୁ ଏହି ନାମ ପରିବର୍ତ୍ତନ ତତ୍କାଳ ଲାଗୁହୋଇଛି। ୨୦୨୪ ମସିହାରେ ରାଜ୍ୟପାଳଙ୍କ ସମ୍ମିଳନୀ ସମୟରେ ହୋଇଥିବା ସୁପାରିସ ପରେ ଏହି ନିଷ୍ପତ୍ତି ନିଆଯାଇଛି, ଯେଉଁଥିରେ ଉପନିବେଶ ଯୁଗର ଶବ୍ଦରୁ ଦୂରେଇ ଯାଇ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିବା ପାଇଁ ସମଗ୍ର ଭାରତରେ ରାଜଭବନ ମାନଙ୍କର ନାମକୁ 'ଲୋକଭବନ' ନାମରେ ବଦଳାଇବାକୁ ପ୍ରସ୍ତାବ ଦିଆଯାଇଥିଲା। ରାଜଭବନର ନାମ ପରିବର୍ତ୍ତନ ସମ୍ପର୍କିତ ବିଜ୍ଞପ୍ତିକୁ ରାଜ୍ୟପାଳଙ୍କ ସଚିବାଳୟ ପକ୍ଷରୁ ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟକୁ ପଠାଯାଇଛି। ଭାରତର ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ସଚିବ, କେନ୍ଦ୍ର ଗୃହ ମନ୍ତ୍ରଣାଳୟ, ସମସ୍ତ ରାଜ୍ୟର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସମେତ ଓଡ଼ିଶାର ମୁଖ୍ୟସଚିବ, ପୁଲିସ ଡିଜି ଓ ଆଇଜି ଓ ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ମଧ୍ୟ ଏହାର ବିଜ୍ଞପ୍ତି ପଠାଯାଇଛି। ଏହି ପରିବର୍ତ୍ତନ ମାଧ୍ୟମରେ ଓଡ଼ିଶାର ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ଲୋକସେବାକୁ ଉତ୍ସର୍ଗୀକୃତ ହେବ ବୋଲି କୁହାଯାଉଛି। ରାଜ୍ୟପାଳ ଡ. କମ୍ଭମପାଟି କହିଛନ୍ତି ଯେ 'ଲୋକଭବନ' ସ୍ୱଚ୍ଛତା, ସୁଗମତା ଏବଂ ପ୍ରଶାସନ ଏବଂ ଲୋକଙ୍କ ମଧ୍ୟରେ ଏକ ଗଭୀର ସମ୍ପର୍କର ପ୍ରତୀକ। ଏହି ପଦକ୍ଷେପ ନାଗରିକମାନଙ୍କୁ ସଶକ୍ତ କରିବା, ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ସୁନିଶ୍ଚିତ କରିବାର ବ୍ୟାପକ ଦୃଷ୍ଟିକୋଣ ସହିତ ସମନ୍ୱିତ। 'ଲୋକଭବନ' ଜନସାଧାରଣଙ୍କ ସହଭାଗିତା ଏବଂ ପରାମର୍ଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବରେ କାର୍ଯ୍ୟ କରିବ। ସମସ୍ତଙ୍କ ପାଇଁ ସୁଗମତା ଉପରେ ଧ୍ୟାନ ଦିଆଯିବ ବୋଲି ରାଜ୍ୟପାଳ କହିଛନ୍ତି। ଏହି ନାମ ପରିବର୍ତ୍ତନ ସହିତ ଓଡ଼ିଶା ଉପନିବେଶବାଦୀ ନାମଗୁଡ଼ିକରୁ ଦୂରେଇ ଯାଇ ଶାସନ ପାଇଁ ଏକ ଲୋକକେନ୍ଦ୍ରିକ ଆଭିମୁଖ୍ୟ ଗ୍ରହଣ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ରାଜଭବନକୁ 'ଲୋକଭବନ' ଭାବରେ ନାମକରଣ କରିବା ଏକ ମାଇଲଖୁଣ୍ଟ ଓ ଏହା ଗୌରବ, ଗଣତନ୍ତ୍ର ଏବଂ ଜନସାଧାରଣଙ୍କ ଅଂଶଗ୍ରହଣ ଦ୍ୱାରା ପରିଚାଳିତ ଭବିଷ୍ୟତକୁ ପ୍ରତିଫଳିତ କରେ।

# ଓଡ଼ିଶାରୁ ତଡ଼ିପାର ହେଲେଣି ୪୯ ବାଂଲାଦେଶୀ

**ଭୁବନେଶ୍ୱର,(ପିପିଏସ୍):**

ଓଡ଼ିଶାରେ ନୂଆ ସରକାର ଆସିବା ପରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଚିହ୍ନଟ ହୋଇଛନ୍ତି ମୋଟ୍ ୫୧ଜଣ ବାଂଲାଦେଶୀ। ଏନେଇ ବିଧାନସଭାରେ ତଥ୍ୟ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଚିହ୍ନଟଙ୍କ ମଧ୍ୟରୁ ୪୯ଜଣଙ୍କୁ ବାଂଲାଦେଶ ପଠାଇ ଦିଆଯାଇଛି। ଦୁଇଜଣ ଜାଲ୍ କାଗଜପତ୍ରରେ ଭାରତୀୟ ପାସ୍‌ପୋର୍ଟ କରିଥିବାରୁ ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ମୁଖ୍ୟମନ୍ତ୍ରୀ ଦେଇଥିବା ତଥ୍ୟ ଅନୁସାରେ, ଖୋର୍ଦ୍ଧାରୁ ୨୪ଜଣ, କଟକରୁ ୧୫ଜଣ, ଗଞ୍ଜାମରୁ ୬ଜଣ, କନ୍ଧମାଳରୁ ୩ଜଣ, କୋରାପୁଟରୁ ଜଣଙ୍କୁ ଆଇନଗତ ଭାବେ ବାଂଲାଦେଶ ପଠାଇ ଦିଆଯାଇଛି। ଗଞ୍ଜାମ ଓ କନ୍ଧମାଳରୁ ଜଣେ ଲେଖାଏଁ ଅନୁପ୍ରବେଶକାରୀ ଜାଲ୍ କାଗଜପତ୍ର ଦେଇ ନିଜ ନାଁରେ ଭାରତୀୟ ପାସ୍‌ପୋର୍ଟ ତିଆରି କରିଥିଲେ। ସେମାନଙ୍କ ବିରୋଧରେ ମକଦ୍ଦମା ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଛି। ଏବେ ରାଜ୍ୟରେ ଅନୁପ୍ରବେଶକାରୀ ଚିହ୍ନଟ ପ୍ରକ୍ରିୟା ନିୟମିତ ଭାବେ ଚାଲୁ ରହିଥିବା ବିଧାନସଭାକୁ ଅବଗତ କରାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ। ଏଥିସହ ରାଜ୍ୟର ସମସ୍ତ ଜିଲ୍ଲାରେ ଅବୈଧ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ, ଅଟକ ଏବଂ ଦେଶାନ୍ତରୀକରଣ ପାଇଁ 'ସ୍ୱତନ୍ତ୍ର କାର୍ଯ୍ୟ ବାହିନୀ' ଗଠନ କରାଯାଇଛି। ସମସ୍ତ ଜିଲ୍ଲାର ଏସ୍‌ପିମାନଙ୍କୁ ନିୟମିତ ବାବେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ନିର୍ଦ୍ଦେଶାବଳୀ ଅନୁଯାୟୀ ଅନୁପ୍ରବେଶକାରୀ ଚିହ୍ନଟ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ୨ଟି ରାଜ୍ୟସ୍ତରୀୟ ଏବଂ ୧୮ଟି ଜିଲ୍ଲାସ୍ତରୀୟ ଅଟକ କେନ୍ଦ୍ର ଖୋଲାଯାଇଛି। ମୋଟ୍ ୨୦ଟି ଅନୁପ୍ରବେଶ କେନ୍ଦ୍ର ଖୋଲାଯାଇ ଚିହ୍ନଟ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଦେଶାନ୍ତର ପର୍ଯ୍ୟନ୍ତ ସେଠାରେ ରଖାଯାଉଛି। ଚିହ୍ନଟ ପ୍ରକ୍ରିୟାରେ ୧୭୬୮ ଜଣ ସନ୍ଦିଗ୍ଧଙ୍କ ଯାଞ୍ଚ କରାଯାଇଛି। ସେଥିମଧ୍ୟରୁ ୧୬୬୭ ଜଣଙ୍କୁ ଭାରତୀୟ ଭାବେ ଚିହ୍ନଟ କରାଯାଇ ମୁକ୍ତ କରାଯାଇଛି। ୫୧ଜଣ ବାଂଲାଦେଶୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ୪୯ଜଣଙ୍କୁ ଦେଶାନ୍ତରୀକରଣ କରାଯାଇଛି। ୨ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଅବଶିଷ୍ଟ ୫୦ଜଣ ସନ୍ଦିଗ୍ଧଙ୍କ ପରିଚୟପତ୍ର ଯାଞ୍ଚ ପ୍ରକ୍ରିୟା ଚାଲିଛି। ବାଂଲାଦେଶୀମାନଙ୍କ ଦ୍ୱାରା ବ୍ୟବହୃତ ଆପ୍ଲିକେସନ୍ ବ୍ୟବହାର କରି ପୁଲିସ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରୁଛି। ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ ଓ ତଦାରଖ ପାଇଁ ଗୁଇନ୍ଦା ବିଭାଗର ବରିଷ୍ଠ ଅଧିକାରୀ ଜିଲ୍ଲା ଗସ୍ତ କରୁଛନ୍ତି।

## ସମ୍ପାଦକୀୟ

### ଏସଆଇଆର ବିରୋଧୀ ସ୍ୱର

## ବାଟେଘାଟେ



ବିଧାନସଭାଟି ସୁରୁଖୁରୁ ଚାଲେ
ଆଉ ବାଜୁନାହିଁ ଘଣ୍ଟ
ନୂଆପଡ଼ା ଉପ ନିର୍ବାଚନ ପରେ
ନିସ୍ତେଜ ବିରୋଧୀମେଣ୍ଟ
ନୋହିଲେ ଏଇନେ ପ୍ଲାକାର୍ଡ ଧରିକି
କହିଥାନ୍ତେ ଚୋରଖଣ୍ଟ
ଯୋଗକୁ ଏଇନେ ଅସୁସ୍ଥ ଅଛନ୍ତି
ନିଜେ ଭାଲୁଭାଇ ଖୁଣ୍ଟ
ବିଧାନସଭାର ଘାଣ୍ଟ
ଆଲୋଚନା ହୋଇ ସବୁ ଚାଲିଅଛି
ଏଥିପାଇଁ ଲଡ୍ଡୁ ବାଣ୍ଟ

– ରାହୀ

## ଶତାୟୁ ଡାକ୍ତର ଲକ୍ଷ୍ମୀବାଈଙ୍କ ବଦାନ୍ୟତା

# ଏମ୍ସକୁ ଦାନକଲେ ୩.୪୦କୋଟି

**ବ୍ରହ୍ମପୁର(ପିପିଏସ୍):**

ଶହେବର୍ଷରେ ପଦାର୍ପଣ କରିବେ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ପ୍ରଫେସର ଡା.ଲକ୍ଷ୍ମୀବାଈ। ଶହେତମ ଜନ୍ମଦିନକୁ

### ସେବାରେ ଲାଗିବ ସଞ୍ଚିତ ପୁଞ୍ଜି



ସ୍ମରଣୀୟ କରିବାକୁ ଜୀବନବ୍ୟାପୀ ସଞ୍ଚିତ ପୁଞ୍ଜି ସ୍ୱାସ୍ଥ୍ୟସେବାର ବିକାଶରେ ବିନିଯୋଗ କରିଛନ୍ତି। ଆସନ୍ତା ୫ତାରିଖ ଦିନ ଶତବର୍ଷିକୀ ପାଳନ ପୂର୍ବରୁ ସେ ଭୁବନେଶ୍ୱର ଏମ୍ସକୁ ୩କୋଟି ୪୦ଲକ୍ଷ ଟଙ୍କା ଦେଇଛନ୍ତି। ଏଥିପାଇଁ ହସ୍ପିଟାଲ୍ ସହ ତାଙ୍କର ସମସ୍ତ ଆଲୋଚନା ସରିବାପରେ କାଗଜ ପତ୍ର ମଧ୍ୟ ହୋଇସାରିଛି। ଗତ ଏପ୍ରିଲ୍ ମାସରେ ଏମ୍ସକୁ ଏହି ଅର୍ଥ ପ୍ରଦାନ କରିଛନ୍ତି। ପ୍ରଫେସର ଲକ୍ଷ୍ମୀବାଈ କଟକ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରଥମ ବ୍ୟାଚ୍ ଏମ୍‌ବିବିଏସ୍ ଛାତ୍ରୀ। ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରୁ ଅବସର ନେବାପରେ ବ୍ରହ୍ମପୁର ଭାବାନଗରସ୍ଥିତ ଘରେ ରହୁଛନ୍ତି। ଆସନ୍ତା ୫ତାରିଖରେ ସେ ଶତବାର୍ଷିକୀ ପାଳନ କରିବେ। ଜୀବନବ୍ୟାପୀ ସଞ୍ଚିତ ଅର୍ଥକୁ ସ୍ୱାସ୍ଥ୍ୟସେବାରେ ଦାନକରି ସେ ଅତ୍ୟନ୍ତ ଖୁସି। ମହିଳା କର୍କଟ ରୋଗ ଚିକିତ୍ସା ଓ ଯତ୍ନ କେନ୍ଦ୍ର କରିବାକୁ ଏହି ଟଙ୍କା ସେ ଭୁବନେଶ୍ୱର ଏମ୍ସକୁ ଦାନ କରିଥିବା କହିଛନ୍ତି। ଏଥିପାଇଁ ତାଙ୍କର ବହୁ ପୁରୁଣା ଛାତ୍ରୀ ତଥା ଜଣାଶୁଣା ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗ ପ୍ରଫେସର ପି.ଭାରତୀ ଓ ଡା. ଭାରତୀ ମିଶ୍ର ତଦାରଖ କରୁଛନ୍ତି। ସ୍ୱାସ୍ଥ୍ୟସେବା ପ୍ରତି ଗୁରୁଙ୍କ ବଦାନ୍ୟତା ଦେଖି ଉଭୟେ ବେଶ ଖୁସି ହେବାସହ ତାଙ୍କ ଅଦର୍ଶ ଅନେକଙ୍କୁ ଅନୁପ୍ରାଣିତ କରିବ ବୋଲି କହିଛନ୍ତି। ଡିସେମ୍ବର ୫, ୧୯୨୬ରେ ଜନ୍ମଗ୍ରହଣ କରିଥିଲେ ଡେ କେ. ଲକ୍ଷ୍ମୀବାଈ। ୧୯୪୫ ବ୍ୟାଚ୍‌ରେ କଟକ ଏସ୍‌ସିବି ମେଡିକାଲ କଲେଜର ପ୍ରଥମ ଏମ୍‌ବିବିଏସ୍ ବ୍ୟାଚ୍‌ର ଛାତ୍ରୀ ଥିଲେ। ୧୯୫୦ରେ ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନାରୁ ତାଙ୍କର ବୃତ୍ତିଗତ ଯାତ୍ରା ଆରମ୍ଭ ହୋଇଥିଲା ଏବଂ ସେ ୧୯୮୬ରେ ଏମ୍‌କେସିଜି ମେଡିକାଲ୍ କଲେଜ, ବ୍ରହ୍ମପୁରରୁ ପ୍ରସୂତି ଏବଂ ସ୍ତ୍ରୀ ରୋଗ ବିଭାଗର ପ୍ରଫେସର ଭାବରେ ଅବସର ନେଇଥିଲେ। ଏହି ଅନୁଦାନ ଏମ୍ସ ଭୁବନେଶ୍ୱରରେ ଏକ ସ୍ୱତନ୍ତ୍ର 'ଗାଇନୋକୋଲୋଜିକାଲ୍ ଅଙ୍କୋଲୋଜି ପ୍ରୋଗ୍ରାମ୍' ସ୍ଥାପନ କରିବାରେ ସାହାଯ୍ୟ କରିବ ବୋଲି ଡାକ୍ତର ଲକ୍ଷ୍ମୀ ଆଶା ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମ ଭବିଷ୍ୟତର ବିଶେଷଜ୍ଞମାନଙ୍କୁ ତାଲିମ ଦେବା ସହ କର୍କଟ ସହ ଲଢୁଥିବା ମହିଳାଙ୍କ ପାଇଁ ଉନ୍ନତ ଚିକିତ୍ସା ବିକଳ୍ପ ଯୋଗାଇବ। ସ୍ୱାସ୍ଥ୍ୟସେବାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଭାରତ ଜ୍ୟୋତି ଆୱାର୍ଡ, ଇଣ୍ଟର ନ୍ୟାସନାଲ ଫ୍ରେଣ୍ଡସିପ୍ ସୋସାଇଟି ଆୱାର୍ଡ ଏବଂ ବେଷ୍ଟ ସିଟିଜେନ୍ ଅଫ୍ ଇଣ୍ଡିଆ ଆୱାର୍ଡ ପାଇଛନ୍ତି।

### ମହିଳାଙ୍କ କର୍କଟ ରୋଗ ଚିକିତ୍ସା ଓ ଯତ୍ନ ପାଇଁ ଖର୍ଚ୍ଚହେବ ଦାନଅର୍ଥ

## କହିକହି ଶୁଣିଲେନି

# ଜିଲ୍ଲାପାଳଙ୍କ ଆଗରେ ନିଜକୁ ଜାଳିବା ଉଦ୍ୟମ କଲେ ବିଧବା

**ବାଙ୍କୀ,(ପିପିଏସ୍):** ପ୍ରଶାସନିକ ଅଧିକାରୀଙ୍କୁ ଗୁହାରି କରିକରି ନିରାଶହେଲେ। କହିକହି କେହି ଶୁଣିଲେନି। ଶେଷରେ ଜିଲ୍ଲାପାଳଙ୍କ ଆଗରେ ଜୀବନହାରିବାକୁ ଉଦ୍ୟମକଲେ। ବାଙ୍କୀ ବୈଦେଶ୍ୱର ପଞ୍ଚାୟତ ରଙ୍ଗଣୀସାହିର ମୃତ ବନମାଳୀ ଖଟୁଆଙ୍କ ପତ୍ନୀ ସସ୍ମିତା ମାଝୀଙ୍କ ଏଭଳି ଉଦ୍ୟମ ସମଗ୍ର ବାଙ୍କୀ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସୋମବାର କଟକ ଜିଲ୍ଲାପାଳଙ୍କ ଜନଶୁଣାଣି



ଶିବିରରେ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ ସସ୍ମିତା। ଖବର ମୁତାବକ, ସସ୍ମିତାଙ୍କ ସ୍ୱାମୀ ବନମାଳୀ ଦୁଇବର୍ଷ ପୂର୍ବେ ମୃତ୍ୟୁବରଣ କରିଥିଲେ। ସ୍ୱାମୀ ମରିବା ପରେ ଶାଶୂଘର ଏବଂ ବାପଘରେ ତାଙ୍କର ଛୋଟପୁଅକୁ ନେଇ ସସ୍ମିତା ରହିଆସୁଛନ୍ତି। ସ୍ୱାମୀଙ୍କ ମୃତ୍ୟୁ ପରେ ପରିବାର ମଙ୍ଗଳ ଯୋଜନାରେ ସରକାରୀ ପ୍ରାପ୍ୟ ପାଇବା ନିମନ୍ତେ ବିଭାଗୀୟ ଅଧିକାରୀ, ବାଙ୍କୀ ତହସିଲଦାର, ସ୍ଥାନୀୟ ଆର୍‌ଆଇ, ବିଡିଓ ଏବଂ ଉପଜିଲ୍ଲାପାଳଙ୍କୁ ସେ ଗୁହାରି କରିଥିଲେ। କେବଳ ସେତିକିନୁହେଁ, ଜିଲ୍ଲାପାଳଙ୍କ ନିକଟରେ ଦୁଇଥର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ତେଣୁ ଜନଶୁଣାଣି ଶିବିରରେ ଯଦି ସମାଧାନ ନହୁଏ, ତେବେ ସେ ଛୋଟପୁଅକୁ ନେଇ ପେଟ୍ରୋଲ ଢାଳି ଆତ୍ମହତ୍ୟା କରିବେ ବୋଲି ନିଷ୍ପତ୍ତି ନେଇଥିଲେ। ସେହି ଅନୁଯାୟୀ ସେ ଆତ୍ମାହୁତି ଉଦ୍ୟମ କରୁଥିଲେ। ଘଟଣାସ୍ଥଳରେ ଥିବା ବାଙ୍କୀ ପୁଲିସ ଓ ଜିଲ୍ଲାପାଳଙ୍କ ଅଙ୍ଗରକ୍ଷକ ତାଙ୍କୁ କାବୁକରି ନେଇଥିଲେ।

ପ୍ରଜାତନ୍ତ୍ର




# ଥାର୍ଟି ମିଟର ଟେଲିସ୍କୋପ



ମାନବଜାତିର ସବୁଠାରୁ ଗଭୀର ପ୍ରଶ୍ନର ଉତ୍ତର ଖୋଜିବା ପାଇଁ ଭାରତ ଓ ଜାପାନ ଉଦ୍ୟମ ଆରମ୍ଭ କରିଛନ୍ତି। ଉଭୟ ଦେଶ ମିଶି ୩୦ମିଟରର ବିଶାଳକାୟ ଟେଲିସ୍କୋପ ନିର୍ମାଣ କରୁଛନ୍ତି, ଯାହାକୁ 'ଥାର୍ଟି ମିଟର ଟେଲିସ୍କୋପ'(ଟିଏମ୍ଟି) କୁହାଯାଉଛି। ଏହି ଅତ୍ୟାଧୁନିକ ଅପ୍ଟିକାଲ-ଇନ୍ଫ୍ରାରେଡ ଟେଲିସ୍କୋପ ମାଧ୍ୟମରେ ବ୍ଲାକ ହୋଲ୍, ଦୂର ଗାଲାକ୍ସି ଅଧ୍ୟୟନ କରାଯିବ। ଏଥିସହ ପୃଥିବୀ ବାହାରେ ଜୀବନର ଅନୁସନ୍ଧାନ କରାଯାଇପାରିବ ବୋଲି କୁହାଯାଇଛି। 'ଟିଏମ୍ଟି'ର ପ୍ରାଥମିକ ଦର୍ପଣ ୩୦ ମିଟର ବ୍ୟାସ ବିଶିଷ୍ଟ ହେବ, ଯାହା ୫୦୦ରୁ ଅଧିକ ଛୋଟ ଦର୍ପଣକୁ ଠିକ୍ ଭାବରେ ସଂଯୋଜିତ କରି ନିର୍ମାଣ କରାଯିବ। ଏହି ଛୋଟ ଦର୍ପଣଗୁଡ଼ିକୁ ସମ୍ପୂର୍ଣ୍ଣ ସିଧା ଓ ସମାନ କରି ରଖିବା ପାଇଁ ଆବଶ୍ୟକ ହେଉଥିବା ଅପଟ୍ରୋ-ମେକାନିକାଲ ସିଷ୍ଟମ ପ୍ରସ୍ତୁତିରେ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଜାପାନର କ୍ୟାବିନେଟ ଅଫିସ୍ ନାଶନାଲ ସ୍ପେସ୍ ପଲିସି କମିଟିର ଭାଇସ୍ ଚେୟାରମ୍ୟାନ ଡ. ସାକୁ ସୁନେତା ଭାରତର ଏହି ପ୍ରଯୁକ୍ତି ସମ୍ପର୍କିତ ଜ୍ଞାନକୁ ପ୍ରଶଂସା କରିଛନ୍ତି। ଏହି ଅନ୍ତର୍ଜାତୀୟ ପ୍ରକଳ୍ପରେ ଭାରତ, ଜାପାନ ଏବଂ ଆମେରିକାର ଦୁଇଟି ପ୍ରମୁଖ ବିଶ୍ୱବିଦ୍ୟାଳୟ ମିଶି କାର୍ଯ୍ୟ କରୁଛନ୍ତି। ଭାରତରୁ ଆଇଆଇଏ(ବେଙ୍ଗାଲୁରୁ), ଆଇୟୁସିଏଏ(ପୁଣେ) ଏବଂ ଏଆରଆଇଇଏସ୍(ନୈନିତାଲ) ସାମିଲ ଅଛନ୍ତି। ମୁଖ୍ୟ ଲକ୍ଷ୍ୟ ଅନ୍ୟ ତାରାଗୁଡ଼ିକ ଚାରିପଟେ ଘୂରୁଥିବା ବାହ୍ୟ ଗ୍ରହର ବାୟୁମଣ୍ଡଳ ବିଶ୍ଳେଷଣ କରି ଜଳୀୟବାଷ୍ପ ବା ଜୈବିକ ଅଣୁ ପରି ଜୀବନର ରାସାୟନିକ ସଙ୍କେତ ଖୋଜିବା। ଏହାର ନିର୍ମାଣ ପାଇଁ ହାୱାଇର ମୌନାକିଆକୁ ଚୟନ କରାଯାଇଛି, ଯାହାକି ଉତ୍କୃଷ୍ଟ ନୀଳ ଆକାଶ ପାଇଁ ପ୍ରସିଦ୍ଧ। ତେବେ ସ୍ଥାନୀୟ ମୂଳ ନିବାସୀଙ୍କ ବିରୋଧ ଯୋଗୁ ନିର୍ମାଣ କାର୍ଯ୍ୟରେ ସମସ୍ୟା ଉପୁଜିଛି। ତେବେ ଏନେଇ ଆପୋସ ଆଲୋଚନା ଜାରି ରହିଛି। ଅପରପକ୍ଷେ ଏଥିଲାଗି ଲଦାଖର ହାନ୍ଲେକୁ ଏକ ବିକଳ୍ପ ସ୍ଥଳୀ ଭାବରେ ବିଚାର କରାଯାଉଛି। ତେବେ ଭାରତର ପ୍ରଯୁକ୍ତିଗତ ଅବଦାନ ଯୋଗୁ ଏହି ପ୍ରକଳ୍ପର କାର୍ଯ୍ୟ ୨୦୩୦ ଦଶକର ମଧ୍ୟଭାଗ ସୁଦ୍ଧା କାର୍ଯ୍ୟକ୍ଷମ ହେବବୋଲି ଆଶାପ୍ରକାଶ କରାଯାଇଛି।

# ଆଜିର ରାଶିଫଳ

**ମେଷ** – କାମରେ ଆପଣଙ୍କର ଆତ୍ମବିଶ୍ୱାସର ଝଲକ ଦେଖାଦେବ। ଅନ୍ୟମାନଙ୍କୁ ନିଜ କଥାରେ ଆପଣଙ୍କ ଆଡ଼କୁ ଆକର୍ଷିତ କରିନେବେ। ଛାତ୍ରଛାତ୍ରୀ ପରୀକ୍ଷାରେ ସଂପର୍କରେ ଶୁଭ ଖବର ପାଇବେ।

**ବୃଷ** – ଧନ ସଂପତ୍ତି ବୃଦ୍ଧି ଯୋଗ ଅଛି। ଅଯଥା କଥା ଠାରୁ ଦୂରରେ ରହନ୍ତୁ। ବନ୍ଧୁ ସହ ବାହାରକୁ ବୁଲି ଯିବା ବାତିଲ ହୋଇପାରେ। ସନ୍ତାନଙ୍କ ତରଫରୁ ଆପଣ ନିଶ୍ଚିତ ରହିବେ।

**ମିଥୁନ** – କାର୍ଯ୍ୟକ୍ଷେତ୍ରରେ ଖୁବ୍ ପରିଶ୍ରମ କରିବେ। ଓକିଲଙ୍କ ଲାଗି ଦିନଟି ଭଲ ରହିବ। କେ ?ଣସି ବିଶେଷ ବ୍ୟକ୍ତିଙ୍କ ସହ ସାକ୍ଷତ ହେବ। ପ୍ରସାଧନ ଦୋକାନୀଙ୍କର ଉନ୍ନତି ହେବ। ବିଜ୍ଞାନ ଛାତ୍ରଙ୍କ ଲାଗି ଭଲ ଦିନଟିଏ।

**କର୍କଟ** – ଆର୍ଥିକ ଚିନ୍ତା ଦୂର ହେବ। ପରିଶ୍ରମର ଫଳ ସନ୍ତୋଷଜନକ ହେବ। ଦାମ୍ପତ୍ୟ ଜୀବନରେ ଆପୋସୀ ତାଳମେଳ ବଢ଼ିବ। ଆପଣ କେ ?ଣସି କଥାକୁ ନେଇ ନେତୃତ୍ୱ କରିବେ। କୃଷିଜୀବୀଙ୍କୁ ଲାଭ ହୋଇପାରେ।

**ସିଂହ** – ଦିନଟି ଆପଣଙ୍କୁ ଲାଭ ଦେବ। ପ୍ରତ୍ୟେକ ଜିନିଷକୁ ଭଲଭାବେ ସମ୍ଭାଳି ନେବେ। ଆପଣଙ୍କ ପୁଅର କ୍ୟାରିୟର ପାଇଁ ବାସ ସ୍ଥାନ ପରିବର୍ତ୍ତନ କରିପାରନ୍ତି। ଠିକାଦାରଙ୍କ ଲାଗି ଦିନଟି ଲାଭପ୍ରଦ।

**କନ୍ୟା** – ବ୍ୟବସାୟ ଜିଲ୍ଲା ବାହାରେ ବିସ୍ତାର ପାଇଁ ପ୍ରୟାସ କରିବେ। ଘରକୁ କୁଣିଆ ଆସିବା ଯୋଗୁଁ ପିଲାମାନଙ୍କର ଉତ୍ସାହ ଦେଖାଦେବ। ଚାକିରି ଖୋଜୁଥିବା ଯୁବକଙ୍କୁ ଭଲ ଚାକିରି ମିଳିପାରେ।

**ତୁଳା** – ବ୍ୟବସାୟରେ ପୁଞ୍ଜି ନିବେଶ ଲାଗି କେ ?ଣସି ବିଶେଷଜ୍ଞଙ୍କର ପରାମର୍ଶ ନେବେ। ପରିବାରରେ ଲାଗି ରହିଥିବା ମତଭେଦ ସମାପ୍ତ ହେବ। କେ ?ଣସି ମାମଲାର ସହମତି ପାଇଁ ପ୍ରସ୍ତୁତ ରହନ୍ତୁ।

**ବିଛା** – ମାର୍ବଲ ବ୍ୟବସାୟୀଙ୍କ ଲାଗି ଦିନଟି ଭଲ ରହିବ। ରାଜନୀତି କ୍ଷେତ୍ରରେ ଥିବା ଲୋକଙ୍କର ମାନ ସମ୍ମାନ ବଢ଼ିବ। ଇଂଜିନିୟ ଛାତ୍ର ପରୀକ୍ଷାରେ ଭଲ କରିବେ। ମଧୁମେହ ରୋଗୀଙ୍କୁ ଆରାମ ମିଳିବ।

**ଧନୁ** – ଆପଣଙ୍କ କ୍ୟାରିୟରରେ ନୂଆ କୀର୍ତ୍ତିମାନ ସ୍ଥାପିତ କରିବାର ସଫଳ ରହିବେ। ପ୍ରେମୀ ଯୁଗଳ ନିଜର ସମ୍ବନ୍ଧକୁ ନେଇ ପରିବାର ଲୋକଙ୍କ ସହ କଥା ହେବେ। ବ୍ୟବସାୟୀଙ୍କୁ ଯଥେଷ୍ଟ ଲାଭ ମିଳିବ।

**ମକର** – କ୍ୟାରିୟରରେ କିଛି ସକାରାତ୍ମକ ପରିବର୍ତ୍ତନ ହେବ। ଗାଡ଼ି କିଣିବା ପୂର୍ବରୁ ପରିବାର ଲୋକଙ୍କ ସହ ବିଚାର କରିବେ। ଧାର ଦେଇଥିବା ଅର୍ଥ ଫେରସ୍ତ ପାଇବେ। ପ୍ରେମ ସମ୍ବନ୍ଧରେ ପ୍ରଗାଢ଼ତା ଆସିବ।

**କୁମ୍ଭ** – ସନ୍ତାନର ଭଲ ଜାଗାରେ ଚାକିରି ହେବା ଯୋଗୁଁ ପରିବାରରେ ଖୁସିର ବାତାବରଣ ରହିବ। ଘର ସଜାଇବା ପାଇଁ ଆପଣଙ୍କୁ କେ ?ଣସି ଦାୟିତ୍ୱ ଦିଆ ଯାଇପାରେ। ବିରୋଧୀ ଆପଣଙ୍କୁ ସାହାଯ୍ୟ ମାଗିବେ।

**ମୀନ** – ବ୍ୟବସାୟୀଙ୍କ ଲାଗି ଦିନଟି ଶୁଭପ୍ରଦ। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିବ। ଜମି ବିବାଦ ସମାପ୍ତ ହୋଇଯିବ। ଭାଗୀଦାରିରେ କାମ ଆପଣଙ୍କ ଲାଗି ଲାଭଦାୟକ ହେବ। ଅଫିସରେ ନୂଆ କାମ ହାତକୁ ନେବେ।

# ଘରୋଇ ଉପଚାର ଦ୍ୱାରା ରୂପଚର୍ଯ୍ୟା

**ଗ୍ରୀକ୍, ଇଜିପ୍ଟରେ ବହୁ ବର୍ଷ ପୂର୍ବେ ସୌନ୍ଦର୍ଯ୍ୟକୁ ନେଇ ମଧ ଲୋକେ ବେଶ୍ ସଜାଗ ରହୁଥିଲେ ବୋଲି ଇତିହାସରେ ବର୍ଣ୍ଣନା କରା ଯାଇଛି । ଜାଣନ୍ତୁ କେଉଁସବୁ ଘରୋଇ ଉପଚାର ଦ୍ୱାରା ସେମାନେ ରୂପଚର୍ଯ୍ୟା କରୁଥିଲେ...**



ସି-ୱିଡ୍: ସମୁଦ୍ରରେ ମିଳୁଥିବା ଗୁଳ୍ମ ବା ସି-ୱିଡ୍ରେ ରହିଛି ସୌନ୍ଦର୍ଯ୍ୟ ବୃଦ୍ଧିକାରୀ ତତ୍ତ୍ୱ। ବିଶେଷ କରି ଏଥିରେ ଥିବା ଆଣ୍ଟି-ଇନ୍ଫ୍ଲାମେଟୋରି ଏବଂ ଆଣ୍ଟି-ମାଇକ୍ରୋବାୟାଲ୍ ଗୁଣ ମୁହଁ ଏବଂ ତ୍ୱଚାରେ ଫୁଲିବା, ବ୍ୟାକ୍ଟେରିଆଲ୍ ଇନଫେକ୍ସନ ଆଦି ହେବାକୁ ଦିଏ ନାହିଁ। ତା'ଛଡା ଏହା ତ୍ୱଚାର ଉଜ୍ଜ୍ୱଳତା ଦୂରକରିଥାଏ। ତେଣୁ ଏହାକୁ ତ୍ୱଚାର ସୁରକ୍ଷା ତଥା ସୌନ୍ଦର୍ଯ୍ୟ ବୃଦ୍ଧି କରିବା ଲାଗି ବ୍ୟବହାର କରାଯାଏ। ଆପଣ ବି ଚାହିଁଲେ ଏହାକୁ ବ୍ୟବହାର କରି ତ୍ୱଚାର ଯତ୍ନ ନେଇପାରିବେ।

**କେଶର:** ଇହିହାସରେ ବର୍ଣ୍ଣନା ଅଛି ଯେ, ଇଜିପ୍ଟର ରାଣୀ କ୍ଲିଓପାଟ୍ରା ତାଙ୍କ ଆକର୍ଷଣୀୟ ରୂପ ପାଇଁ ବେଶ୍ ଚର୍ଚ୍ଚାରେ ଥିଲେ। ନିଜ ସୌନ୍ଦର୍ଯ୍ୟକୁ ବୃଦ୍ଧି କରିବା ଲାଗି ସେ ଗଧ କ୍ଷୀରରେ କେଶର ଏବଂ ଗୋଲାପ ପାଖୁଡା ପକାଇ ଗାଧୋଉଥିଲେ। ତେଣୁ ସେବେଠୁ କେଶରକୁ ତ୍ୱଚାର ସୁନ୍ଦରତା ବଢ଼ାଇବା ପାଇଁ ବ୍ୟବହାର କରାଯାଉଛି। ଏମିତିକି ପରଫ୍ୟୁମ୍, ଲିପ୍‌ଷ୍ଟିକ୍, କ୍ରିମ୍, ଏସେନ୍ସିଆଲ୍ ଅଏଲ୍ ଆଦି ପ୍ରସ୍ତୁତ କରିବା ପାଇଁ ଏହାକୁ ବ୍ୟବହାର କରାଯାଇଥାଏ।

**ଗଛ ଛାଲି:** ୧୧ ଶତାବ୍ଦୀ ବେଳକୁ ମିଆଁମାର୍ର ଲୋକମାନେ ଥାନାକା ନାମକ ଏକ ଗଛର ଛାଲିକୁ ପାଣି ପକାଇ ପେଡିରେ ଘୋରି ମୁହଁ ଦେହ ଆଦିରେ ଲଗାଉଥିଲେ। ଯାହାକି ତାଙ୍କୁ ଖରାରେ ଆସୁଥିବା ୟୁଭି ଲାଇଟ୍ରୁ ସୁରକ୍ଷା ଦେଉଥିଲା। ସେହିପରି ଚନ୍ଦନ କାଠକୁ ମଧ ବ୍ୟବହାର କରୁଥିଲେ। ଏବେବି ଚନ୍ଦନ କାଠର ଡିମାଣ୍ଡ ରହିଛି। ଏହାକୁ ବ୍ୟବହାର କରି ସୌନ୍ଦର୍ଯ୍ୟ ବୃଦ୍ଧି କରିପାରିବେ।

**ଗୋଲପ ପାଖୁଡା:** ଏହାକୁ ନା କେବଳ ବର୍ତ୍ତମାନ ପରଫ୍ୟୁମ୍, ଲିପ୍‌ଷ୍ଟିକ୍, କ୍ରିମ୍, ଏସେନ୍ସିଆଲ୍ ଅଏଲ୍, ମଶ୍ଚରାଇଜର ଆଦିରେ ବ୍ୟବହାର କରାଯାଉଛି, ବରଂ ପୁରାତନ କାଳରେ ମଧ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଏହାକୁ ବ୍ୟବହାର କରାଯାଉଥିଲା। ରାଣୀ, ରାଜକୁମାରୀମାନେ ଗୋଲାପ ପାଖୁଡାକୁ କ୍ଷୀର, ଦହି, ହଳଦୀ ଆଦି ସହିତ ମିଶାଇ ମୁହଁ ଏବଂ ଶରୀରରେ ମାସ୍କ ଭଳି ଲଗାଉଥିଲେ। ଏମିତିକି ଗାଧୁଆ ପାଣିରେ ଗୋଲାପ ପାଖୁଡା ପକାଇ ଗାଧୋଉଥିଲେ। ଏଭଳି ଆପଣ ବି କରି ନିଜର ସୌନ୍ଦର୍ଯ୍ୟ ବୃଦ୍ଧି କରିପାରିବେ।

# ରାତିରେ ଖାଆନ୍ତୁନି ଏହି ଖାଦ୍ୟ

**ଫଳ:** ଫଳରେ ଅନେକ ପୋଷକତତ୍ତ୍ୱ ଭରି ରହିଛି। ହେଲେ ଏହାକୁ ରାତିରେ ଖାଇଲେ ହଜମ ହେବାରେ କଷ୍ଟ ହୋଇଥାଏ। ତା'ଛଡ଼ା ଏହାଦ୍ୱାରା ଛାତିରେ କଫ ଜମା ହେବାର ବି ଆଶଙ୍କା ଥାଏ।

**ତେଲ ମସଲାଯୁକ୍ତ ଖାଦ୍ୟ:** ରାତ୍ରଭୋଜନରେ ଏଭଳି ଖାଦ୍ୟ ଖାଇଲେ ହଜମ ନ ହୋଇପାରି ଏସିଡିଟି, ଗ୍ୟାସ୍ ଏବଂ ଛାତି ଜଳିବା ଭଳି ସମସ୍ୟା ଉପୁଜିଥାଏ। ଏଣୁ ନିଦ୍ରାରେ ବାଧା ସୃଷ୍ଟି ହୋଇଥାଏ। ଏହା ବଦଳରେ ଆପଣ ଅଳ୍ପ ତେଲ ମସଲାଯୁକ୍ତ ସୁଷମ ଖାଦ୍ୟ ଖାଇଲେ ସ୍ୱାସ୍ଥ୍ୟ ପ୍ରତି ହିତକର।

**ଚା କିମ୍ବା କଫି:** ଅନେକଙ୍କର ସକାଳୁ ଉଠିଲେ ଏବଂ ଶୋଇବା ପୂର୍ବରୁ ଚା କିମ୍ବା କଫି ପିଇବାର ଅଭ୍ୟାସ ରହିଛି। ହେଲେ ଆପଣ ଜାଣନ୍ତି କି ଏକ ରିସର୍ଚ୍ଚ ରିପୋର୍ଟ ମୁତାବକ ରାତିରେ ଏକ କପ୍ ଷ୍ଟ୍ରଙ୍ଗ୍ କଫି ପିଇବା ଦ୍ୱାରା ଏଥିରେ ଥିବା କ୍ୟାଫିନ୍ ଯୋଗୁ ୨ ଘଣ୍ଟାର ନିଦ୍ରା ନଷ୍ଟ ହୋଇଥାଏ। ତେଣୁ ଭଲ ନିଦ୍ରା ପାଇଁ ରାତିରେ ଏସବୁ ପିଇବା ଆଦୌ ହିତକର ନୁହେଁ।

**ଚକୋଲେଟ୍:** ଖାଇ ସାରିବା ପରେ କିଛି ମିଠା କିମ୍ବା ଚକୋଲେଟ୍ ଖାଇବାକୁ ଅନେକେ ପସନ୍ଦ କରନ୍ତି। ହେଲେ ରାତିରେ ଚକୋଲେଟ୍ ଖାଇଲେ ଏଥିରେ ଥିବା କ୍ୟାଫିନ୍ ନିଦ୍ରାହୀନତାର କାରଣ ସାଜିଥାଏ। ଏହା ବ୍ୟତୀତ ଏଥିରେ ଅଧିକ ମାତ୍ରାରେ ଥିବା ଚିନି ବା ସୁଗାର ମଣିଷଠାରେ ମେଦବହୁଳତା ସମସ୍ୟା ସୃଷ୍ଟି କରିଥାଏ।



# ପିଲା ଭୁଲ୍ କରୁଥିଲେ, କେମିତି ସମ୍ଭାଳିବେ



**ଅଭିଭାବକଙ୍କ ବ୍ୟବହାର ପିଲାଙ୍କ ବ୍ୟକ୍ତିତ୍ୱକୁ ଆକାର ଦେଇଥାଏ। ତେଣୁ ପିଲାଙ୍କର କୌଣସି ଭୁଲ୍ରେ ହଠାତ୍ ରାଗିଯାଇ ଗାଳିଦେବା କିମ୍ବା ମାଡ଼ ମାରିବା ପରିବର୍ତ୍ତେ ପ୍ରଥମେ ତାଙ୍କୁ ସ୍ନେହରେ ଭଲ ଭାବେ ବୁଝାଇଲେ ସେମାନେ ସହଜରେ ନିଜ ଭୁଲ୍ ବୁଝିପାରନ୍ତି। ଏହା ନା କେବଳ ସେମାନଙ୍କ ମନରେ ସକାରାତ୍ମକ ପ୍ରଭାବ ପକାଏ ନା ଆତ୍ମବିଶ୍ୱାସ ବୃଦ୍ଧି କରିଥାଏ ବରଂ ଏହାଦ୍ୱାରା ଅଭିଭାବକ ଓ ପିଲାଙ୍କ ମଧ୍ୟରେ ସମ୍ପର୍କ ଆହୁରି ସୁଦୃଢ଼ ହୋଇଥାଏ...**

ପିଲାଙ୍କ ବ୍ୟବହାର, ଚିନ୍ତାଧାରା ଏବଂ କାର୍ଯ୍ୟକଳାପ ଅଭିଭାବକଙ୍କର ସେମାନଙ୍କ ପ୍ରତି ବ୍ୟବହାର ଉପରେ ବହୁମାତ୍ରାରେ ନିର୍ଭର କରିଥାଏ। ଯଦିଓ ସମସ୍ତେ ନିଜ ପିଲା ପାଇଁ ସବୁବେଳେ ଭଲ କରିବାକୁ ଚାହାନ୍ତି ଆଉ ଏଥିପାଇଁ ସେମାନଙ୍କ ଭୁଲ୍ ସୁଧାରିବା ଲାଗି କେବେ କେବେ ମାଡ଼, ଗାଳି ମଧ୍ୟ ଦେଇଥାନ୍ତି ହେଲେ ସବୁବେଳେ ଏପରି ଆଚରଣ ଠିକ୍ ନୁହେଁ। କାରଣ ଏହାଦ୍ୱାରା ପିଲାଙ୍କ ମାନସିକତା ଉପରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିଥାଏ...

କଥା ଲୁଚାଇବା: ସାଧାରଣତଃ ପିଲାମାନେ ଖେଳକୁଦ, ମଜାମସ୍ତି ଭିତରେ ଛୋଟ ଛୋଟ ଭୁଲ୍ କରିବସନ୍ତି। ଏହା ଭୁଲ୍ ବୋଲି ତାଙ୍କୁ ବୁଝାଇବା ଦ୍ୱାରା ସେମାନେ ଏହା ଅନୁଭବ କରନ୍ତି ଏବଂ ଏହା ସେମାନଙ୍କ ଭଲ କଥା ଶିଖିବାର ଏକ ପ୍ରକ୍ରିୟା। ହେଲେ ଏମିତି ଅନେକ ମାତାପିତା ଅଛନ୍ତି ଯେଉଁମାନେ ପିଲାଙ୍କ ପ୍ରତିଟି ଭୁଲ୍ରେ ଖୁବ୍ ଜୋର ରାଗିଯାଇ ଗାଳିଦିଅନ୍ତି, ଏମିତିକି କେହି କେହି ବାଡ଼େଇବାକୁ ବି ପଛାନ୍ତି ନାହିଁ। ଏ କ୍ଷେତ୍ରରେ ପିଲା ନିଜ ଭୁଲ୍ରୁ ଶିଖିବା ପରିବର୍ତ୍ତେ ଭୟରେ ଭୁଲ୍କୁ ମାଆବାପାଙ୍କ ଆଗରେ ଲୁଚାଇବା ଆରମ୍ଭ କରିଦିଏ; ଯାହାକି ଧୀରେ ଧୀରେ ସେମାନଙ୍କୁ ମାନସିକ ସ୍ତରରେ ଅଭିଭାବକଙ୍କଠାରୁ ଦୂରେଇଦିଏ।

**ଆତ୍ମବିଶ୍ୱାସ କମିଯିବା:** ପ୍ରତ୍ୟେକ ପିଲା ପରସ୍ପରଠୁ ଭିନ୍ନ ଏବଂ ଚିନ୍ତାଧାରା ମଧ୍ୟ ଅଲଗା ହୋଇଥାଏ। ଏମିତିରେ ପିଲା କିଛି ଭୁଲ୍ କଲେ ଯେତେବେଳେ ଅଭିଭାବକ ତାଙ୍କ ଭାବନାକୁ ବୁଝିବା ବଦଳରେ ଗାଳିକରିବା ଆରମ୍ଭ କରିଦିଅନ୍ତି। ଏଭଳି ପରିସ୍ଥିତିରେ ସେମାନେ ନିଜ ପକ୍ଷ ରଖିବାକୁ ପଛଘୁଞ୍ଚା ଦେଇଥାନ୍ତି। ଏହା ସେମାନଙ୍କୁ ମାନସିକ ସ୍ତରରେ ଦୁର୍ବଳ କରିଦିଏ ଏବଂ ଆତ୍ମବିଶ୍ୱାସ କମିଯାଏ।

**ନିଜକୁ ଦୋଷୀ ଭାବିବା:** ସବୁବେଳେ ପିଲାଙ୍କୁ ଗାଳିଦେଲେ ଏହା ପିଲାଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଇଥାଏ। ଏମିତିକି ସେମାନେ ନିଜକୁ ସବୁବେଳେ ଦୋଷୀ ବୋଲି ଭାବିବା ଆରମ୍ଭ କରିଦିଅନ୍ତି। ଏହାଦ୍ୱାରା ଭୁଲ୍କୁ ସୁଧାରି ଠିକ୍ କାମ କରିବା ପରିବର୍ତ୍ତେ ମୁଁ ଯାହା କରିବି ତାହା ଭୁଲ୍ ହିଁ ହୋଇଯିବ ଭାବି ବାରମ୍ବାର ଭୁଲ୍ କରିବସନ୍ତି।

**କ୍ରୋଧ କରିବା:** ପିଲା ଭୁଲ୍ କଲେ ବୁଝାଇବା ସହ କେବେ କେବେ ଗାଳି ଦେବାକୁ ପଡ଼ିଥାଏ। ହେଲେ ଏହାର ଅର୍ଥ ନୁହେଁ ନିଜ ଉପରୁ ନିୟନ୍ତ୍ରଣ ହରାଇ ବସି ଚିଲେଇବା, ବିଭିନ୍ନ ଅପଶବ୍ଦ ବ୍ୟବହାର କରିବା। କାରଣ ଏହା ପିଲାଙ୍କୁ ଏତେମାତ୍ରାରେ ପ୍ରଭାବିତ କରେ ଯେ, ଧୀରେ ଧୀରେ ସେମାନଙ୍କ ସ୍ୱଭାବ ବି ଚିଡ଼ିଚିଡ଼ା ଏବଂ ରାଗି ହୋଇଯାଏ। ଯାହାଦ୍ୱାରା ସେମାନେ କଥା କଥାରେ କ୍ରୋଧିତ ହୋଇପଡ଼ନ୍ତି।

**କ'ଣ କରିବା ଦରକାର...**

- ପିଲା କୌଣସି ଭୁଲ୍ କଲେ ରାଗରେ ଗାଳିଦେବା ପରିବର୍ତ୍ତେ ଶାନ୍ତିପୂର୍ବକ କଥା ହୁଅନ୍ତୁ ଏବଂ ଏହି ଭୁଲ୍ ଯୋଗୁ କ'ଣ ସବୁ ଅସୁବିଧା ହୋଇପାରେ ବୁଝାନ୍ତୁ। ଏପରି କଲେ ପିଲାଙ୍କଠାରେ ଆତ୍ମବିଶ୍ୱାସ ବଢ଼ିଥାଏ।
- ଭୁଲ୍ କଲେ ହଠାତ୍ ପ୍ରତିକ୍ରିୟା ପ୍ରକାଶ ନ କରି ପିଲାଙ୍କ କଥା ଶୁଣନ୍ତୁ ଏବଂ ତାଙ୍କ ଭାବନାକୁ ବୁଝିବାକୁ ଚେଷ୍ଟା କରନ୍ତୁ। କାରଣ ସେମାନଙ୍କ ସହ ଖୋଲା ଭାବେ ଏବଂ ସକାରାତ୍ମକ ଢଙ୍ଗରେ କଥା ହେଲେ ସେମାନେ ଡରିବା, ମିଛ କହିବା ବଦଳରେ ନିଜ ଭୁଲ ବୁଝିପାରନ୍ତି ଏବଂ ଏହାର ପୁନରାବୃତ୍ତି ଆଉ କରନ୍ତି ନାହିଁ। ଏପରି କଲେ ପିଲାଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଭଲ ପ୍ରଭାବ ପଡ଼ିବ।
- ଯଦିଓ କେବେ କେବେ ପିଲାଙ୍କୁ ସୁଧାରିବା ପାଇଁ ଛୋଟ ଛୋଟ ଦଣ୍ଡଦେବା ଦରକାର ହେଲେ ଏହା ଆବଶ୍ୟକରୁ ଯେପରି ଅଧିକ ନ ହୁଏ ସେଥିପ୍ରତି ଯତ୍ନଶୀଳ ହୁଅନ୍ତୁ। ପିଲାଙ୍କୁ ଶାରୀରିକ କଷ୍ଟ ଏବଂ ମାନସିକ ଡରଠୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ।
- ଭୁଲ୍ କଲେ ବୁଝାଇବା ଯେତିକି ଗୁରୁତ୍ୱପୂର୍ଣ୍ଣ ପିଲାଙ୍କୁ ଭଲ ମାର୍ଗରେ ନେବା ଲାଗି ଠିକ୍ କଲେ କିମ୍ବା କୌଣସି ଭଲ କାମ କଲେ ପ୍ରଶଂସା କରିବା ବି ସେତିକି ଗୁରୁତ୍ୱପୂର୍ଣ୍ଣ। ଏପରି କରନ୍ତୁ ଦେଖିବେ ପିଲାଙ୍କଠାରେ ସବୁବେଳେ ଭଲ କାମ କରିବାର ମନୋବୃତ୍ତି ସହ ଆତ୍ମବିଶ୍ୱାସ ମଧ୍ୟ ବୃଦ୍ଧି ପାଇବ।

# ଚିଙ୍ଗୁଡ଼ି ଦୋପିଆଜା

**ଆବଶ୍ୟକ ସାମଗ୍ରୀ:** ଚିଙ୍ଗୁଡ଼ି, ପିଆଜ, ଅଦା, ଟମାଟୋ, ଲଙ୍କା, ରସୁଣ, ଗରମ ମସଲା ଗୁଣ୍ଡ, ତେଲ, ଲୁଣ, ହଳଦୀ, ତେଲ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଚିଙ୍ଗୁଡ଼ିର ଖୋଳପା ଛଡ଼ାଇ ଭଲ ଭାବେ ଧୋଇ ଦିଅନ୍ତୁ। ତା'ପରେ ଏଥିରେ ଲୁଣ ଓ ହଳଦୀ ଗୋଳାଇ ରଖି ଦିଅନ୍ତୁ।ବର୍ତ୍ତମାନ କିଛି ପିଆଜକୁ ବଡ଼ ବଡ଼ ଆକାର କରି କାଟନ୍ତୁ। ବାକି ପିଆଜ, ରସୁଣ, ଅଦା ଓ ଲଙ୍କାକୁ ବାଟି ଦିଅନ୍ତୁ। କଡ଼େଇରେ ତେଲ ଗରମ କରି ସେଥିରେ ବଟା ମସଲା, ଲୁଣ, ହଳଦୀ ଓ ଲଙ୍କାଗୁଣ୍ଡ ପକାଇ କଷନ୍ତୁ। ମସଲା ଭଲଭାବେ କଷି ହୋଇଗଲେ ସେଥିରେ କଟା ପିଆଜ ପକାଇ ପୁଣି କଷନ୍ତୁ। ପିଆଜ ଲାଲ୍ ହୋଇଗଲେ ସେଥିରେ ଚିଙ୍ଗୁଡ଼ି ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଚିଙ୍ଗୁଡ଼ି ସିଝିଆସିଲେ ସେଥିରେ କଟା ଟମାଟୋ ପକାନ୍ତୁ। ଟମାଟୋ ନରମ ହୋଇଗଲେ ସେଥିରେ ଗରମ ମସଲା ଗୁଣ୍ଡ ପକାଇ ଚୁଲିରୁ ଓହ୍ଲାଇ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା 'ଚିଙ୍ଗୁଡ଼ି ଦୋପିଆଜା' ।



# ଅନନ୍ୟାଙ୍କ ସହ ନାଚିବାକୁ ଡରୁଥିଲେ ବିଜୟ

ଦକ୍ଷିଣୀ ସିନେମାର ସୁପର୍ଷ୍ଟାର୍ ବିଜୟ ଦେବରାକୋଣ୍ଡା ବହୁ ବ୍ଲକ୍‌ବଷ୍ଟର୍ ହିଟ୍ ଦେଇଛନ୍ତି। ଆକ୍ସନ୍ ଷ୍ଟାର୍ ଭାବେ ଜଣାଶୁଣା ଦେବରାକୋଣ୍ଡାଙ୍କୁ ପରଦାରେ ଖୁବ୍ କମ୍ ନାଚଗୀତରେ ଦେଖାଯାଏ। ତେବେ ୨୦୨୨ରେ ରିଲିଜ୍ ହୋଇଥିବା ହିନ୍ଦୀ ଛବି 'ଲାଇଗର୍'ରେ ବିଜୟଙ୍କୁ ନାଚିବାକୁ ପଡ଼ିଥିଲା। ଆଉ ଏହି ଚଳଚ୍ଚିତ୍ରରେ ତାଙ୍କର ନାୟିକା ଥିବା ଅନନ୍ୟା ପାଣ୍ଡେଙ୍କ ସହ ରୋମାଣ୍ଟିକ୍ ଟ୍ରାକ୍ 'ଆଫତ୍...'ରେ ଷ୍ଟେପ୍ସ ଦେବାକୁ ସେ ଡରି ଯାଇଥିଲେ। ଏହି ଗୀତର ସୁଟିଂ ସମୟର କଥା ଶୁଣିଲେ ଯେ କେହି ଆଶ୍ଚର୍ଯ୍ୟ ହେବ। କାରଣ ସାଉଥ୍ ସିନେମାର ଅଧିକାଂଶ ନାୟକ ନାଚରେ ପାରଙ୍ଗମ ହୋଇଥିବା ବେଳେ ଦେବରାକୋଣ୍ଡା ନାଚକୁ ଭୟ କରୁଥିଲେ। 'ଲାଇଗର୍'ର ଗୀତ ସୁଟିଂ ପୂର୍ବରୁ କୋରିଓଗ୍ରାଫର ପୀୟୁଷ ଭଗତ ଓ ସାଜିଆ ସାମ୍ଜୀ ଯେତେବେଳେ ବିଜୟଙ୍କୁ ଷ୍ଟେପ୍ସ ଶିଖାଇଲେ, ଦେବରାକୋଣ୍ଡା ଭୟ ପାଇଗଲେ। ପୁଣି ନାୟିକା ଅନନ୍ୟା ପାଣ୍ଡେଙ୍କ ସହ ସେ ସହଜ ହୋଇ ପାରୁ ନଥିଲେ। କୋରିଓଗ୍ରାଫର୍ଙ୍କୁ ସେ କହିଥିଲେ, ''ଭାଇ ତମେମାନେ ମିଶି ମତେ ମାରିଦବ କି ? ଇଏ କ'ଣ କରାଉଛ ? ଇଏ କ'ଣ ମୋ ଦ୍ୱାରା ହେବ ?'' ରିହର୍ସାଲ୍ ସମୟରେ ନର୍ଭସ୍ ହେଉଥିଲେ ବି ଜୋର୍ଦାର୍ ପ୍ରାକ୍ଟିସ୍ କରିଥିଲେ ସେ।



ଶେଷରେ ବହୁତ ଅଭ୍ୟାସ କରି ଷ୍ଟେପ୍ସଗୁଡ଼ିକୁ ନିଜ ଅକ୍ତିଆରକୁ ନେଇଆସିଥିଲେ। କୋରିଓଗ୍ରାଫର୍ ଦ୍ୱୟ ଭାବିଥିଲେ ସୁଟିଂ ବେଳେ ଦେବରାକୋଣ୍ଡା ଝୁଣ୍ଟିବେ। କିନ୍ତୁ ସେ ବଢ଼ିଆ ଷ୍ଟେପ୍ସ ଦେଇ ଅନନ୍ୟାଙ୍କୁ ପୂରା ଟକ୍କର୍ ଦେଇଥିଲେ। ୟୁଟ୍ୟୁବ୍ରେ ମିଲିୟନ୍ ମିଲିୟନ୍ ଭିୟୁ ଯାଇଥିବା ସେ ଗୀତରେଅନନ୍ୟା ପାଣ୍ଡେଙ୍କ ସହ ତାଙ୍କର କେମିଷ୍ଟ୍ରି ବି ମନମୋହୁଛି।

## ୩୬ତମ କୋଣାର୍କ ଉତ୍ସବ ଓ ୧୫ତମ ଆନ୍ତର୍ଜାତିକ ବାଲୁକା କଳା ମହୋତ୍ସବ ଉଦ୍‌ଘାଟିତ

# ଉଦ୍‌ଘାଟନ ଉତ୍ସବରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

କୋଣାର୍କ (ପିପିଏସ): ରାଜ୍ୟ ପର୍ଯ୍ୟଟନ ବିଭାଗ ଆନୁକୁଲ୍ୟରେ ତଥା ସଙ୍ଗୀତ ନାଟକ ଏକାଡେମୀ ଓ ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମର ମିଳିତ ଉଦ୍ୟମରେ ପାଞ୍ଚ ଦିନିଆ ୩୬ ତମ କୋଣାର୍କ ଉତ୍ସବ ୨୦୨୫ ଏବଂ ୧୫ ତମ ଆନ୍ତର୍ଜାତିକ ବାଲୁକା କଳା ମହୋତ୍ସବ ୨୦୨୫ ଉଦଘାଟିତ ହୋଇଯାଇଅଛି ।ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଯୋଗ ଦେଇଥିବା ବେଳେ ଅନ୍ୟ ଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା, ଜଗତସିଂହପୁରର ମାନ୍ୟବର ସାଂସଦ ଡ଼. ବିଭୁ ପ୍ରସାଦ ତରାଇ, ପିପିଲି ବିଧାୟକ ଶ୍ରୀଯୁକ୍ତ ଆଶ୍ରିତ ପଟ୍ଟନାୟକ,ସତ୍ୟବାଦୀ ବିଧାୟକ ଶ୍ରୀଯୁକ୍ତ ଓମ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ବ୍ ଶ୍ରୀମତୀ ଉପାସନା ମହାପାତ୍ର,କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଶ୍ରୀଯୁକ୍ତ ଦୀପଙ୍କର ମହାପାତ୍ର ଓ ପୁରୀର ଜିଲ୍ଲାପାଳ ଶ୍ରୀଯୁକ୍ତ ଦିବ୍ୟ ଜ୍ୟୋତି ପରିଡା ପ୍ରମୁଖ ଯୋଗ ଦେଇଥିଲେ ।

ପ୍ରତିବର୍ଷ ପରି ଚଳିତ ବର୍ଷ କୋଣାର୍କ ଉତ୍ସବ ସହିତ ଆୟୋଜିତ ହୋଇଥାଏ ଆନ୍ତର୍ଜାତିକ ବାଲୁକା କଳା ମହୋତ୍ସବ ।ଚନ୍ଦ୍ରଭାଗା କୂଳକୁ ବିଶ୍ୱର କୋଣ ଅନୁକୋଣରୁ ଆସିଥାନ୍ତି ବାଲୁକା ଶିଳ୍ପୀ ଗଣ ।ଭାରତ ବର୍ଷରୁ ପ୍ରାୟ ୧୪୧ ଜଣ ଶିଳ୍ପ ଯୋଗ ଦେଇଛନ୍ତି, ସେଥି?ରୁ ୪୦ ଜଣ ମହିଳା ଓ ୯୬ ଜଣ ପୁରୁଷ । ସ୍ପେନ୍, ରୁଷିଆ, ଜାପାନ, ପର୍ତ୍ତୁଗାଲ ଓ ଶ୍ରୀଲଙ୍କାରୁ ପ୍ରାୟ ୫ ଜଣ ବିଦେଶୀ ବାଲୁକା ଶିଳ୍ପ ଆସି ପହଞ୍ଚିଛନ୍ତି ଚନ୍ଦ୍ରଭାଗା ବେଳାଭୂମିରେ ତାଙ୍କ କଳା ନୈପୁଣ୍ୟକୁ ରୂପ ଦେବା ପାଇଁ । କୋଣାର୍କ ଉତ୍ସବର ପ୍ରଥମ ସନ୍ଧ୍ୟାରେ ପ୍ରଥମ ଉପସ୍ଥାପନରେ ଥିଲା ଶ୍ରୀମତୀ ସୋନାଲୀ ମହାପାତ୍ରଙ୍କ ନୃତ୍ୟ ଅନୁଷ୍ଠାନ ନୃତ୍ୟ ଉପାସନା ପିଠର ଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ । ସେମାନଙ୍କ ପ୍ରଥମ ପ୍ରସ୍ତୁତିରେ ଥିଲା ସନ୍ଥ ତୁଳସୀଦାସଙ୍କ ଦ୍ୱାରା ରଚିତ ହନୁମାନ ଚାଳିଶା ଯାହାର ସଙ୍ଗୀତ ସଂଯୋଜନା କରିଥିଲେ ଗୁରୁ ଅଭିରାମ ନନ୍ଦ ଏବଂ ନୃତ୍ୟ ସଂରଚନା କରିଥିଲେ ଗୁରୁ ସୋନାଲୀ ମହାପାତ୍ର । ସେମାନଙ୍କ ଦିତୀୟ ପ୍ରସ୍ତୁତିରେ ଥିଲା ସାରଙ୍ଗ ପଲ୍ଲବୀ ଏକ ଶୁଦ୍ଧ ନୃତ୍ୟ ଖଣ୍ଡ ଯେଉଁଥିରେ ଗତି ଏବଂ ସଙ୍ଗୀତ ଏକ ପ୍ରସ୍ଫୁଟିତ ଫୁଲ ପରି ସୁନ୍ଦର ଭାବରେ ପ୍ରକଟିତ ହୁଏ ।ଏହା ରାଗର ସୌନ୍ଦର୍ଯ୍ୟକୁ ବିସ୍ତାରିତ କରେ, ତାଳ, ମାଧୁର ଏବଂ ନୃତ୍ୟ ନିର୍ଦ୍ଦେଶନାକୁ ଏକ ସୁ ସଂଘଟିତ ଠାଣିରେ ବାନ୍ଧିରଖେ ଯାହାର ନୃତ୍ୟ ସଂରଚନା ଗୁରୁ ଶ୍ରୀମତୀ ସୋନାଲି ମହାପାତ୍ର ଓ ସଙ୍ଗୀତ ଏବଂ ତାଳ ସଂଯୋଜନା ଶ୍ରୀ ନିର୍ମଳ କୁମାର ମହାପାତ୍ର କରିଥିଲେ । ଶେଷରେ ନୃତ୍ୟ ଉପାସନା ପିଠର ଶିଳ୍ପୀମାନଙ୍କ ପ୍ରସ୍ତୁତିରେ ଥିଲା ଚାରି ଯୁଗ ଦେବୀ । ଯେଉଁଥିରେ ଦେବୀ ଦୁର୍ଗାଙ୍କ ଶକ୍ତି ଏବଂଦିବ୍ୟ ଶକ୍ତିକୁ ବର୍ଦ୍ଧନା କରଯାଇଥିଲା ଯାହାର ନୃତ୍ୟ ସଂରଚନା ଗୁରୁ ଶ୍ରୀମତୀ ସୋନାଲି ମହାପାତ୍ର, ଓ ସଙ୍ଗୀତ ଏବଂ ତାଳ ସଂଯୋଜନା କରିଥିଲେ ଶ୍ରୀ ନିର୍ମଳ କୁମାର ମହାପାତ୍ର ।ଉପ ଶଙ୍କର ଜୟନ୍ତଙ୍କ ଶଙ୍କରାନନ୍ଦ ପ୍ରଥମ ସନ୍ଧ୍ୟାର ଦିତୀୟ ତଥା ଶେଷ ଥିଲା ଡକ୍ଟର ଆନନ୍ଦ କାଳକ୍ଷେତ୍ର ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଭାରତନାଟ୍ୟମ ନୃତ୍ୟ ପରିବେଷଣ । ସେମାନେ ପ୍ରଥମେ ଭକ୍ତ ରାମଦାସଙ୍କ ଦ୍ୱାରା ସରଳ ତେଲୁଗୁ ଭାଷାରେ ରଚିତ ମହାବିଷ୍ଣୁଙ୍କ ଦଶାବତାରକୁ ନେଇ ବର୍ଣ୍ଣିତ ଦଶାବତାରମ୍ ପରିବେଷଣ କରିଥିଲେ ପରେ ପରେ ସେମାନଙ୍କ ପ୍ରସ୍ତୁତିରେ ଥିଲା ଦେବୀ ଉପସକମ୍ ଏବଂ ଶେଷରେ କବିତା, ପଦ୍ୟ, ସୁର ଏବଂ କାଳଜୟୀ ସଙ୍ଗୀତର ତାଳର ମୁଖବନ୍ଧ, ଭାରତନାଟ୍ୟମର ସ୍ଥାପତ୍ୟ, ସୌନ୍ଦର୍ଯ୍ୟ ଏବଂ ବ୍ୟାକରଣ ମାଧ୍ୟମରେ, ଏହା ସର୍ବଜ୍ଞ, ସର୍ବବ୍ୟାପୀ ଭଗବାନ ଶିବଙ୍କୁ ଆଣିବା ପାଇଁ ଏକ ଅର୍ଘ୍ୟ ଶିଭୋହମ୍ ପ୍ରସ୍ତୁତ କରିଥିଲେ ଶିଳ୍ପୀମାନେ ଯାହାର ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ ଡକ୍ଟର ଆନନ୍ଦ ଶଙ୍କର ଜୟନ୍ତ ।ପ୍ରଥମ ସନ୍ଧ୍ୟାର କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ଡକ୍ଟର ମୃତୁଞ୍ଜୟ ରଥ ଓ ନାଜିୟା ଆଲ୍ଲମ ଏବଂ ପରିଚାଳନରେ ସହଯୋଗ କରିଥିଲେ ଡକ୍ଟର ସଂଗୀତା ଗୋସାଇଁ ।



# 'ଓଡ଼ିଆ ଭାଷାର ସୁରକ୍ଷା ଶୀତଳ ଭଣ୍ଡାରରେ'

ଭଦ୍ରକ, (ପିପିଏସ୍): ସରକାର ପରେ ସରକାର ପରିବର୍ତନ ହେଉଛି ହେଲେ ଆଜି ବି ଓଡ଼ିଆ ଭାଷାର ସୁରକ୍ଷା ଶୀତଳଭଣ୍ଡାରରେ ବୋଲି ରାଣୀତାଲ ସାହିତ୍ୟ ସଂସ୍କୃତି ପରିଷଦ ର ୪୨ତମ ବାର୍ଷିକ ଉତ୍ସବ ଓ ମହତାବ ଜୟନ୍ତୀ ଅବସରରେ ଓଉପନ୍ୟାସିକ ତଥା ସମ୍ବାଦର ଉତର ଉଡିଶା ମୁଖ୍ୟ ଚିତରଞ୍ଜନ ଚିରଂଜିତ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମତବ୍ୟକ୍ତ କରିଥିଲେ। ରାଣୀତାଲ ସାହିତ୍ୟ ସଂସ୍କୃତି ପରିଷଦର ସଭାପତି ବିମ୍ବାଧର ବେହେରାଙ୍କ ସଭାପତିତ୍ୱରେ ତଥା କାର୍ଯ୍ୟକାରୀ ସଭାପତି ଭାଗିରଥି ନାୟକଙ୍କ ତତ୍ୱାବଧାନରେ ଆୟୋଜିତ ସଭାରେ କବି ତଥା ସମାଜସେବୀ ସାଧୁଚରଣ ମହାପାତ୍ର ସଭା ଉଦଘାଟନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ବାଲିଖଣ୍ଡ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଦେବେନ୍ଦ୍ର ନାଥ ଅଗସ୍ତି ଓ ସମ୍ମାନିତ ଅତିଥି ଭାବେ କବି ନାରାୟଣ ଚନ୍ଦ୍ର ପ୍ରଧାନ, ପୂର୍ବତନ ସରପଂଚ ରବୀନ୍ଦ୍ର କୁମାର ସାହୁ ଯୋଗ ଦେଇଥିଲେ। ରାଣୀତାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ମାନେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିବା ବେଳେ କେଦାରନାଥ ମହାପାତ୍ର ବେଦ ପାଠ କରିଥିଲେ। ବିଏସ ସାମାଜିକ ସଂଗଠନର କୁନି କୁନି ପିଲା ମାନେ ସ୍ୱାଗତ ନୃତ୍ୟ ପରିବେଶନ କରିଥିଲେ। ସମ୍ପାଦକ ତପନ କୁମାର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସହ ସମ୍ପାଦକ ରମେଶ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ରାଣୀତାଲ ସାହିତ୍ୟ ସଂସ୍କୃତି ପରିଷଦର ମୁଖପତ୍ର ରାଣୀପ୍ରଭା ର ୧୧ତମ ସଂସ୍କରଣ, ଓ ପୂର୍ବତନ ପୋଲିସ ଅଫିସର ଗଗନ ବିହାରୀ କରଙ୍କ 'ବିବାହ ସଂସ୍କୃତି 'ର ଲୋକାର୍ପଣ କରାଯାଇଥିଲା। ପରିଷଦ ତରଫରୁ ଚିତରଞ୍ଜନ ଚିରଞ୍ଜୀତଙ୍କୁ ଓଡ଼ିଆ ଭାଷା ସାହିତ୍ୟ ଗୌରବ ସମ୍ମାନ,କବି ଭରତ ଚନ୍ଦ୍ର ଦାଶଙ୍କୁ କାବ୍ୟଭାରତୀ ଲକ୍ଷ୍ମୀଧର ମିଶ୍ର ସମ୍ମାନ, ଆଲୋକ ଖେମକାଙ୍କୁ ସମାଜସେବୀ ଶଙ୍କର୍ଷଣ ଦାଶ ସମ୍ମାନ, ଶିଶୁ ସାହିତ୍ୟିକ ବାଇଧର ନାୟକଙ୍କୁ ସାଳନ୍ଦୀ ସମ୍ମାନ, ଶିକ୍ଷାବିତ ସୁଶାନ୍ତ କୁମାର ମିଶ୍ରଙ୍କୁ ଦାମୋଦର ଚୌଧୁରୀ କୃତୀ ଶିକ୍ଷକ ସମ୍ମାନ,ବ୍ୟଙ୍ଗକବି ଉମାକାନ୍ତ ପାଣିଗ୍ରାହୀଙ୍କୁ ନୀଳମଣି ନାୟକ ସ୍ମୃତି ସମ୍ମାନ, ଡ଼ ଦେବସ୍ମିତା ପଣ୍ଡାଙ୍କୁ କରୋନା ଯୁଦ୍ଧା ଡ଼ ନରହରି ବେହେରା ସମ୍ମାନ, ଦଶମ ଶ୍ରେଣୀ ପରୀକ୍ଷାରେ ଭଦ୍ରକ ବ୍ଲକ ଟପର ସୁଶ୍ରୀ ଦେବୀ ରାଣୀ ସାହୁଙ୍କୁ ରାଧାଶ୍ୟାମ ମହାନ୍ତି କୃତୀ ସମ୍ମାନ ଓ ରାଣୀତାଲ ଅଞ୍ଚଳର ଦଶମ ଶ୍ରେଣୀ ପରୀକ୍ଷାରେ ଅଧିକ ନମ୍ବର ରଖିଥିବା ସୁଶ୍ରୀ ଶୁଭଲକ୍ଷ୍ମୀ ସାହୁଙ୍କୁ ପୁର୍ଣଚନ୍ଦ୍ର ମେଧା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଦ୍ୱିତିୟାର୍ଧରେ ସୁଶାନ୍ତ କୁମାର ମିଶ୍ର, ସାବିତ୍ରୀ କବି, ମନୋରମା ରାୟ, ମହେଶ୍ୱର ନାୟକଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ତିରିଶରୁ ଅଧିକ କବି କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସଭ୍ୟ ନଗେନ୍ଦ୍ର ପାଣି,ଗଣେଶ ପ୍ରସାଦ ଦାଶ, ଅଞ୍ଜନ କୁମାର ଲେଙ୍କା, କୃଷ୍ଣଚନ୍ଦ୍ର ସେନାପତି, ଦଶରଥ ପଣ୍ଡା, ନୀଳକଣ୍ଠ ବାରିକ, ସାଇ ପଦ୍ମ ନାୟକ, ଦେବଦତ ମଲ୍ଲିକ, ରାମଚନ୍ଦ୍ର କର, ସୁଜାତା ମହାପାତ୍ର, ଜାନକୀ ପାଢ଼ୀ, ଗୋପାଳ ଦାଶ, ରାଧାଶ୍ୟାମ ନାୟକ, ସୁବ୍ରତ ମହାନ୍ତି, ମହେଶ୍ୱର ମହାପାତ୍ର,ଶାନ୍ତି ଲତା ପଣ୍ଡା, ଅନିତା ଜେନା,ଶିକ୍ଷା ବିତ ଅନିତା ମହାନ୍ତି,ଅଟଳ ବାରିକ, ପ୍ରବୋଧ ମିଶ୍ର, ଦିପକ ନାୟକ, ଶଶଧର ସାମଲ, ସିନ୍ଧୁଲତା ସାମଲ ସଭା ପରିଚାଳନାରେ ସହଯୋଗ କରିଥିବା ବେଳେ ଅଧିବକ୍ତା କରୁଣାକର ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ।




# ପାରାଦୀପ ବନ୍ଦର ପକ୍ଷରୁ କୂଳରୁ ଜାହାଜକୁ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାର ସଫଳ ପରୀକ୍ଷଣ

ପାରାଦୀପ, (ପିପିଏସ୍) ପାରାଦୀପ ବନ୍ଦର ପ୍ରାଧିକରଣ ସୋମବାର ଦିନ ସିବି-୧ ପୋତାଶ୍ରୟରେ ଏମଭି ଏପିଜେ ଇନ୍ଦ୍ରାଣୀ ନାମକ ଜାହାଜକୁ ପୂର୍ଣ୍ଣ ଲୋଡ୍ ପାୱାର ଯୋଗାଇ 'ଶୋର-ଟୁ-ସିପ୍ ପାୱାର ସପ୍ଲାଏ ସିଷ୍ଟମ' ସଫଳତାର ସହ କାର୍ଯ୍ୟକ୍ଷମ କରିବାରେ ଦେଶର ଦ୍ୱିତୀୟ ପ୍ରମୁଖ ବନ୍ଦର ହୋଇଛି। ଏହି ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ବିଦ୍ୟୁତ୍ ଗ୍ରହଣ ସୁବିଧା ଥିବା ଜାହାଜ ପାଇଁ ଅନେକ ସମ୍ଭାବନା ସୃଷ୍ଟି କରିଛି। ଏହା ପାରାଦୀପ ଏବଂ ସମାନ ସୁବିଧା ଥିବା ଅନ୍ୟ ବନ୍ଦର ମଧ୍ୟରେ ସମାନ ଜାହାଜ ଚଳାଚଳ ପାଇଁ ନୂତନ ସୁଯୋଗ ସୃଷ୍ଟି କରିଛି। ଏହି ଉଲ୍ଲେଖନୀୟ ସଫଳତା ଉପରେ ମତାମତ ଦେଇ, ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ. ହରନାଦ କହିଛନ୍ତି, 'ଲାଇଭ୍ ମନିଟରିଂ ପ୍ୟାନେଲ୍ ଏବଂ ଅନ-ସାଇଟ୍ ଅପରେସନ୍ସ ଏହି ଉନ୍ନତ ସେଟଅପ୍‌ର ଦକ୍ଷତା ଏବଂ ସୁରକ୍ଷାକୁ ପ୍ରତିଫଳିତ କରେ। ଏହି ସଫଳତା ପାରାଦୀପ ବନ୍ଦରର ସ୍ୱଚ୍ଛ, ସବୁଜ ଏବଂ ଅଧିକ ଶକ୍ତି-ଦକ୍ଷ ବନ୍ଦର କାର୍ଯ୍ୟ ପ୍ରତି ପ୍ରତିବଦ୍ଧତାକୁ ସୁଦୃଢ଼ କରେ'। ବନ୍ଦରରେ ପ୍ରଦୂଷଣ ଏବଂ କାର୍ବନ ନିର୍ଗମନ-ମୁକ୍ତ ପରିବହନ ପରିଚାଳନା ପ୍ରତି ବନ୍ଦରର ର ପ୍ରତିବଦ୍ଧତାକୁ ପ୍ରତିପାଦନ କରି ଏହି ମାଇଲଖୁଣ୍ଟ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ବୈଦ୍ୟୁତିକ ଏବଂ ଯାନ୍ତ୍ରିକ ଇଞ୍ଜିନିୟରିଂ ବିଭାଗର ଉତ୍ସର୍ଗୀକୃତ ବୈଦ୍ୟୁତିକ ଇଞ୍ଜିନିୟରମାନଙ୍କୁ ପ୍ରଶଂସା କରିଥିଲେ ବନ୍ଦରାଧ୍ୟକ୍ଷ ଶ୍ରୀ ହରନାଦ କହିଛନ୍ତି।




# ଜିଲ୍ଲାପାଳଙ୍କ ମିଳିତ ଜନ ଶୁଣାଣି ଶିବିର

ଭଦ୍ରକ,(ହି.ସ.): ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ସଦଭାବନା ସଭାଗୃହ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲାପାଳ ଦିଲିପ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସରୋଜ ଦତ, ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ, ଶୁଭେନ୍ଦ୍ର ସାମଲ,ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜ୍ଞଞସମ୍ପିତ୍ କୁମାର ମାଝୀ, ଡେପୁଟି କଲେକ୍ଟର ଜ୍ଞାନ ରଞ୍ଜନ ଦାସ, ଡାକ୍ତର ସଂଗୀତା ବଳ ଓ ଅନ୍ୟ ବିଭାଗର ଅଧିକାରୀ ମାନେ ଯୋଗ ଦେଇଥିଲେ। ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଦାଖଲ ହୋଇଥିବା ଅଭିଯୋଗ ପତ୍ରକୁ ସମାଧାନ ପାଇଁ ପଦକ୍ଷେପ ନେଇଥିଲେ। ଆଜିର ଜନଶୁଣାଣୀ ଶିବିରରେ ମୋଟ ୧୭୬ ଆବେଦନ ପତ୍ର ଦାଖଲ ହୋଇଥିଲା । ସେଥିରୁ ୧୪୧ଟି ବ୍ୟକ୍ତିଗତ ଥିଲାବେଳେ, ୩୫ ଟି ସାମୁହିକ ଥିଲା। ୩୦ ଟି ର ସମାଧାନ ତତକ୍ଷଣାତ୍ ହୋଇଥିଲା । ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ରୁ ୮ ଜଣଙ୍କୁ ଓ ରେଡକ୍ରସ ରୁ ୧୦ ଜଣଙ୍କୁ ମୋଟ ୧,୩୭,୫୦୦/- ଟଙ୍କା ପ୍ରଦାନ କରାଯାଇଥିଲା। ଆଜିର ଜନଶୁଣାଣୀ ରେ ମୁଖ୍ୟତଃ ଚାଷୀ ପଞ୍ଜୀକରଣ, ମଧୁବାବୁ ପେନସନ, ପି.ଏମ ଆବାସ ଯୋଜନା ରେ ଗୃହ ବଂଟନ, ଜମିଜମା ସଂପର୍କିତ, ସରକାରୀ ଜମିରେ ବସବାସ କରୁଥିବା ଲୋକଙ୍କୁ ଉଚ୍ଛେଦ ବଦଳରେ ଜମି/ଗୃହ ଆବଂଟନ ଅଭିଯୋଗ ସହିତ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଦରଖାସ୍ତ ହସ୍ତଗତ ହୋଇଥିଲା।

# ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ଚଢ଼ାଉ

ଭୁବନେଶ୍ୱର, (ହି.ସ.): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ଚଢ଼ାଉ କରାଯାଇଛି। ରାଜ୍ୟରେ ପନିପରିବା ଦରବୃଦ୍ଧି ନିୟନ୍ତ୍ରଣ କରିବା ଏବଂ ଯୋଗାଣ ଶୃଙ୍ଖଳ ବଜାୟ ରଖିବା ପାଇଁ ଯାଂଚ କଡାକଡି କରାଯାଇଛି । ରାଜ୍ୟରେ ଗତ କିଛିଦିନ ଧରି ପନିପରିବା ଦରବୃଦ୍ଧି ହେଉଥିବା ଅଭିଯୋଗକୁ ଭିତ୍ତିକରି ବିଭାଗ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ସଞ୍ଜୟ କୁମାର ସିଂଙ୍କ ନିର୍ଦ୍ଦେଶ କ୍ରମେ, ପନିପରିବାର ଦରବୃଦ୍ଧିକୁ ରୋକିବା ପାଇଁ ବିଭାଗର ବିପଣୀ ଗୁପ୍ତବାର୍ତ୍ତା କ୍ଷେତ୍ର କର୍ମଚାରୀ ମାନଙ୍କ ଦ୍ୱାରା ରାଜ୍ୟର ପ୍ରମୁଖବଜାରରେ ଯାଂଚ କରଯାଇଥିଲା ।

ଚଳିତ ବର୍ଷ ରାଜ୍ୟର ଅନେକ ସ୍ଥାନରେ ଅଦିନିଆ ବର୍ଷା ଯୋଗୁଁ ସ୍ଥାନୀୟ ଋତୁକାଳୀନ ଫସଲ ନଷ୍ଟ ହୋଇଥବାରୁ ଏବଂ ଚାହିଦା ପାଇଁ ଝାଡଖଣ୍ଡ , ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ତଥା କର୍ଣ୍ଣାଟକ ଭଳି ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଥିବା ଦୃଷ୍ଟିରୁ ଗତ କିଛିଦିନ ରାଜ୍ୟରେ ଦରଦାମ ବୃଦ୍ଧି ଲକ୍ଷ୍ୟ କରାଯାଇଛି । ମାତ୍ର ବଜାରକୁ ସ୍ଥାନୀୟ ଫସଲର କିଛି ମାତ୍ରାରେ ଆମଦାନୀ ହେଉ ଥିବାରୁ ବର୍ତ୍ତମାନ ବଜାରରେ ପନିପରିବାର ସାମାନ୍ୟ ଦର ହ୍ରାସ ଘଟୁଅଛି । ଆଗାମୀ ଦୁଇ ସପ୍ତାହ ମଧ୍ୟରେ ସ୍ଥାନୀୟ ଋତୁକାଳୀନ ଫସଲ ବହୁଳ ମାତ୍ରାରେ ବଜାରକୁ ଆସିବାର ସମ୍ଭାବନା ଥିବାରୁ ପନିପରିବା ଦର ହ୍ରାସ ଘଟିବା ନେଇ ବିଭାଗ ପକ୍ଷରୁ କୁହାଯାଇଛି । ଏପରିକି ଯୋଗାଣ ଶୃଙ୍ଖଳ ନିରବଚ୍ଛିନ୍ନ ଥିବା ଏବଂ ଉଚିତ ମୂଲ୍ୟରେ ଖାଉଟି ମାନେ ପନିପରିବା ପାଇବା ନେଇ ବିହିତ ପଦକ୍ଷେପ ଗ୍ରହଣ କରାଯାଉଛି ।

## ସାଉଦି ଆରବରେ ଓଡ଼ିଆ ସଂସ୍କୃତିର ମହାସମାବେଶ

# 'ଜୟ ଜଗନ୍ନାଥ' ଧ୍ୱନିରେ କମ୍ପିଲା ଦାମାମ

ଦାମାମ: ମାତୃଭୂମିର ସଂସ୍କୃତିକୁ ବିଦେଶ ମାଟିରେ ବଞ୍ଚାଇ ରଖିବାର ସଙ୍କଳ୍ପ ନେଇ ସାଉଦି ଆରବର ପ୍ରବାସୀ ଓଡ଼ିଆ ସଂଗଠନ ଝ'କଳିଙ୍ଗାନ'ଝର ଅଷ୍ଟମ ବାର୍ଷିକ ଉତ୍ସବ ଗତ ନଭେମ୍ବର ୨୧ ତାରିଖ ଦିନ ଦାମାମ ସହରରେ ଅତ୍ୟନ୍ତ ଉତ୍ସାହ ଓ ଆଧ୍ୟାତ୍ମିକତା ମଧ୍ୟରେ ସମ୍ପନ୍ନ ହୋଇଯାଇଛି । ସାଉଦି ଆରବର ବିଭିନ୍ନ ପ୍ରାନ୍ତରୁ ୬୫୦ରୁ ଅଧିକ ପ୍ରବାସୀ ଓଡ଼ିଆ ପରିବାର ଏହି ମହାସମାବେଶରେ ଏକତ୍ରିତ ହୋଇ ଓଡ଼ିଆ ସଂସ୍କୃତି, କଳା ଏବଂ ପରମ୍ପରାକୁ ପାଳନ କରିଥିଲେ।

**କଳିଙ୍ଗାନର ଅଷ୍ଟମ ବାର୍ଷିକ ଉତ୍ସବରେ ୬୫୦ ପ୍ରବାସୀ ଓଡ଼ିଆ ସାମିଲ**

### ମୁଖ୍ୟ ଆକର୍ଷଣ ଓ ଅତିଥି ବୃନ୍ଦ

କାର୍ଯ୍ୟକ୍ରମରେ ବିଶିଷ୍ଟ ଶିଳ୍ପପତି ଡ଼ଃ ଦେବ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡ଼ିଆମାନଙ୍କ ଏକତା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ସମସ୍ତଙ୍କୁ ମିଳିମିଶି କାର୍ଯ୍ୟ କରିବାକୁ ପ୍ରୋତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଓଡ଼ିଶୀ ନୃତ୍ୟ ଗୁରୁ ଶ୍ରୀ ଶାଶ୍ୱତ ଯୋଶୀ ଯୋଗ ଦେଇ ନିଜ କଳା ମାଧ୍ୟମରେ ସାଂସ୍କୃତିକ ବନ୍ଧନକୁ ମଜବୁତ୍ କରିଥିଲେ।




### ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରତିଭା ପ୍ରଦର୍ଶନ

କଣ୍ଠଶିଳ୍ପୀ ସତ୍ୟଜିତ ପ୍ରଧାନ ଏବଂ ଅନିନ୍ଦିତା ଦାସଙ୍କ ସୁମଧୁର ଓଡ଼ିଆ ଗୀତ ଏବଂ ହାସ୍ୟ କଳାକାର ଗବ୍ବୁ.ଗୁଲୁଆଙ୍କ ଚମତ୍କାର ବ୍ୟଙ୍ଗ ପ୍ରଦର୍ଶନ ଦର୍ଶକଙ୍କ ମନୋରଞ୍ଜନ କରିଥିଲା । ଯୁବ ଓଡ଼ିଆ ପ୍ରତିଭା ଆଦିତ୍ୟ ମହାନ୍ତି ଏବଂ ଓଡ଼ିଶୀ ନୃତ୍ୟ ଶିଳ୍ପୀ ସାଗରିକା ମହାନ୍ତିଙ୍କ ନୃତ୍ୟ ପରିବେଷଣ ଦର୍ଶକଙ୍କୁ ବିମୋହିତ କରିଥିଲା । ଶାଶ୍ୱତ ଓ ସାଗରିକାଙ୍କ ଦ୍ୱାରା ପରିବେଷିତ 'ରଥ ପଥ ଯାତ୍ରା ଜଗନ୍ନାଥ' ଅଭିନୟ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିଥିଲା ଏବଂ ସମଗ୍ର କାର୍ଯ୍ୟକ୍ରମ ସ୍ଥଳ 'ଜୟ ଜଗନ୍ନାଥ' ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ।

### ନୂତନ ପ୍ରକଳ୍ପର ଶୁଭାରମ୍ଭ ଓ ପରିଚାଳନା

ଏହି ଅବସରରେ କଳିଙ୍ଗାନର ଅଫିସିଆଲ୍ ଓ୍ବେବସାଇଟ୍ ଙ୍ଗଙ୍ଗଙ୍ଗ.ଲବକ୍ଷସଭ-ଶବଭଷ୍ଟ.କ୍ଟକ୍ସଶ ଏବଂ ବାର୍ଷିକ ପତ୍ରିକାର 'ନାରୀ ଶକ୍ତି' ସଂସ୍କରଣକୁ ଲୋକାର୍ପଣ କରାଯାଇଥିଲା ।

କାର୍ଯ୍ୟକ୍ରମର ସଫଳ ପରିଚାଳନା କଳିଙ୍ଗାନର କୋର୍ କମିଟି ସଦସ୍ୟମାନଙ୍କ ଦ୍ୱାରା କରାଯାଇଥିଲା । କୋର୍ କମିଟିରେ ସରାଫତ୍ ଶେଖ୍, ସନ୍ତୋଷ ଦାସ, ବିଶ୍ୱରଞ୍ଜନ ସାହୁ, ରଞ୍ଜନ ରଥ, ଶୋଭନ ମହାନ୍ତି, ସୂର୍ଯ୍ୟକାନ୍ତ ଦାସ, ଦିଗମ୍ବର ମହାଖୁଦ, ଇମତୀୟାଜ୍ ଅଲ୍ଲୀ, ଅଗଷ୍ଟିନ୍ ଧୀର, ବସନ୍ତ ସାହୁ, ଜ୍ୟୋତିର୍ମୟ ଦାସ, ଏବଂ ପ୍ରୀତମ୍ ମହାନ୍ତି ପ୍ରମୁଖ ସାମିଲ୍ ଥିଲେ । ଏହି ମହାସମାବେଶ ପ୍ରବାସୀ ଓଡ଼ିଆଙ୍କ ମଧ୍ୟରେ ସାଂସ୍କୃତିକ ବନ୍ଧନକୁ ଆହୁରି ମଜବୁତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି ।

ସ୍ଥିର ଲକ୍ଷ୍ୟ, ନିଷ୍ଠାବାନ ନେତୃତ୍ୱ ଓ ପରିଶ୍ରମୀ କର୍ମୀ ଏତିକି ଉପାଦାନର ସମାବେଶରେ ଭାରତର ଜନତା ଯେ ଅସାଧ୍ୟ ସାଧନ କରିପାରନ୍ତି ତାହା ବାରମ୍ବାର ପ୍ରମାଣିତ ହୋଇଛି ।

(ଗାଁ ମଜଲିସ, ୭ମ ଖଣ୍ଡ, ପୃଷ୍ଠା-୨)

-ଡକ୍ଟର ହରେକୃଷ୍ଣ ମହତାବ

ପ୍ରଜାତନ୍ତ୍ର

ତା ୨।୧୨।୨୦୨୫ ■ ମଙ୍ଗଳବାର

# ଏସ୍‌ଆଇଆର୍ ବିରୋଧୀ ସ୍ୱର

ନିର୍ବାଚନ କମିଶନ ୧୨ଟି ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ଗହନ ପୁନଃନିରୀକ୍ଷଣ ପ୍ରକ୍ରିୟାରେ ସାମିଲ ବୁଥ୍‌ସ୍ତରର ଅଧିକାରୀମାନଙ୍କୁ ଅର୍ଥାତ୍ ବିଏଲ୍‌ଓଙ୍କ ପାରିଶ୍ରମିକ ବୃଦ୍ଧି କରିଛନ୍ତି । ତାହା ସହିତ ଭତ୍ତା ମଧ୍ୟ ବୃଦ୍ଧି କରାଯାଇଛି । ଇତିମଧ୍ୟରେ କେତେକ ଜାଗାରେ ବିଏଲଓମାନଙ୍କର ଆତ୍ମହତ୍ୟା ଖବର ପ୍ରସାରିତ ହେବାପରେ ସେ ସମ୍ବନ୍ଧରେ ସବିଶେଷ ତଥ୍ୟ ରାଜ୍ୟମାନଙ୍କୁ ମଗାଯାଇଛି । ନିର୍ବାଚନ ଅଧିକାରୀମାନଙ୍କୁ ସର୍ବପ୍ରଥମେ ସେ ଖବରର ସତ୍ୟାସତ୍ୟ ଜାଣିବା ଲାଗି ମୂଳ ପର୍ଯ୍ୟନ୍ତ ଯିବାକୁ ପଡ଼ିବ, ତାହା ହେଲେ ଜଣାପଡ଼ିବ ସେମାନେ ଏହି ଏସଆଇଆର ଚାପରେ କି ଅନ୍ୟ କୌଣସି କାରଣରୁ କିମ୍ବା ତାଙ୍କର ସ୍ୱାଭାବିକ ମୃତ୍ୟୁ ଘଟିଛି ଏ ସଂକ୍ରାନ୍ତରେ ସ୍ପଷ୍ଟତା ନିହାତି ହାସଲ କରିବା ଆବଶ୍ୟକ, କାରଣ କେତେକ ବିରୋଧୀ ପକ୍ଷର ନେତା ଓ ବିଶେଷକରି ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏପରି ଏକ ପରିସ୍ଥିତି ସୃଷ୍ଟି କରି ଚାଲିଛନ୍ତି ଯେପରିକି ଏସଆଇଆର୍ ଯୋଗୁଁ ବହୁସଂଖ୍ୟାରେ ବିଏଲଓମାନେ ଆତ୍ମହତ୍ୟା କରୁଛନ୍ତି । ଆଉ କେତେକ ବିରୋଧୀ ପକ୍ଷ ନେତା ଏସ୍‌ଆଇଆର୍‌କୁ ଅନାବଶ୍ୟକ ବୋଲି କହି ତାହାକୁ ଭୋଟଚୋରିର ଆଖ୍ୟା ଦେଉଛନ୍ତି । ଏ ପ୍ରକାର ଅଭିଯୋଗ କୋର୍ଟରେ ଯାଇ ପହଞ୍ଚିପା ପରେ ରାୟ ବି ପ୍ରକାଶ ପାଇଲାଣି ।

ତା'ସତ୍ତ୍ୱେ ଅଭିଯୋଗରେ ବିରାମ ନାହିଁ । ନିର୍ବାଚନ କମିଶନଙ୍କୁ ଏସଆଇଆର ନେଇ ନକାରାତ୍ମକ ଅଭିଯାନ ସଂକ୍ରାନ୍ତରେ ସତର୍କ ରହିବା ଦରକାର । ଏକ ପକ୍ଷରେ ଭୋଟର ତାଲିକରେ ବିଭ୍ରାଟ ଅଛି ବୋଲି ଅଭିଯୋଗ କରି ଏସଆଇଆରକୁ ବିରୋଧ କରି ବିପକ୍ଷ ପକ୍ଷେ ଆଦୌ ସମୀଚିନ ହେଉନାହିଁ । ଭୋଟର ତାଲିକା ସଂଶୋଧନରେ ବିଏଲଓମାନଙ୍କର ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ । ତାଙ୍କୁ ଘରକୁ ଘର ବୁଲି ଭୋଟର ମାନଙ୍କଠାରୁ ସତ୍ୟପାଠ ସଂଗ୍ରହ କରିବାକୁ ହେବ । ତେବେ ଲକ୍ଷ୍ୟ କରାଯାଉଛି ଯେ ବିଏଲଓ ହୋଇଥିବା କର୍ମଚାରୀ ଏ କାର୍ଯ୍ୟକୁ ଏକ ବୋଝ ଭାବେ ଗ୍ରହଣ କରୁଛନ୍ତି । ସେମାନଙ୍କର ପ୍ରଥମ ଉଦ୍ୟମ ହେଉଛି ବିଏଲ୍‌ଓ ଦାୟିତ୍ୱ ନ ନେବା ପାଇଁ ସାଧ୍ୟମତେ ଉଦ୍ୟମ କରିବା । ଏହା ଆଦୌ ଠିକ୍ ନୁହେଁ । ଯଦି ସୈନ୍ୟ ସୀମାନ୍ତରେ, ଯୁଦ୍ଧ ଲଢ଼ିବାକୁ ପଛାଏ, ତେବେ ତାହା ପଳାୟନପନ୍ଥୀ କାର୍ଯ୍ୟ । ଯଦି ପ୍ରତ୍ୟେକ ଏସଆଇଆର୍ କରିବାକୁ ଆଗେଇ ଆସିବେ ନାହିଁ, ତେବେ ଏ ଜରୁରୀ କାମ କରିବ କିଏ ? ସଠିକ୍ ଭାବେ ନିର୍ବାଚନ ହୋଇପାରିବ, ଯେବେ ଭୋଟର ଲିଷ୍ଟ ନିର୍ଭୁଲ ଥିବ ଏବଂ ଏହା କେବଳ ସମ୍ଭବପର ଯେବେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଏସଆଇଆର କରାଯାଉଥିବ ।

ନିର୍ବାଚନ କମିଶନ ବିଏଲଓମାନଙ୍କ ସମସ୍ୟା ସଂପର୍କରେ ଅବହିତ ହେଲାପରେ କେତେକ କ୍ଷେତ୍ରରେ ପ୍ରତିବିଧାନମୂଳକ ନିର୍ଣ୍ଣୟ ନେଇଛନ୍ତି । ତେବେ ତାଙ୍କୁ ବୁଝିବାକୁ ହେବ ବିଏଲଓଙ୍କ ସମସ୍ୟା କିଛି ନିର୍ଦ୍ଦିଷ୍ଟ କାରଣ ଯୋଗୁଁ ସୃଷ୍ଟି ହୋଇଛି ନା ଅସୁବିଧାର କାରଣ ହେଉଛି ପ୍ରତିକ୍ଷଣର ଅଭାବ ନା ଆଉ କିଛି ଟେକ୍‌ନିକାଲ୍ ସମସ୍ୟା ରହିଯାଉଛି ? ପଶ୍ଚିମବଙ୍ଗରେ ଜଣେ ବିଏଲଓଙ୍କ ଆତ୍ମହତ୍ୟା ମାମଲାରେ ଜଣାପଡ଼ିଛି ଯେ ସିଏ ଆବଶ୍ୟକ ତଥ୍ୟ ସଂଗ୍ରହ କରିନେଇଥିଲେ କିନ୍ତୁ ସ୍ପଷ୍ଟ ନିର୍ଦ୍ଦେଶର ଅଭାବରୁ ତାହାକୁ ଅପଲୋଡ କରିପାରି ନଥିଲେ । ନିର୍ବାଚନ କମିଶନ ଦେଖିବାକୁ ହେବ ବିଏଲଓଙ୍କର ଛୋଟବଡ଼ ସବୁ ସମସ୍ୟାଗୁଡ଼ିକର ସମାଧାନ ହେଉ କି ସେମାନେ କୌଣସି ସଠିକ୍ ନିର୍ଦ୍ଦେଶ ଅଭାବରୁ କି ଟେକ୍ନିକାଲ ବାଧା ଯୋଗୁଁ ବିବ୍ରତ ହୋଇ ମାନସିକ ଚାପର ଶିକାର ନ ହୁଅନ୍ତୁ । ବିଏଲଓମାନଙ୍କର ପାରିଶ୍ରମିକ ଓ ଭତ୍ତା ବୃଦ୍ଧି କରାଯାଇଛି କିନ୍ତୁ ଏହି କାମଚାପ ପଛରେ ଥିବା କାରଣ ମଧ୍ୟ ଖୋଜାଯିବା ଆବଶ୍ୟକ । ଯେଉଁଠି ସମସ୍ୟା ଉପୁଜୁଛି, ସେଠି କୋହଳ ମନୋଭାବ ପୋଷଣ କରାଯାଇ ସମୟ ଦେବା ଉଚିତ । କାର୍ଯ୍ୟ ସଠିକ୍ ହେବା ଦରକାର । ❒❒

# ଯାହା ବୁଣିବ ତାହା ପାଇବ

ପିଲାବେଳେ ଆମେମାନେ ଏକ ଗପ ଶୁଣିଥିଲୁ। ସେଥିରେ ଯେତିକି ମଜା କଥା ଅଛି ସେତିକି ନୈତିକତା ମଧ୍ୟ ଲୁଚି ରହିଛି। ଜଣେ ମହିଳା କୃଷ୍ଣଙ୍କର ଅତି ଭକ୍ତ। ସେ ସିଦ୍ଧାନ୍ତ କରି ନେଇଥାନ୍ତି ଯେ ସେ ଯାହା କରିବେ ସବୁ କୃଷ୍ଣଙ୍କୁ ଅର୍ପଣ କରି କରିବେ। ତାଙ୍କ ଭାବ ଏତେ ଦୃଢ଼ ଓ ନିର୍ମଳ ଯେ ସେ ଗୋବରରେ ଘସି ପାରୁ ପାରୁ ଯଦି କେହି ଦେବେ 'କୃଷ୍ଣାର୍ପଣମସ୍ତୁ' ମନ୍ଦିର ପୂଜକ ଠାକୁରଙ୍କୁ ଧୋଇ ଧୋଇ ହରାଇଣ ହୋଇଯାଆନ୍ତି। କିନ୍ତୁ କ'ଣ କରାଯିବ ? ପରିଶେଷରେ ସେ ଏ ସ୍ତ୍ରୀଲୋକ କଥା ଜାଣିବାକୁ ପାଇଲେ ଏବଂ ନିଶ୍ଚିତ ହୋଇଗଲେ ଯେ ଏ ସ୍ତ୍ରୀଲୋକଟି ବଞ୍ଚିଥିବା ପର୍ଯ୍ୟନ୍ତ ଠାକୁରଙ୍କ ଦେହରେ ଗୋବର ପଡ଼ିବାରୁ ଆଉ ରକ୍ଷା ନାହିଁ। ଦିନେ ସ୍ତ୍ରୀ ଲୋକଟି ଶକ୍ତ ବେମାର ପଡ଼ିଲେ ଓ ମୃତ୍ୟୁ ସମୟ ପାଖେଇ ଆସିଲା। ମହିଳା ଜଣକ ନିଜ ମୃତ୍ୟୁକୁ ମଧ୍ୟ କୃଷ୍ଣଙ୍କୁ ଅର୍ପଣ କରିଦେଲେ। ମୃତ୍ୟୁ ଦୂତ ସିଧା କୃଷ୍ଣଙ୍କ ମନ୍ଦିରକୁ ଯାଇ ମନ୍ଦିରକୁ ଭାଙ୍ଗି ଦେଲା। କୃଷ୍ଣ ନାମ ଧ୍ୟାନ ଆଗରେ ସ୍ୱର୍ଗର ମଧ୍ୟ କିଛି ବିଶେଷ ମୂଲ୍ୟ ନାହିଁ। ତୁମର ପ୍ରତ୍ୟେକ କର୍ମ ଭଲ ହେଉ ବା ମନ୍ଦ, ଈଶ୍ୱରଙ୍କୁ ସମର୍ପିତ ହୋଇ ହେଉ। ଏପରି ହେଲେ ଚମତ୍କାର ଫଳାଫଳ ମିଳିବ। ମାଟିଆ ବା ନାଲିଆ ରଙ୍ଗର ଧାନକୁ ଭାଜି ଦେଲେ ସୁନ୍ଦର ସଫେଦ ଖଇ ମିଳୁଛି। ଏ ପରିବର୍ତ୍ତନ କେବଳ ଅଗ୍ନି ଯୋଗୁଁ ସମ୍ଭବ। ଗମହକୁ ଚୁରିଲେ ଆମେ ଶୁଭ୍ର କୋମଳ ଅଟା ପାଉ। ସେହିଭଳି ଛୋଟ ବଡ଼, ସମସ୍ତ କର୍ମ ଯଦି ଭକ୍ତିପୂର୍ଣ୍ଣ ଓ ଉତ୍ସର୍ଗୀକୃତ ଭାବେ କରାଯାଏ ତାହାହେଲେ ସେଗୁଡ଼ିକ ମଧ୍ୟ ଉଚ୍ଚମାନ ପ୍ରାପ୍ତ ହେବେ। ସେ ଦୃଷ୍ଟିରୁ ଫୁଲଟିଏ, ବେଲପତ୍ର ବା ତୁଳସୀ ପତ୍ରଟିକୁ ସାଧାରଣ ଜିନିଷ ବୋଲି ଭାବ ନାହିଁ।

ଯାହା କରାଯାଉ, ଯଦି ତାହା ଭାବ ବିଜଡ଼ିତ, ତେବେ ସେ ସବୁ ମହାନ। ଆମେ କେତେ ବେଶୀ ଦେଲୁ ତାହା ବଡ଼ କଥା ନୁହେଁ। କି ପ୍ରକାର ଭାବର ସହ ଦେଲ, ସେ ହେଉଛି ବଡ଼। ଜିନିଷର ଗୁଣ, ମାନ, ପରିମାଣ, ଆକର ବା ମୂଲ୍ୟ ଆଦୌ ବଡ଼ କଥା ନୁହେଁ, ତାହା ଯେଉଁ ଭାବ ଓ ଭକ୍ତିର ସହ ଅର୍ପିତ ହେଲା, ତାହା ବିଚାର୍ଯ୍ୟ। ସେଥିରେ ନିହିତ ଥିବା ଆବେଗ ହିଁ ଗ୍ରହଣୀୟ। ରାଜଯୋଗରେ କଥିତ ଅଛି - କର୍ମରୁ ବିମୁଖ ହୁଅନାହିଁ। ସେଗୁଡ଼ିକୁ ପ୍ରଭୁଙ୍କୁ ଅର୍ପଣ କରିଦିଅ। ସେଗୁଡ଼ିକ ହିଁ ପୁଷ୍ପାଞ୍ଜଳି। ସାଧନା ସହ ସେଗୁଡ଼ିକୁ ନେଇ ଯାଇ ପ୍ରଭୁ ପାଦପଦ୍ମରେ ଅଜାଡ଼ି ଦିଅ। ଧାନ ବୁଣିବା ଆଉ ଧାନ ଫୋପାଡ଼ିବା ଭିତରେ ଗୋଟିଏ ବଡ଼ ବ୍ୟବଧାନ ରହିଛି। ଯାହା ବୁଣିଛ ସେଥିରୁ ଯଥେଷ୍ଟ ପାଇବ ଯାହା ଫୋପାଡ଼ି ଦେଇଛ ସେ ନଷ୍ଟ ହୋଇଗଲା। ଭଗବାନଙ୍କୁ ଯାହା ସମର୍ପି ଦେଲ ତାହା ବୁଣିବା ସଙ୍ଗେ ସମାନ। ତାହାଦ୍ୱାରା ଅମାପ ଆନନ୍ଦ ଲାଭ କରିବ, ଜୀବନକୁ ପୁତ ପବିତ୍ର ଓ ସଫଳ କରିପାରିବ।

ଯୁଧିଷ୍ଠିର ମହାରଣା, କଟକ

# କିଛି ତ ଅନ୍ତର ଅଛି

## ଅଧ୍ୟାପିକା କୃଷ୍ଣପ୍ରିୟା ବେହେରା

ସ୍ଥାନ, କାଳ, ପାତ୍ର ଅନୁସାରେ ଅନ୍ତର ରହିବା ସ୍ୱାଭାବିକ। ଅନ୍ତର ସତ୍ୟ, ସନାତନ ଓ ଚିରନ୍ତନ। ଏ ଅନ୍ତର ସର୍ବଦା ପରିଲକ୍ଷିତ ହୁଏ। ଏହାକୁ ଆମେ ଅନୁଭବ କରୁ। ପିଲାବେଳେ ଶୁଣିଛି ନାଲି ଚାହା ଗରିବ ପିଇ ଥାଏ। ତା ପାଖରେ ଏତେ ପଇସା ନ ଥାଏ ଯେ ସେ କ୍ଷୀର ଚାହା ପିଇ ପାରିବ। ସେହି ସମୟରେ ଧନୀ କ୍ଷୀର ଚାହା ପିଇ ଥାଏ। ଏବେ ଧନୀ ସ୍ୱାସ୍ଥ୍ୟ ସଚେତନ ହୋଇ ନାଲି ଚାହା ପିଉଛି। ଗରିବର ଦିନ କଟେ ଶାଗ ପଖାଳରେ। ସମ୍ପୂର୍ଣ୍ଣ ରୂପେ ସାଧା ସିଧା ଖାଦ୍ୟ।ଧନୀ ଖାଏ ମାଛ, ମାଂସ, ଅଣ୍ଡା, କୁକୁଡ଼ା, ଘିଅ, ତେଲ ର ଖାଦ୍ୟ,ହୋଟେଲର ଖାଦ୍ୟ, ଦୋକାନରୁ କିଣି ବହୁତ୍ କିଛି ଖାଏ। ଏବେ ଧନୀ ଖାଉଛି ସମ୍ପୂର୍ଣ୍ଣ ସାଧା ଖାଦ୍ୟ। ଯାହାକୁ ଗରିବ କହୁଛୁ ସିଏ ଖାଉଛି ଫାଷ୍ଟ ଫୁଡ୍, ତେଲ ଓ ମସଲା ଯୁକ୍ତ ଖାଦ୍ୟ। ଦିନ ଥିଲା ଘର ରୋଷେଇ ଖାଦ୍ୟ ସୁଆଦିଆ ଲାଗୁଥିଲା। ଏବେ କିଣା ଖାଦ୍ୟ ଭଲ ଲାଗୁଛି। ଘରୁ ରୋଷେଇ ବି କମି ଗଲାଣି।ଧନୀ ଅଧିକ ପରିମାଣର ଖାଦ୍ୟ ଖାଉଥିଲା। ଏମିତିକି ତା'ର ଖାଦ୍ୟ ବଳି ଯାଏ। ତେଣୁ ସିଏ ଅନ୍ୟକୁ ଦାନ କରି ପାରେ। ହେଲେ ଏବେ ଗରିବ ଖାଉଛି ଅଧିକ ପରିମାଣର। ଧନୀ ସ୍ୱଳ୍ପାହାର ନିୟମ ଅବଲମ୍ବନ କରୁଛି। ରାତିରେ ଧନୀ ଖାଉଛି ଭିକାରୀ ଭଳି ଖଣ୍ଡେ ରୋଟି। ଶରୀର ସୁସ୍ଥ ରହିବ। ଏମିତିକି ଦିନରେ ଭର ପେଟ ଖାଦ୍ୟ ଖାଉନି। ସକାଳ ଜଳଖିଆ ଭୁଲି ଯାଇଛି। କମ୍ ଖାଇବ ବୋଲି ଅଧିକ ପାଣି ପିଉଛି । କାରଣ ସେ ସୁନ୍ଦର ଶରୀର ବଜାୟ ରଖିବା ସହିତ ଦୀର୍ଘ ଦିନ ଯାଏ ସେ ଯୁବା ବୟସରେ ରହିବ।ହେଲେ ପେଟର ଭୋକ ମାରିବା ପାଇଁ ଗରିବ ପାଣି ପିଏ। ତା' ପାଖରେ ତା' ପେଟ ପୁରିବା ବଡ଼ କଥା। ସୁନ୍ଦର ଶରୀର କଥା କେତେବେଳେ ଭାବିବ। ଗରିବ ମିଠା ଖାଇବା ସ୍ୱପ୍ନ ଥିଲା। ଦେଖିଲେ ବି କିଣି ପାରୁ ନ ଥିଲା। ଧନୀ ବିଭିନ୍ନ ପ୍ରକାରର ମିଠା ନିଜେ ଖାଉଥିଲା, ବାଣ୍ଟୁ ଥିଲା। ଏବେ ଆଉ ଧନୀ ମିଠା ଖାଉନି କାହିଁକି କାଳେ ତାକୁ ମଧୁମେହ ରୋଗ ହେବ, ସେ ମୋଟା ହେଇଯିବ। ହେଲେ ଗରିବ ମନ ଭରି ମିଠା ଖାଉଛି। ନା ସେ ମୋଟା ହେଉଛି ନା ଶରୀର ତାର ପ୍ରଭାବିତ ହେଉଛି।

ସିଏ ମୋଟା ହେଉନି କି ତାର ଝଡ଼ିବାର ଚିନ୍ତା ନାହିଁ। ଆଗେ ସମ୍ଭ୍ରାନ୍ତ ଶ୍ରେଣୀର ଲୋକେ ଗହମ ଅଟାର ରୁଟି ଖାଉଥିଲେ। ଅନ୍ୟମାନେ ବାଜରା ଓ ମକା ଅଟାର ରୋଟି ଖାଉଥିଲେ। କାରଣ ଗହମ ଅଟା ଦର ଅଧିକ। ଅନ୍ୟ ଗୁଡ଼ିକ ଶସ୍ତା। ସ୍ୱାଦ ଓ ଚାହିଦା ସମୟ ଅନୁଯାୟୀ ବଦଳି ଯାଏ। ଅଭି ଠିକ୍ ତାର ଓଲଟା ହେଉଛି। ସମ୍ଭ୍ରାନ୍ତ ଶ୍ରେଣୀ କୁ ଅନ୍ୟ ଅଟାର ରୋଟି ଭଲ ଲାଗୁଛି କାରଣ ଏହା ଶରୀର ଉପଯୋଗୀ। ଅନ୍ୟ ପକ୍ଷରେ ଅର୍ଥାଭାବୀ ଗହମ ଅଟାର ରୋଟି ଖାଉଛି। ଏହା ତା ପାଇଁ ଶସ୍ତା। ମୁଁ ପିଲା ବେଳେ ଦେଖିଛି ମୋ ଜେଜେବାପା ଜେଜେମା ଚାହା ରେ ଗୁଡ଼ ପକେଇ ପିଉଥିଲେ। ପିଠା ପଣା ସବୁଥିରେ ଗୁଡ଼ ବ୍ୟବହାର କରୁଥିଲେ। ପରବର୍ତ୍ତୀ ସମୟରେ ଚିନି ର ବ୍ୟବହାର ପ୍ରବଳ ହେଲା। ଏବେ ପୁଣି ଚିନିର ସ୍ଥାନ ଗୁଡ଼ ନେଇଛି। ଗୁଡ଼ ଖାଇଲେ ଶରୀର ସୁସ୍ଥ ରହୁଛି। ଜଳଖିଆ କହିଲେ ମୁଢ଼ି, ଚୁଡ଼ା, ହୁଡୁମ୍, ଛତୁଆ, ଆଦି ଖାଉଥିଲେ ସାଧାରଣ ଲୋକେ କିନ୍ତୁ ସୁଜି, ଉପମା, ରୁଟି, ପରଟା , ପୁରି ଆଦି ଖାଉଥିଲେ ପ୍ରତିଷ୍ଠିତ ଲୋକେ। ହେଲେ ଏବେ ସମାଜରେ ପ୍ରତିଷ୍ଠିତ ଲୋକେ ପାଉଁରୁଟି, ବଟର, ଜାମ୍, ଓଟ୍ସ୍, ଫଳ ସାଲାଡ୍, ଫଳ ରସ ଆଦି ଖାଉଛନ୍ତି। ସଧାରଣ ଲୋକେ ଖାଉଛନ୍ତି ପୁରି, ପରଟା, ଇଡ୍ ଲି, ଉପମା, ମ୍ୟାଗି ଆଦି। ଧନୀ ନିଜେ ସୁସ୍ଥ ରହିବା ପାଇଁ ପଇସା ଦେଇ ଜିମ୍ ରେ ପରିଶ୍ରମ କରୁଛି ହେଲେ ଗରିବ ଅର୍ଥ ଉପାର୍ଜନ ପାଇଁ କଠିନ ପରିଶ୍ରମ କରୁଛି। ଧନୀ ଶାରିରୀକ ପରିଶ୍ରମ କରିବା ପାଇଁ ସକାଳେ ସନ୍ଧ୍ୟାରେ ଚାଲିବାକୁ ଯାଉଛି । ଗରିବ ଚାଲି ଚାଲି ଥକି ଯାଉଛି ତାକୁ ବସିବାକୁ ସମୟ ନାହିଁ।

ଆଗେ ଲଜ୍ଜା ନିବାରଣ ପାଇଁ ବସ୍ତ୍ର ପିନ୍ଧୁଥିଲେ । ଥିଲା ବାଲା ପ୍ରାଚୁର୍ଯ୍ୟ ହେତୁ ପୂର୍ଣ୍ଣ ବସ୍ତ୍ର ପିନ୍ଧୁଥିଲା। ଅର୍ଥାଭାବ ଯୋଗୁଁ ଗରିବ ଖଣ୍ଡେବସ୍ତ୍ରରେ ଦିନ କାଟୁଥିଲା। ନହେଲେ ଅଳ୍ପ ବସ୍ତ୍ର ମାନେ ଲୁଗା ଥିଲେ ଅନ୍ତ ବସ୍ତ୍ର ନଥିଲା। ପୁରୁଷ ଆଣ୍ଠୁ ଉପରକୁ ଧୋତି ଖଣ୍ଡେ କୁର୍ତ୍ତା ପିନ୍ଧୁଥିଲା। ଏହିଭଳି ପରିପାଟୀର କାରଣ ବୁଝି ହେଉଥିଲା। ଏବେ ଅନ୍ତର ବହୁତ୍। ଧନୀ ପିନ୍ଧୁଛି ସ୍ୱଳ୍ପ ବସ୍ତ୍ର । ଗରିବ ପିନ୍ଧୁଛି ପୂର୍ଣ୍ଣ ବସ୍ତ୍ର। ମୁଁ ଶୁଣିଥିଲି ଅର୍ଥାଭାବରୁ ସାଧାରଣତଃ ଗରିବ ମୁଣ୍ଡରେ ତେଲ ଲଗେଇ ପାରେନି। ତେଲ ଶୂନ୍ୟ ହୋଇ ତା ଚୁଟି ପବନରେ ଫର ଫର ହୋଇ ଉଡେ। ହେଲେ ଏବେ ଯାହାର ଚୁଟି ପବନରେ ଫର ଫର ହୋଇ ଉଡୁଛି ସିଏ ଧନୀ ରୂପେ ପରିଚିତ ହେଉଛି। ଆମେ ଜାଣିଛୁ ଛିଣ୍ଡା, ଫଟା ବସ୍ତ୍ର ଭିକାରୀ ପିନ୍ଧେ। ବଡ଼ ଆଶ୍ଚର୍ଯ୍ୟର କଥା ଏହି ବସ୍ତ୍ର ଏବେ ଥିଲାବାଲା ପିନ୍ଧୁଛି। ସମାଜର ତଥା କଥିତ ବଡ଼ ଲୋକେ ସୁନା ରୂପା ଅଳଙ୍କାର ପିନ୍ଧୁଥିଲେ। କୌଣସି ପାରିବାରିକ କିମ୍ବା ବନ୍ଧୁ ବାନ୍ଧବ ଶୁଭ କାର୍ଯ୍ୟରେ ଲୋକେ ବହୁତ୍ ଗହଣା ପିନ୍ଧୁଥିଲେ। ଯେଉଁ ମାନେ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ନ ଥିଲେ, ସେମାନେ ସାଧାରଣ ମାଳିରେ ତିଆରି କିମ୍ବା ଇମିଟେଶନ୍ ଅଳଙ୍କାର ପିନ୍ଧୁଥିଲେ। ବର୍ତ୍ତମାନ ଚିତ୍ର ବିପରୀତ।

ଦିନ ଥିଲା ସଧାରଣ ଲୋକେ ସାଇକେଲ ଚଢ଼ି ଯିବା ଆସିବା କରୁଥିଲେ। ଥିଲା ବାଲା ଦୁଇ ଚକିଆ କିମ୍ବା ଚାରି ଚକିଆ ଗାଡ଼ି ଚଢୁ ଥିଲେ। ଆଧୁନିକ ଯୁଗରେ ଶରୀର ଓ ପରିବେଶର ଦ୍ୱାହି ଦେଇ ଥିଲା ବାଲା ସାଇକେଲ ଚଢୁଛି କିନ୍ତୁ ସାଧାରଣ ବ୍ୟକ୍ତି ଦାମିକାରୁ ଦାମିକା ଗାଡ଼ି ଚଢୁଛି।

ଆଗେ ରେଡ଼ିଓ ଶୁଣିବାକୁ ଲୋକେ ଭାରି ଆଗ୍ରହୀ ଥିଲେ। ଯାହା ଘରେ ରେଡ଼ିଓ ବାଜୁଥିଲା ଲୋକେ କାନ ଡେରି ଶୁଣୁଥିଲେ। ଆଜି ଆଉ ରେଡ଼ିଓର ଚାହିଦା ନାହିଁ। ତାର ସ୍ଥାନ ନେଇଛି ମୋବାଇଲ୍। ଏହା ପୁଣି ସମସ୍ତଙ୍କୁ ଏକାକାର କରି ଦେଇଛି।

ଆଗେ ପ୍ରାୟତଃ ବହି ପଢ଼ି ଆନନ୍ଦିତ ହେଉଥିଲେ। ଏବେ ବହିର ଆଦର ଦିନକୁ ଦିନ କମି ଯାଉଛି। କାରଣ ସମସ୍ତେ ଛକ୍କଙ୍କଷ୍ପଙ୍କଭର ଓ ଲଙ୍କ ରୁ ଶୁଣିବା ଓ ଦେଖିବା ପାଇଁ ଭଲ ପାଉଛନ୍ତି। ଭଲ ବହିର ଚାହିଦା କମି ଗଲାଣି। ଲୋକେ ଶସ୍ତା କାହାଣୀ ଶୁଣିବାକୁ ବେଶି ଆଗ୍ରହୀ। ରାମାୟଣ, ମହାଭାରତ, ଭାଗବତ, ପୁରାଣ, ଲୋକଗୀତ ଆଦି ରେ ରୁଚି ନାହିଁ। ଦେଖିବେ ମାର୍ଗଶୀର ମାସରେ ଲକ୍ଷ୍ମୀ ପୁରାଣ ପଢୁଛନ୍ତି କମ୍ ଶୁଣୁଛନ୍ତି ବେଶୀ। ସେମିତି ବିଭିନ୍ନ ପୂଜାରେ ରେକର୍ଡିଂ ପୂଜା ଗୀତ ବାଜୁଛି। କେହି ପୋଥି ପୁରାଣ ପଢୁ ନାହାଁନ୍ତି କି ଜାଣିବାକୁ ଚାହୁଁ ନାହାଁନ୍ତି। କର୍ମ କମ୍ ବରଂ ତର୍କ ବେଶୀ।

ମଣିଷ ସୁରକ୍ଷିତ ରହିବା ପାଇଁ ବାସ ଖଣ୍ଡେ ଲୋଡ଼ା। ଯେମିତି ହେଉ ଘର ଖଣ୍ଡେ ଥିଲେ କେତେ କଥା। ସାଧାରଣତଃ ଲୋକଙ୍କର ଛପର ଘର ଥିଲା। ଆଉ ଲୋକେ ଭାରି ଆନନ୍ଦରେ ଥିଲେ। ସେ ଘରେ କଣ ଥାଉ ନ ଥାଉ ଆତ୍ମିୟତା ଥିଲା। ସ୍ନେହ ମମତା ଥିଲା। ଜଣେ ଜଣଙ୍କ ପାଇଁ ତା' ସହିତ ବିପଦ ଆପଦରେ ଠିଆ ହେଉଥିଲା। ଦରକାର ପଡ଼ିଲେ ପୁରା ପରିବାର ଏକାଠି ହେଇ ଯାଉଥିଲା। ଯୌଥ ପରିବାର ବ୍ୟବସ୍ଥା କେଡ଼େ ସୁନ୍ଦର ବ୍ୟବସ୍ଥା ଥିଲା। ଘର ସଂଖ୍ୟା କମ୍ ଥିଲା ଲୋକ ସଂଖ୍ୟା ଅଧିକ ଥିଲା । ତଥାପି ସମସ୍ତେ ଖାପ ଖୁଆଇ ଚଳି ଯାଉଥିଲେ। ଘରେ ଏକା ସମୟରେ ଏକ ସ୍ଥାନରେ ବସି ହସ ଖୁସି କରିବାକୁ ଜାଗା ନ ଥିଲା ହେଲେ ସମସ୍ତେ ସେମିତି କମ୍ ଜାଗାରେ ଗୁଞ୍ଜି ହୋଇ ଏକାଠି ବସୁ ଥିଲେ ଆଉ ହସ ଖୁସି ରେ ସମୟ କାଟୁ ଥିଲେ। କୌଣସି ଖାଦ୍ୟ ରନ୍ଧା ହେଲେ ସମସ୍ତେ ବାଣ୍ଟି କି ଖାଉଥିଲେ। ଏମିତି କେବେବି କେହି ଅନୁଭବ କରିନି ଯେ ତା' ପେଟ ପୁରି ନାହିଁ। ତାପରେ ଏକ ସ୍ଥାନରେ ବସି କି ଖାଇବା ବଡ଼ କଷ୍ଟ ଥିଲା ।ଲୋକଙ୍କ ପାଖରେ ଯାତାୟାତ ପାଇଁ ଗାଡ଼ି ଘୋଡ଼ା ର ସୁବିଧା ନ ଥିଲା। କିନ୍ତୁ କୁଆଡ଼େ ବୁଲିବାକୁ ଯାଉଥିଲେ ସମସ୍ତେ ଏକାଠି ଯାଉଥିଲେ। ସମସ୍ତେ ମିଳିମିଶି ଭ୍ରମଣର ଖୁବ୍ ମଜା ନେଉଥିଲେ ।କିନ୍ତୁ ଅଭି ଲୋକଙ୍କ ପାଖରେ ବିରାଟ ବଡ଼ ବଡ଼ ଘର ଅଛି କିନ୍ତୁ ଲୋକ ସଂଖ୍ୟା ପୁରା କମ୍। ବଡ଼ ବଡ଼ ବୈଠକ ଖନା ଅଛି, ବସିବା ପାଇଁ କେତେ ପ୍ରକାରର ଆସନ ବ୍ୟବସ୍ଥା ଅଛି ହେଲେ ଏକାଠି ବସିବାକୁ ଲୋକ ନାହାଁନ୍ତି କି ଯେତିକି ବି ଅଛନ୍ତି କାହା ପାଖରେ କାହା ପାଇଁ ସମୟ ନାହିଁ। କେହି କାହାକୁ ସମୟ ଦେଇ ପାରୁ ନାହାଁନ୍ତି। ଏମିତିକି ଗୋଟିଏ ଘରେ ରହିଲେ ମଧ୍ୟ କାହାରି କାହା ସହିତ ଦେଖା ବି ହଉନି। ଘରେ ବହୁତ୍ ପ୍ରକାରର ରୋଷେଇ ହେଉଛି।ଖାଇବା ଟେବୁଲ୍ ଉପରେ ଖାଦ୍ୟ ସଜା ହୋଇ ଥୁଆ ହେଉଛି। ଅନେକ ଚୌକି ପଡ଼ିଛି ବସି ଖାଇବା ପାଇଁ। ଲୋକ କାହାଁନ୍ତି ବସି ଖାଇବେ। କିଏ କେତେବେଳେ ଖାଉଛି ତାର ଠିକଣା ନାହିଁ। ଖାଦ୍ୟ ବଳି ପଡୁଛି କାହିଁକି ନା ସମସ୍ତେ ଅଧା ପେଟ ଖାଉଛନ୍ତି। ଅଭି ସମସ୍ତଙ୍କ ପାଖରେ ବଡ଼ ବଡ଼ ଗାଡ଼ି ଅଛି। ଘର ସାମନାରେ ଗୋଟେ ନୁହେଁ ବରଂ ଦୁଇ ଟା କି ତିନି ଟା ଗାଡ଼ି ଥୁଆ ହୋଇଛି। ଯେ ଯାହା ବାଟରେ ଯାଉଛି ଆସୁଛି। ଏକାଠି ହୋଇ କେତେବେଳେ କିଏ କାହା ସହିତ ଯିବ। ଏକାଠି ଭ୍ରମଣରେ ଯିବାର ପ୍ରଶ୍ନ ଉଠୁ ନାହିଁ। ଯଦି ବି କୁଆଡ଼େ ଯାଉଛନ୍ତି ଦେଖେଇ ହେଉଛନ୍ତି ସେମାନେ ବହୁତ୍ ଖୁସି। ସେମାନେ ଭାଗ୍ୟବାନ। ସେମାନେ ଜୀବନର ସବୁ କ୍ଷଣ କୁ ମନ ଭରି ବଞ୍ଚୁଛନ୍ତି ।ସମସ୍ତଙ୍କ ମୁହଁରେ ହସ ଫୁଟି ଉଠୁଛି। ସତରେ କିଏ ଖୁସି କି ନାହିଁ ଜାଣି ହଉନି।

ଆଗେ ଲୋକେ ଏକାଠି ବସି କଥାବାର୍ତ୍ତା ହେବାକୁ ଭଲ ପାଉଥିଲେ। ସମ୍ମୁଖରେ ବସି କଥା ହେବାରେ ଏକ ଅଲଗା ପ୍ରକାରର ଆନନ୍ଦ ଥାଏ। ଏହା ଦ୍ୱାରା ଆପଣାର ଭାବ ବଢ଼େ। ଆଖିରେ ଆଖି ମିଶେଇ କଥା ହେଲେ କିଛି ଅକୁହା କଥା ବୁଝି ହେଇ ଯାଏ। କେହି କାହାକୁ ମିଛ କହି ପାରନ୍ତିନି। ଏବେ କଥା ହେବାର ମାଧ୍ୟମ ହେଉଛି ମୋବାଇଲ୍। ଯିଏ ଯେତେ ଦୂରରେ ଥାଉ ପୁଣି ଯେତେବେଳେ ଇଚ୍ଛା ହେଲେ ଅତି ସହଜରେ କଥା ହେଇ ହଉଛି। କଥା ହେବା ସମୟରେ ପ୍ରାୟ କେହି କାହାକୁ ଦେଖୁ ନାହାଁନ୍ତି ତେଣୁ ବହୁତ ସମୟରେ ଅନେକେ ମିଛ କହୁଛନ୍ତି। ଏ ମୋବାଇଲ୍ ଚକର୍ ରେ ଅନେକେ ଏକୁଟିଆ ରହି ବାକୁ ଭଲ ପାଉଛନ୍ତି। ଆଉ ମିଳିମିଶି ରହିବାକୁ ଭଲ ପାଉ ନାହାଁନ୍ତି। କହୁଛନ୍ତି ତାଙ୍କର ଗୋପନୀୟତା ରହୁ ନାହିଁ। ସେମାନେ ନିଜ ଇଚ୍ଛା ରେ ବଞ୍ଚି ପାରୁ ନାହାଁନ୍ତି। ତାଙ୍କୁ ଜୀବନରେ ସ୍ୱତନ୍ତ୍ରତାର ଆବଶ୍ୟକତା ଅଛି ହେଲେ ମିଳୁ ନାହିଁ।

ଆଗର ସମୟ ଏବଂ ବର୍ତ୍ତମାନ୍ ସମୟ ଭିତରେ ଅନେକ ଅନ୍ତର ଅଛି। ଏହା କେବଳ ମୁଁ ନୁହେଁ ଆପଣମାନେ ବି ଅନୁଭବ କରୁଥିବେ। ଆମେ ଯଦି ଆମର ଦୈନନ୍ଦିନ ଜୀବନ ଶୈଳୀକୁ ଦେଖିବା ପ୍ରତ୍ୟେକ ମୁହୂର୍ତ୍ତ କିଛି ନା କିଛି ଭିନ୍ନତା ପାଇବା। ଏହି ଅନ୍ତର ଆକାଶ ପାତାଳ ଫରକ୍ ଦର୍ଶାଉଛି। ଅନ୍ତର ଆସିବା ସ୍ୱାଭାବିକ କିନ୍ତୁ ଏହା ସଂସ୍କୃତି, ସ୍ଥିତି ଏବଂ ବ୍ୟକ୍ତିର ଅସ୍ତିତ୍ୱ କୁ କାଳ ଗର୍ଭରେ ବିଲୋପ କରି ନ ଦେଉ। ଅନ୍ତର ଏକ ସୀମା ପର୍ଯ୍ୟନ୍ତ ଗ୍ରହଣୀୟ।

ଇମର୍ଜୀ ଦେବୀ ମହିଳା
ମହାବିଦ୍ୟାଳୟ, କଟକ
ମୋ: ୯୯୩୭୪୩୪୯୨୨

# ନୂତନ ଶ୍ରମ ଆଇନ

## ସୌଭାଗ୍ୟ ରଞ୍ଜନ ମହାନ୍ତି

ଦେଶରେ ୨୯ଟି ଆଇନ ବଦଳରେ ଚାରୋଟି ଶ୍ରମ କୋର୍ଡର ଶ୍ରମ କୋର୍ଡର କାର୍ଯ୍ୟକାରତା ପାଇଁ କେନ୍ଦ୍ର ସରକାରଙ୍କ ବିଜ୍ଞପ୍ତି ଜାରି କେବଳ ଏକ ବୃହତ ଶ୍ରମ ସଂସ୍କାର ନୁହେଁ, ଭାରତୀୟ ଅର୍ଥନୀତିର ଇତିହାସରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଶ୍ରମ ବଜାର ସଂସ୍କାର ନୁହେଁ, ଭାରତୀୟ ଅର୍ଥନୀତିର ଇତିହାସରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଶ୍ରମ ବଜାର ସଂସ୍କାର ବୋଲି କୁହାଯାଇପାରିବ। ଶ୍ରମିକଙ୍କ ପାରିଶ୍ରମିକ, ଶ୍ରମ ସମ୍ପର୍କ, ସାମାଜିକ ନିରାପତା, ସ୍ୱାସ୍ଥ୍ୟ ଓ କାର୍ଯ୍ୟ ସର୍ତାବଳୀ ଉପରେ ଆଧାରିତ ଏହି ଚାରୋଟି ଶ୍ରମ କୋର୍ଡକୁ ଦେଶର ବ୍ୟବସାୟୀ ଓ ପୁଂଜିନିବେଶକାରୀ ସମୁଦାୟ ଭୂୟସୀ ପ୍ରଶଂସା କରିବା ସହ ଏହା ଏକ ଦୀର୍ଘ ଦିନର ଆବଶ୍ୟକତା ବୋଲି ଦର୍ଶାଇଛନ୍ତି, ଉଲ୍ଲେଖଯୋଗ୍ୟ ଯେ, ଗତ ୨୦୧୯ ଏବଂ ୨୦୨୦ ମଧ୍ୟରେ ପାର୍ଲାମେଣ୍ଟରେ ମଂଜୁରୀ ପ୍ରାପ୍ତ ଏହି ସମସ୍ତ କୋର୍ଡର କାର୍ଯ୍ୟକାରିତା ବିଭିନ୍ନ କାରଣରୁ ବିଳମ୍ବ ହୋଇଥିଲା। ଶ୍ରମିକ ମାଲିକ ତଥା କର୍ମଚାରୀ-ନିଯୁକ୍ତିଦାତାଙ୍କ ସମ୍ପର୍କ ସଂକ୍ରାନ୍ତୀୟ ୨୯ଟି ଆଇନ ବଦଳରେ ପ୍ରଣୀତ ଏହି କୋର୍ଡଗୁଡିକ ଅତ୍ୟନ୍ତ ଗୁରୁତ୍ୱ ବହନ କରେ ଏଇଥିପାଇଁ ଯେ, ଗୋଟିଏ କମ୍ପାନୀ ପାଇଁ ପ୍ରତିବର୍ଷ ଅଙ୍ଗୀକାର ପତ୍ର ଆବଶ୍ୟକତାକୁ ଏହା ହ୍ରାସ କରିଛି। ଏହି ନୂତନ ଶ୍ରମ କୋର୍ଡ ଆଇନକୁ ବହୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳଗୁଡିକ କାର୍ଯ୍ୟକାରୀ କରିବା ପୂର୍ବକ ବିଜ୍ଞପ୍ତି ପ୍ରକାଶ କରିଥିବାବେଳେ ଅନ୍ୟ ରାଜ୍ୟଗୁଡିକ ଯଥାଶୀଘ୍ର ଅନୁରୂପ ପଦକ୍ଷେପ ନେବା କେନ୍ଦ୍ର ସରକାର ଆଶାବାଦୀ ଅଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏହି ଚାରୋଟି କୋର୍ଡରେ କର୍ମଚାରୀ ନିଯୁକ୍ତିଦାତା ସମ୍ପର୍କ, ସାମାଜିକ ନିରାପତା, ପାଣିଶ୍ରମିକ ଏବଂ ବୃତିଗତ ନିରାପତାରେ ବ୍ୟାପକ ପରିବର୍ତନ ଅଣାଯାଇଛି। ଏହି ଚାରୋଟି କୋର୍ଡ (ଆଇନ) ଗୁଡିକର ଏଭଳି ଏକତ୍ରୀକରଣ ଓ ସରଳୀକରଣ କରାଯାଇଛି, ଯାହା ଆଜିର ପ୍ରତିଯୋଗିତାମୂଳକ ଜଗତରେ ଏକାନ୍ତ ଆବଶ୍ୟକ ଥିଲା। ସେହିପରି ଶ୍ରମକମାନଙ୍କ ପାଇଁ ଏହି କୋର୍ଡମାନ ଏକ ନ୍ୟାୟସମ୍ମତ ନିଯୁକ୍ତି ପରିବେଶ ସୃଷ୍ଟି କରିବା କ୍ଷେତ୍ରରେ ଏକ ଦୃଢ ପଦକ୍ଷେପ, ଏଥିରେ ସନ୍ଦେହ ନାହିଁ। ପାରିଶ୍ରମିକ ସମ୍ପର୍କିତ କୋର୍ଡ ସାର୍ବଜନୀନ ସର୍ବନିମ୍ନ ପାରିଶ୍ରମିକ ପ୍ରଦାନ ସୁନିଶ୍ଚିତ କରିଥିବା ବେଳେ ଠିକ୍ ସମୟରେ ପାରିଶ୍ରମିକ ପ୍ରଦାନ ଉପରେ ଗୁରୁତ୍ୱ ଦେଇଛି। ଆହୁରି ମଧ୍ୟ ବୃତିଗତ ନିରାପତା, ସ୍ୱାସ୍ଥ୍ୟ ଓ କାର୍ଯ୍ୟ ପରିବେଶ ସମ୍ପର୍କିତ କୋର୍ଡ କାର୍ଯ୍ୟସ୍ଥଳୀର ନିରାପତା ନିଶ୍ଚିତ କରିବା ସହ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଓ ଶାସକ କଲ୍ୟାଣ ସୁବିଧା ସୁଯୋଗ ଉପଲବ୍ଧି ଲାଗି ଦୃଢ ବ୍ୟବସ୍ଥା ରହିଛି। ଭବିଷ୍ୟତ ପାଣ୍ଠି, ଗ୍ରାଚୁଇଟି, ମାତୃତ୍ୱ ଛୁଟି, ବୀମା ଭଳି ସାମାଜିକ ନିରାପତା ପ୍ରଦାନ ଲାଗୁ ପାଇଁ ବାଧ୍ୟତାମୂଳକ ବ୍ୟବସ୍ଥା ରହିଛି। ପୂର୍ବରୁ ଏହି ସମସ୍ତ ସୁବିଧାରୁ ବଂଚିତ ହୋଇଥିବା କୋଟି କୋଟି ଶ୍ରମିକ ଏହି ନୂତନ ଆଇନ ଦ୍ୱାରା ଉପଯୁକ୍ତ ହେବେ। ସେହିପରି ଅନ୍ତରାଜ୍ୟ, ପ୍ରବାସୀ ଶ୍ରମିକ ଯେଉଁମାନେ ରେକର୍ଡ ପତ୍ରରେ ଏକ ପ୍ରକାର ଅଦୃଶ୍ୟ ଥିଲେ, ସେମାନେ ତାଙ୍କର ହକ ପାଇପାରିବେ। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରଗତିଶୀଳ ପଦକ୍ଷେପ ହେଉଛି ଆଜିର ନବ-ଆର୍ବିଭୂତ ବିଶାଳ ଗିଗ୍ ଓ ପ୍ଲାଟଫର୍ମ ଶ୍ରମିକ ବାହିନୀକୁ ବିଧିବଦ୍ଧ ସ୍ୱୀକୃତି ପ୍ରଦାନ। ଆଜିର ଇ-କମର୍ସ ଯୁଗରେ ଗ୍ରାହକମାନଙ୍କ ପାଖରେ ଠିକ୍ ସମୟରେ ସାମଗ୍ରୀ ପହଁଚାଇବା ଏହି ଶିଖ୍ କର୍ମଚାରୀମାନଙ୍କ ସଂଖ୍ୟା ଏବେ ଆମ ଦେଶରେ ୮ ନିୟୁତରେ ପହଁଚିଥିବା ବେଳେ ଖୁବଶୀଘ୍ର ଏହି ସଂଖ୍ୟା ବିସ୍ଫୋରକ ପର୍ଯ୍ୟାୟରେ ପହଁଚିବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। କର୍ମକ୍ଷେତ୍ରରେ ଲିଙ୍ଗଗତ ପ୍ରଭେଦ ଦୂର ପାଇଁ କୋର୍ଡରେ ଯଥାର୍ଥ ନିୟମ ରହିଥିବାବେଳେ ସମାନ କାମ ପାଇଁ ସମାନ ପାରିଶ୍ରମିକ, ପ୍ରସବକାଳୀନ ସହାୟତା, ଶିଶୁଙ୍କ ପାଳନ ପାଇଁ କଠୋର ବ୍ୟବସ୍ଥା ରହିଛି। ଏହା ନିସନ୍ଦେହ ଯେ, ଏହି ନୂତନ କୋର୍ଡ ଦ୍ୱାରା ଶ୍ରମିକଙ୍କ ସ୍ୱାର୍ଥ ସୁରକ୍ଷିତ ରହିପାରିବ। ଦେଶର ଯୁବଗୋଷ୍ଠୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ପ୍ରତିବର୍ଷ ପ୍ରାୟ ୧୨ନିୟୁତ ଯୁବକ ଯୁବତୀ କାର୍ଯ୍ୟକରିବାର ବୟସରେ ପାଦ ଥୋଇବା ନେଇ ଆକଳନ କରାଯାଏ। ଏହି ଧାରା ବହୁ ବର୍ଷ ପର୍ଯ୍ୟନ୍ତ ବଜାୟ ରହିବ। ୨୦୨୩-୨୪ ଅର୍ଥନୈତିକ ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ବାର୍ଷିକ ହାରାହରି ପ୍ରାୟ ୭୮.୫ ଲକ୍ଷ ଚାକିରି ବା ନିଯୁକ୍ତି ସୃଷ୍ଟିର ଆବଶ୍ୟକତା ରହିଛି। ଅଣ-କୃଷି କ୍ଷେତ୍ରରେ ଆସନ୍ତା ୨୦୩୦ ପର୍ଯ୍ୟନ୍ତ ଶ୍ରମଶକ୍ତିର ନିଯୁକ୍ତି ବୃଦ୍ଧିର ସମ୍ଭାବନା ରହିଛି। ଏହି ଶ୍ରମ ଆଇନଗୁଡିକ ଯୁଗାନ୍ତକାରୀ ହୋଇଥିବା ସତ୍ତ୍ୱେ ବହୁ ଶ୍ରମିକ ୟୁନିୟନ ଏହା ସମସ୍ତ ସମସ୍ୟାର ସମାଧାନ କରିନପାରିବା ଆଶଙ୍କା ପ୍ରକାଶ କରିଛନ୍ତି। ବହୁ ଶ୍ରମିକ ସଂଗଠନ ଅଭିଯୋଗ କରିଛନ୍ତି ଯେ, ଦ୍ୱିତୀୟ ଜାତୀୟ ଶ୍ରମ କମିଶନଙ୍କର ବହୁ ଶ୍ରମିକ ସପକ୍ଷ ସୁପାରିଶକୁ ସରକାର ଉପେକ୍ଷା କରିଛନ୍ତି। ଏଥିପ୍ରତି ସରକାର ଧ୍ୟାନ ଦେବେ ବୋଲି ଆଶା କରିବା। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ଯୁଦ୍ଧ, ବାଣିଜ୍ୟ ଯୁଦ୍ଧ ଏବଂ ଜଳବାୟୁ ପରିବର୍ତନ ଏବେ ଶ୍ରମକ୍ଷେତ୍ରରେ ଅନିଶ୍ଚିତା ସୃଷ୍ଟି କରିଛି। ଏହାର ତ୍ୱରିତ ପ୍ରତିକାର ଏବଂ ଶ୍ରମକୋର୍ଡ ଗୁଡିକର ସୁସ୍ଥ ପରିଚାଳନା ନିଶ୍ଚିତ କରିବା ପାଇଁ ୪୭ତମ ଭାରତୀୟ ଶ୍ରମିକ ସମ୍ମିଳନୀ (ଆଇଏଲସି) ଅଧିବେଶନ ଡକାଯିବା ଜରୁରୀ। ଯେଉଁଥିରେ ସବୁକିଛି ଉପରେ ବ୍ୟାପକ ବିଚାର ବିମର୍ଷ ହୋଇପାରିବ। ସେହିପରି ରାଜ୍ୟଗୁଡିକ ଉଭୟ ନିଯୁକ୍ତିଦାତା ଓ କର୍ମଚାରୀଙ୍କ ସହ ବିଚାରବିମର୍ଷ କରିବା ଉଚିତ, ଯାହାଦ୍ୱାରା ଆଇନର ଯଥାର୍ଥ କାର୍ଯ୍ୟକାରୀ ସମ୍ଭବ ହେବ।

ଭୁବନେଶ୍ୱର
ମୋ:୭୯୭୮୬୬୬୪୦୩

# ସାଂସାରିକ ମୋହ

## ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ମଣିଷ ଜୀବନର ଅସଲ ଲକ୍ଷ୍ୟ ହେଉଛି ଭଗବତ ପ୍ରାପ୍ତି। ପ୍ରତ୍ୟେକ ମନୁଷ୍ୟର ଆତ୍ମାର ଏହାହିଁ ଏକାନ୍ତ କାମନା। ଆତ୍ମା ଯେତେବେଳେ ପରମାତ୍ମାଙ୍କ ଠାରୁ ବିଚ୍ଛିନ୍ନ ହୋଇ ଭୌତିକ ଜଗତକୁ ପ୍ରବେଶ କରେ, ସେ ପ୍ରତିଜ୍ଞା କରିଥାଏ ପରମାତ୍ମାଙ୍କ ସଙ୍ଗେ ମିଳିତ ହେବ ବୋଲି, କିନ୍ତୁ ସେ ଏ ମାଟିର ସ୍ପର୍ଶ ପାଇଲା ମାତ୍ରେ ସବୁ ପ୍ରତିଜ୍ଞା ଭୁଲିଯାଏ। ସାଂସାରିକ ମୋହ ମାୟାରେ ସେ ଆଚ୍ଛନ୍ନ ହୋଇପଡ଼େ। ଆତ୍ମା ଆଚ୍ଛାଦିତ ହୋଇଯାଏ ପରଦାର ଆବରଣରେ ମନ, ପ୍ରାଣ ଓ ଦେହର ଅଜ୍ଞତା ଅବିଦ୍ୟା ତାକୁ ଉଦ୍ ?ଭ୍ରାନ୍ତ କରେ। ଫଳତଃ ସେ ଭୁଲ୍‌ବାଟରେ ଅଶାନ୍ତିର ଶିକାର ହୁଏ ଓ ଜୀବନର ସବୁ ସରସତା ତାର ନଷ୍ଟ ହୋଇଯାଏ। ଅବିଦ୍ୟାରୁ ମୁକ୍ତହୋଇ ବିଦ୍ୟାର ଆଲୋକରେ ଆଲୋକିତ ହେବା ପାଇଁ ବ୍ୟକ୍ତିକୁ କିଛି ପ୍ରୟାସ ଓ ପ୍ରଚେଷ୍ଟା କରିବାକୁ ପଡ଼େ। ଆମେ ଗୋଟିଏ ଶୁଆକୁ 'ସୁପ୍ରଭାତ' କହିବା ଶିଖେଇ ଦେଇପାରିବା । କିନ୍ତୁ ଯଦି ଆମେ ତାର ଗଳାକୁ ଜୋରରେ ଚାପିଦେବା, ତେବେ ସେ କୃତ୍ରିମ ରୂପରେ ଶିଖିଥିବା ଶବ୍ଦଟି ଭୁଲିଯାଇ ତାର ସ୍ୱାଭାବିକ ଶବ୍ଦ 'କ୍ୱ' ଉଚ୍ଚାରଣ କରିବ । ସେହିପରି,ମୃତ୍ୟୁ ସମୟରେ ଆମର ମନ ସ୍ୱାଭାବିକ ଭାବରେ ସେହି ଚିନ୍ତାଧାରା ଅଭିମୁଖରେ ପ୍ରବାହିତ ହୁଏ, ଯାହାର ଅଭ୍ୟାସ ଆମେ ଜୀବନ ସାରା କରିଥାଏ । ଜିନିଷପତ୍ର ସଜାଡ଼ି ସାରିବା ପରେ ଯାତ୍ରାର କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଏ ନାହିଁ । ବରଂ ତା' ପୂର୍ବରୁ, ଏହାର ରୀତିମତ ଯୋଜନା ପ୍ରସ୍ତୁତ କରାଯିବା ଉଚିତ । ମୃତ୍ୟୁ ସମୟରେ ମୁଖ୍ୟତଃ ଯେଉଁ ବିଚାର ଆମ ମନକୁ ଅଧିକାର କରିଥାଏ, ତଦନୁଯାୟୀ ଆମର ପରବର୍ତ୍ତୀ ଜନ୍ମ ନିର୍ଦ୍ଧାରିତ ହୋଇଥାଏ । ବ୍ୟକ୍ତିର ଜୀବନବ୍ୟାପୀ ଅଭ୍ୟାସ ଏବଂ ସଙ୍ଗର ପରିଣାମ ସ୍ୱରୂପ ଯାହାର ଚିନ୍ତନ ଏବଂ ଅନୁଧ୍ୟାନ ସେ ନିରନ୍ତର କରିଥାଏ, ତାହା ହିଁ ତା'ର ଅନ୍ତିମ ବିଚାର ନିର୍ଦ୍ଧାରଣ କରିବା ସ୍ୱାଭାବିକ । ପୁରାଣରେ ମହାରାଜ ଭରତଙ୍କର ଆଖ୍ୟାନ ବର୍ଣ୍ଣନା କରାଯାଇଛି । ସେ ଜଣେ ରାଜା ଥିଲେ । କିନ୍ତୁ ଭଗବତ୍ ପ୍ରାପ୍ତି କରିବା ଉଦ୍ଦେଶ୍ୟରେ ସେ ରାଜ୍ୟ ତ୍ୟାଗ କରି, ବନରେ ସନ୍ୟାସୀ ଭାବରେ ଜୀବନଯାପନ କରୁଥିଲେ । ଦିନେ ସେ ଗୋଟିଏ ହରିଣକୁ ବାଘର ଗର୍ଜନ ଶୁଣି ପାଣି ମଧ୍ୟକୁ ଡ଼େଇଁ ପଡ଼ିବାର ଦେଖିଲେ । ଅତିଶୟ ଭୟ ଯୋଗୁଁ ଗର୍ଭିଣୀ ମୃଗଟି ଗର୍ଭରୁ ଗୋଟିଏ ଶାବକ ଜନ୍ମ ଲାଭ କରି ପାଣିରେ ଭାସିବାରେ ଲାଗିଲା । ଶାବକଟି ପ୍ରତି ଭରତଙ୍କ ମନରେ ଦୟା ଉତ୍ପନ୍ନ ହେଲା ଏବଂ ସେ ତାକୁ ପାଣିରୁ ଉଦ୍ଧାର କରି ତାଙ୍କ କୁଟୀରକୁ ଆଣି ତା'ର ଲାଳନ ପାଳନ କରିବାକୁ ଲାଗିଲେ । ଅତି ଆଗ୍ରହର ସହିତ ସେ ତାର ଚପଳତାପୂର୍ଣ୍ଣ ଚାଲିକୁ ନିରୀକ୍ଷଣ କରିବାରେ ଲାଗିଲେ । ସେ ଖାଇବା ପାଇଁ ଘାସ ସଂଗ୍ରହ କରୁଥିଲେ ଏବଂ ତାକୁ ଉଷ୍ମତା ପ୍ରଦାନ ପାଇଁ କୋଳାଗ୍ରତ କରୁଥିଲେ । ଧୀରେ ଧୀରେ ତାଙ୍କର ମନ ଭଗବାନଙ୍କ ଠାରୁ ହଟିଯାଇ ସେହି ହରିଣ ଠାରେ କେନ୍ଦ୍ରିତ ହେବାକୁ ଲାଗିଲା । କ୍ରମଶଃ ସେହି ତନ୍ମୟତା ଏତେ ଗଭୀର ହେଲା ଯେ ଦିନସାରା ତାଙ୍କର ମନ ସେହି ହରିଣରେ ହିଁ ଚିନ୍ତନ କଲା । ଯେତେବେଳେ ସେ ମୃତ୍ୟୁବରଣ କରିବାକୁ ଯାଉଥିଲେ, ହରିଣଟି ପ୍ରତି ତାଙ୍କର ମମତା ଏବଂ ଚିନ୍ତା ଯୋଗୁଁ, ସେ ତାକୁ ପାଖକୁ ଡ଼ାକିଲେ । ପରିଣାମ ସ୍ୱରୂପ, ପରବର୍ତ୍ତୀ ଜନ୍ମରେ ସେ ମୃଗ ଯୋନିରେ ଜନ୍ମ ଗ୍ରହଣ କଲେ । କିନ୍ତୁ ଯେହେତୁ ସେ ଭଗବତ ସାଧନା କରିଥିଲେ, ପୂର୍ବଜନ୍ମର ସମସ୍ତ ତ୍ରୁଟି ସଂପର୍କରେ ସେ ସଚେତନ ଥିଲେ । ସେଥିପାଇଁ ହରିଣ ହେଲେ ମଧ୍ୟ ସେ ଜଙ୍ଗଲରେ ସାଧୁମାନଙ୍କ ଆଶ୍ରମ ପାଖରେ ରହୁଥିଲେ । ହରିଣ ଶରୀର ତ୍ୟାଗ କରିବା ପରେ ପୁନର୍ବାର ସେ ମନୁଷ୍ୟ ଜନ୍ମ ପ୍ରାପ୍ତ କରିଥିଲେ । ଏଥର ସେ ବିଖ୍ୟାତ ସନ୍ଥ ଜଡ଼ଭରତ ହେଲେ ଏବଂ ସାଧନା ସମାପ୍ତ କରି ଭଗବତ ପ୍ରାପ୍ତି କଲେ ।

ଗୋଟିଏ କଥା ମନେ ରଖିବା ଉଚିତ୍ ଯେ ଲକ୍ଷ୍ୟ ପ୍ରାପ୍ତି ପାଇଁ, କେବଳ ମୃତ୍ୟୁ ସମୟରେ ହିଁ ପରମେଶ୍ୱରଙ୍କର ଧ୍ୟାନ କରିବା ଆବଶ୍ୟକ । ଜୀବନ ବ୍ୟାପୀ ପ୍ରସ୍ତୁତି ବିନା ଏହା ପ୍ରାୟତଃ ଅସମ୍ଭବ ଅଟେ । ସ୍କନ୍ଧ ପୁରାଣରେ କୁହାଯାଇଛି ଯେ ମୃତ୍ୟୁ ସମୟରେ ଭଗବାନଙ୍କୁ ମନେ ପକାଇବା ଅତ୍ୟନ୍ତ କଷ୍ଟସାଧ୍ୟ ଅଟେ । ମୃତ୍ୟୁ ଏତେ କଷ୍ଟଦାୟକ ଯେ, ମନ ସ୍ୱାଭାବିକ ଭାବରେ ବ୍ୟକ୍ତିର ସ୍ୱଭାବ ଅନୁରୂପ ବିଚାର ପ୍ରତି ଆକର୍ଷିତ ହୋଇଯାଏ । ଅନ୍ତଃକରଣ ସେହି ଚେତନା ଅଟେ ଯାହା ମନ ଓ ବୁଦ୍ଧି ଦ୍ୱାରା ଭିତରେ ରହିଥାଏ । ଯଦି ଆମେ କୌଣସି ବିଚାରର ବାରମ୍ବାର ଚିନ୍ତନ କରିବା ଦ୍ୱାରା, ତାହା ଆମର ଅନ୍ତଃକରଣରେ ପ୍ରତିଫଳିତ ହୋଇଥାଏ । ତେଣୁ ଏକ ଭଗବତ୍ ଚେତନାଯୁକ୍ତ ଅନ୍ତଃକରଣ ବିକଶିତ କରିବା ପାଇଁ, ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ଆମେ ନିଶ୍ଚିତ ଭାବରେ ଭଗବାନଙ୍କର ସ୍ମରଣ ଏବଂ ଚିନ୍ତନ କରିବା ଆବଶ୍ୟକ ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋ: ୯୯୩୮୯୦୬୦୭୦

# ସଂପାଦକଙ୍କୁ ପତ୍ର

## ପ୍ରାଥମିକ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉ

ମହାଶୟ

ପାଠପଢାରୁ ଯାହା ଗ୍ରହଣ କରାଯାଏ ତାହାକୁ ଶିକ୍ଷା କୁହାଯାଏ ଓ ଶିକ୍ଷାର ଉଚିତ ପ୍ରୟୋଗ ହେଲେ ତାହା ଜ୍ଞାନରେ ରୂପାନ୍ତରିତ ହୋଇଥାଏ । ତେଣୁ ଜ୍ଞାନ, ଶିକ୍ଷାର ପ୍ରଥମ ସୋପାନ ହେଉଛି ପାଠ ପଢିବା ଯାହା ପ୍ରଥମେ ପ୍ରାଥମିକ ସ୍ଥିତିରୁ ଆରମ୍ଭ ହୋଇଥାଏ । ପାଠ ପଢିବାର ବିଭିନ୍ନ କ୍ରମ ଆମକୁ କଠିନ ପରିଶ୍ରମର ମହତ୍ ଶିକ୍ଷା ଦେଇଥାଏ ଓ ସେହି ସମୟରେ ଆମକୁ ବୃଦ୍ଧି ଓ ବିକାଶରେ ସାହାଯ୍ୟ କରେ । ତେଣୁ, ଅଧିକାର, ନିୟମ, ଏବଂ ନିୟମାବଳୀକୁ ଜାଣିବା ଏବଂ ସମ୍ମାନ ଦେଇ ବଞ୍ଚିବା ପାଇଁ ଆମେ ଏକ ଉନ୍ନତ ସମାଜ ଗଠନ କରିବାରେ ସକ୍ଷମ ହେବା ପାଇଁ ଦରକାର ପାଠ ପଢିବା । ପ୍ରାଥମିକ ଶିକ୍ଷା ଅର୍ଥ ହେଉଛି ଚତୁର୍ଦ୍ଦଶ ବର୍ଷ ପର୍ଯ୍ୟନ୍ତ ପିଲାଙ୍କ ଶିକ୍ଷା । ଏହା ହେଉଛି ମଣିଷର ମୌଳିକ ଆବଶ୍ୟକତା ଏବଂ ଆଧୁନିକ ସମାଜ ତଥା ଗଣତାନ୍ତ୍ରିକ ସରକାରର ମୂଳଦୁଆ । ବିଜ୍ଞାନ ଏବଂ ବାଣିଜ୍ୟର ଆଧୁନିକ ଦୁନିଆ ଦାବି କରେ ଯେ ପ୍ରତ୍ୟେକ ନାଗରିକ ଚତୁର୍ଦ୍ଦିଗରେ କ'ଣ ଘଟୁଛି ସେଥିରେ ଏକ ବୁଦ୍ଧିମାନ ଏବଂ ସୂଚନାପ୍ରାପ୍ତ ଆଗ୍ରହ ନେବା ଉଚିତ୍ ଯାହା ପାଠ ପଢାରୁ ସୃଷ୍ଟି ହୋଇଥାଏ । ଶିଶୁମାନେ ପ୍ରାୟତଃ ଶିଖିବା ମାତ୍ରେ ଭୁଲିଯାନ୍ତି । ତେଣୁ ଉକ୍ତ ପାଠର ଶିକ୍ଷଣୀୟ କ୍ରମକୁ ପରୀକ୍ଷା ଦ୍ୱାରା ପରିମାର୍ଜିତ କରି ଜ୍ଞାନର ମାନଦଣ୍ଡରେ ପ୍ରମାଣପତ୍ର ପ୍ରଦାନ କରାଯାଇଥାଏ । ଯିଏ ଯେତେ ଭଲ ଭାବରେ ପାଠ ପଢିଥାଏ ସେ ସେତେ ପରିମାଣରେ ଜ୍ଞାନର ମୂଲ୍ୟାଙ୍କନର ପ୍ରମାଣପତ୍ର ହାସଲ କରିଥାଏ, ଯାହା ଭବିଷ୍ୟତରେ ଉତ୍ତରୋତ୍ତର ବୃଦ୍ଧି ହୋଇ ଜ୍ଞାନର ଉତ୍କର୍ଷରେ ପଦାର୍ପଣ କରିଥାଏ । ପ୍ରାଥମିକ ଶିକ୍ଷାରେ ପଢିବା, ଲେଖିବା ଓ ଗାଣିତିକ ଜ୍ଞାନକୁ ଗୁରୁତ୍ୱ ଦେବା ଉଚିତ । ସାମାଜିକ ଭାବରେ ପ୍ରଭାବଶାଳୀ ହେବା ପାଇଁ, ଜଣେ ବ୍ୟକ୍ତି ପଢିବା, ଲେଖିବା, ଜାଣିବା ଆବଶ୍ୟକ ଓ ତାହା କେବଳ ପାଠ ପଢିଥିଲେ ସହଜରେ ଉପଲବ୍ଧ ହୋଇପାରେ ଯାହାକୁ ଆମେ ଶିକ୍ଷିତ ବା ଜ୍ଞାନୀ ବୋଲି ସମ୍ମାନ କରୁ । ଆମ ଦେଶରେ ପ୍ରାଥମିକ ଶିକ୍ଷା ପ୍ରତି ବର୍ତ୍ତମାନର ମନୋଭାବ ଏବଂ ଦୃଷ୍ଟିକୋଣକୁ ପରିବର୍ତ୍ତନ କରିବା ଆବଶ୍ୟକ । ପ୍ରାଥମିକ ଶିକ୍ଷାକୁ ଏକ ମୌଳିକ ଅଧିକାର କରିବା ପାଇଁ ନିକଟରେ ଆଇନ ପ୍ରଣୟନ କରାଯାଇଛି । ପାଞ୍ଚରୁ ଚଉଦ ବର୍ଷ ବୟସର ସମସ୍ତ ବାଳକ ଓ ବାଳିକାଙ୍କୁ ସାକ୍ଷର ତଥା ଶିକ୍ଷିତ କରିବାର ସମସ୍ୟା ତଥା ଆର୍ଥିକ ସମସ୍ୟାକୁ ଦୂର କରିବା ନିତାନ୍ତ ଜରୁରୀ ।

ପ୍ରତାପ ଚନ୍ଦ୍ର ନାୟକ, କଟକ






# ବିପଦକୁ ଡାକୁଛି ଜଗୁଆଳୀ ବିହୀନ ରେଳ ଫାଟକ

ରାଇରଙ୍ଗପୁର : ମୟୂରଭଂଜ ଜିଲ୍ଲା ରାଇରଙ୍ଗପୁର ରେଳ ଷ୍ଟେସନଠାରୁ ମାତ୍ର ୪୦୦ ମିଟର ଦୂର ଇଚିଣ୍ଡାଠାରେ ଥିବା ରେଳ ଫାଟକ ଏବେ ମରଣଯନ୍ତାରେ ପରିଣତ ହୋଇଛି। ଏହି ରେଳପଥ ଦେଇ ୬ଟି ଯାତ୍ରୀବାହୀ ଟ୍ରେନ୍ ଚଳାଚଳ କରୁଥିବା ବେଳେ ମାଲବାହୀ ଟ୍ରେନ୍‌ଗୁଡ଼ିକ ମଧ୍ୟ ପରିଚାଳନା କରାଯାଇଥାଏ। କ୍ଷୋଭର ବିଷୟ ଯେ, ଷ୍ଟେସନ ନିକଟରେ ବିପଦ ଜନକ ଜଗୁଆଳୀ ବିହୀନ ରେଳ ଫାଟକ କୌଣସି ମୁହୂର୍ତ୍ତରେ ଅଘଟଣକୁ ଆମନ୍ତ୍ରଣ କରିପାରେ।



ରାଇରଙ୍ଗପୁର ବଜାରଠାରୁ ଠାରୁ ପୌରପରିଷଦର ଇଚିଣ୍ଡା ଯିବା ରାସ୍ତାରେ ପଡ଼େ ଏହି ରେଳ ଫାଟକ। ତେବେ ଏହି ଫାଟକ ଦେଇ ଦୈନିକ ୪ଟି ମେମୁ ଟ୍ରେନ ଯିବା ଆସିବା କରିଥାଏ, ତା ସହିତ ପ୍ରତ୍ୟେକ ଦିନ ଏହି ଫାଟକ ଦେଇ ଲୁହାପଥର ପରିବହନ ପାଇଁ ୱାଗନ ମଧ୍ୟ ଯିବା ଆସିବା କରିଥାଏ। ଅନ୍ୟପଟରେ ଦୈନିକ ଏହି ରାସ୍ତା ଦେଇ ହଜାର ହଜାର ଲୋକ ବଡ଼ି ଭୋରରୁ ବିଳମ୍ବିତ ରାତ୍ରୀ ଯାଏଁ ସାଇକେଲ, ବାଇକ୍, ଚାରି ଚୋକିଆ ଯାନ, ବିଶେଷ କରି ସ୍କୁଲ, କଲେଜର ଛାତ୍ରଛାତ୍ରୀ ଓ ବୃଦ୍ଧ ବୃଦ୍ଧା ନିଜ ଜୀବନକୁ ବିପନ୍ନ କରି ଯିବା ଆସିବା କରିଥାନ୍ତି। କାରଣ ଏହି ଫାଟକ ଜଗୁଆଳୀ ବିହୀନ ଓ ଲେଭଲ କ୍ରସିଂଟି ମଧ୍ୟ ମୁକୁଳା ହୋଇରହିଛି। ପଥଚାରୀଙ୍କ ନିରାପତା ପ୍ରତି ଦକ୍ଷିଣ ପୂର୍ବ ରେଳବାଇର ଚକ୍ରଧରପୁର ରେଳ ଡିଭିଜନ କର୍ତ୍ତୃପକ୍ଷ ଆଦୌ ଦୃଷ୍ଟି ଦେଉ ନ ଥିବାରୁ ଅତୀତରେ ଏହି ସ୍ଥାନରେ ଅନେକ ଛୋଟ ବଡ଼ ଦୁର୍ଘଟଣା ଘଟି ଲୋକ ଓ ଜୀବଜନ୍ତୁଙ୍କ ଜୀବନ ବିପନ୍ନ ହୋଇଛି। ଭବିଷ୍ୟତରେ ବଡ଼ଧରଣର ଦୁର୍ଘଟଣାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ।

ତେବେ ବର୍ତ୍ତମାନ ବାଦାମପାହାଡ-ସାଲିମାର ଓ ବାଦାମପାହାଡ-ରାଉରକେଲା ନିମନ୍ତେ ୨ଟି ଏକ୍ସପ୍ରେସ ଟ୍ରେନ ସହିତ ଅନ୍ୟ ୪ଟି ମେମୁ ଟ୍ରେନ୍ ଚଳାଚଳ କରୁଛି। ଫଳରେ ଉକ୍ତ ରେଳ ରୁଟ୍ ଅଧିକ ବିପଦଜନକ ଅବସ୍ଥାରେ ରହିଛି। ଏଣୁ ଯଥାଶିଘ୍ର ଉକ୍ତ ରେଳ ଫାଟକରେ ଜଗୁଆଳୀ ରଖାଯାଉ ନଚେତ ଓଭର୍ ବ୍ରିଜ୍ ନିର୍ମାଣ ହେଲେ ପଥଚାରୀମାନେ ଯିବା ଆସିବାରେ ବାଧା ସୃଷ୍ଟି ହେବ ନାହିଁ। ତେବେ ଉକ୍ତ ରେଳ ଫାଟକର ସୁବ୍ୟବସ୍ଥା କରିବା ପାଇଁ ଦକ୍ଷିଣପୂର୍ବ ଚକ୍ରଧରପୁର ରେଳ ଡିଭିଜନର ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ବିଚାର ବିମର୍ଷ କରି ଏହାର ଆଶୁ ସମାଧାନ କରାଯାଉ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ଦାବି କରିଛନ୍ତି।

ସୂଚନଯୋଗ୍ୟ ଯେ ଅମୃତ ଭାରତ ଯୋଜନାରେ ରାଇରଙ୍ଗପୁର ରେଳ ଷ୍ଟେସନ ନିର୍ମାଣ କାର୍ଯ ସମ୍ପୂର୍ଣ୍ଣ ହେବାକୁ ବସିଥିବା ବେଳେ ଅନ୍ୟପଟେ ପଥଚାରୀ ଓ ଯାତ୍ରୀଙ୍କ ପାଇଁ ବିପଦ ସାଜିଛି ଜଗୁଆଳୀ ବିହୀନ ରେଳ ଫାଟକ। ତେବେ ଦେଖିବାକୁ ବାକି ରହିଲା କେବେ ଉକ୍ତ ରେଳ ଫାଟକରେ ଜଗୁଆଳୀ ନିଯୁକ୍ତ କରାଯିବ କିମ୍ବା ଗୋଳା ପୋଲ ନିର୍ମାଣ କରାଯିବ।

# ଶୁଖିଯାଉଛି ମହାନଦୀର ଜଳସ୍ତର: ଫସଲ ଚିନ୍ତାରେ ଚାଷୀ



ଝାରସୁଗୁଡ଼ା: ମହାନଦୀ ଜଳ ବିବାଦ ମାମଲା ଏବେ ବି ଟ୍ରିବ୍ୟୁନାଲରେ ବିଚାରାଧୀନ ରହିଛି। ଉଭୟ ଓଡ଼ିଶା ଓ ଛତିଶଗଡ଼ ସରକାର ଆପୋସ ଆଲୋଚନା ମାଧ୍ୟମରେ ସମାଧାନର ବାଟ ଫିଟାଇବାକୁ ଗୋଟିଏ ପାଦ ଆଗକୁ ବଢ଼ାଇଛନ୍ତି। କିନ୍ତୁ ସବୁବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଅଣମେସୁମୀ ଋତୁ ଆରମ୍ଭ ହେଉହେଉ ଛତିଶଗଡ଼ ସରକାର ମହାନଦୀର ଓଡ଼ିଶା ପ୍ରବେଶ ପୂର୍ବରୁ ରହିଥିବା କଲମା ବ୍ୟାରେଜ୍‌ର ୬୬ରୁ ୬୩ଟି ଗେଟ୍ ବନ୍ଦ କରିଦେଇଛନ୍ତି। ଖୋଲାଥିବା ୩ଟି ଗେଟ୍‌ରେ ଯେତିକି ପାଣି ଆସୁଛି, ତାହା ହିଁ ଓଡ଼ିଶା ଭାଗରେ ପଡୁଛି।

ଗତ ଏପ୍ରିଲ ମାସରେ ଝାରସୁଗୁଡ଼ାର ରବି ସୋନି କେନ୍ଦ୍ର ଜଳସମ୍ପଦ ମନ୍ତ୍ରଣାଳୟ ନିକଟରେ ଅନ୍‌ଲାଇନ୍ ଗ୍ରିଭାନ୍ସ ସେଲ୍‌ରେ ଅଭିଯୋଗ କରିଥିଲେ। ପ୍ରାକୃତିକ ଜଳପ୍ରବାହକୁ ରୋକିବା ବେଆଇନ ହୋଇଥିବାରୁ ଛତିଶଗଡ଼ ସରକାରଙ୍କୁ ତୁରନ୍ତ କଲମା ବ୍ୟାରେଜ୍ ଖୋଲିବା ଲାଗି ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଥିଲେ। ଗତ ୨୦ ତାରିଖରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟ ଏହି ପ୍ରସଙ୍ଗରେ ଉତ୍ତର ରଖିଛି। ମହାନଦୀ ଜଳ ବିବାଦ ପ୍ରସଙ୍ଗରେ କଲ୍‌ମା ବ୍ୟାରେଜ ଆସୁଥିବାରୁ ଏହି ଘଟଣା ମଧ୍ୟ ଟ୍ରିବ୍ୟୁନାଲରେ ବିଚାରାଧୀନ ରହିଛି। ତେଣୁ ସେଠାରେ ସମସ୍ୟା ଉତ୍‌ଥାପନ ବିଭାଗୀୟ ବରିଷ୍ଠ ଯୁଗ୍ମ କମିସନର ଅବନ୍ତୀ ବର୍ମା ଚିଠିରେ ପରାମର୍ଶ ଦେଇଛନ୍ତି। ଏଭଳି ସ୍ଥିତିରେ ଉଭୟ ରାଜ୍ୟ ମଧ୍ୟରେ ଆପୋସ ଆଲୋଚନାରେ ମାମଲାର ସମାଧାନ ଦିଗରେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ କେନ୍ଦ୍ର ସରକାର ଅବଗତ ଅଛନ୍ତି ନା ନାହିଁ, ସେ ନେଇ ମଧ୍ୟ ଦ୍ୱନ୍ଦ୍ୱ ଉପୁଜିଛି।

କଲ୍‌ମାରେ ଆଜି ୩ଟି ଗେଟ୍ ଆଂଶିକ ଖୋଲା ରହିଥିଲା। ଏଥିରୁ ସ୍ୱଳ୍ପ ପରିମାଣର ପାଣି ହୀରାକୁଦ ଜଳଭଣ୍ଡାରକୁ ଆସୁଛି। କଲ୍‌ମା ବ୍ୟାରେଜ୍‌ର ସର୍ବାଧିକ ଜଳଧାରଣ କ୍ଷମତା ୧୯୭ ମିଟର ରହିଥିବା ବେଳେ ଆଜି ସୁଦ୍ଧା ସେଠାରେ ୧୯୬.୫ ମିଟର ପାଣି ରହିଛି। ବ୍ୟାରେଜ୍ ଦେଇ ଓଡ଼ିଶା ପଟକୁ ଯେତିକି ପାଣି ଆସୁଛି ତାହା ଅତି ନଗଣ୍ୟ। ଯାହାଫଳରେ କଲ୍‌ମା ବ୍ୟାରେଜ୍ ତଳକୁ ଛତିଶଗଡ଼ ପାର୍ଶ୍ୱରେ ମହାନଦୀ ଏବେଠୁ ଶୁଖିବା ଅବସ୍ଥାକୁ ଆସିଗଲାଣି। ଅନ୍ୟପକ୍ଷରେ ପାଣି କମ୍ ଆସିବା ଯୋଗୁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବର୍ତ୍ତମାନ ଖସିବାକୁ ଆରମ୍ଭ କଲାଣି। ଆଜି ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୪୭ ଫୁଟ ରହିଥିବା ବେଳେ ଜଳଭଣ୍ଡାରକୁ ହାରାହାରି ୯,୬୩୬ କ୍ୟୁସେକ୍ ପାଣି ପ୍ରବେଶ କରୁଥିଲା। ଆଗକୁ ଛତିଶଗଡ଼ ସରକାର କଲମା ବ୍ୟାରେଜ୍‌ର ବଳକା ୩ଟି ଗେଟ୍ ବନ୍ଦ କରିଦେଲେ ପୂର୍ବବର୍ଷ ଭଳି ମହାନଦୀ ଉପରମୁଣ୍ଡରୁ ଜଳପ୍ରବାହ ଏକପ୍ରକାର ଠପ୍ ହୋଇଯିବ।

## ସରକାରୀ ପ୍ରୋତ୍ସାହନ ଅଭାବ

# ଆଖୁ ଚାଷ ଛାଡ଼ିଲେଣି ଶହଶହ ଚାଷୀ

ଅନୁଗୁଳ: ଅନୁଗୁଳ ଜିଲ୍ଲାରେ ପୂର୍ବରୁ ହେକ୍ଟର ହେକ୍ଟର ଜମିରେ ଆଖୁଚାଷ ହେଉଥିଲା। ଚାଷୀମାନେ ବେଶ୍ ଲାଭବାନ୍ ହେଉଥିଲେ। ଅନୁଗୁଳର ଆଖୁ ଜିଲ୍ଲା ବାହାରକୁ ବିକ୍ରି ପାଇଁ ଯାଉଥିଲା। ବିଭିନ୍ନ ଚିନି କାରଖାନାକୁ ଅନୁଗୁଳରୁ ଟନ୍‌ଟନ୍ ଓଜନର ଆଖୁ ଯାଉଥିଲା। ମାତ୍ର ସେ ସ୍ଥିତି ଆଉ ନାହିଁ। ବର୍ଷ କେତେଟାରେ ଆଖୁଚାଷୀଙ୍କ ସଂଖ୍ୟା, ଜମି ଓ ଉତ୍ପାଦନ ହ୍ରାସ ପାଉଛି। ଆଖୁଚାଷୀଙ୍କୁ ଅଣଦେଖା କରାଯିବାରୁ ଜିଲ୍ଲାରେ ଏହି ଚାଷ ନିଶ୍ଚିହ୍ନ ହେବାକୁ ବସିଥିବା ଜଣାପଡ଼ିଛି। ସୂଚନା ମୁତାବକ, ଅନୁଗୁଳ ଜିଲ୍ଲାର ବନ୍ତଳା, ଛେଣ୍ଡିପଦା, କିଶୋରନଗର, ଆଠମଲ୍ଲିକ, ପାଲଲହଡ଼ାର କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ଆଖୁଚାଷ ହୋଇଥାଏ। ଏଠିକାର ଜଳବାୟୁ ଏହି ଚାଷ ପାଇଁ ବେଶ୍ ଉପଯୋଗୀ। ପ୍ରାୟ ୪୦୦ ହେକ୍ଟରରୁ ଅଧିକ ଜମିରେ ଆଖୁଚାଷ ହେଉଥିଲା। ଛେଣ୍ଡିପଦା, ବନ୍ତଳା ସମେତ ଅନୁଗୁଳର ଅନ୍ୟାନ୍ୟ ଅଂଚଳରେ ବହୁଳ ପରିମାଣରେ ଆଖୁଚାଷ ହେଉଥିଲା। ଚଳିତବର୍ଷ ଆଖୁଚାଷ ପାଇଁ ଜିଲ୍ଲାରେ ୧୪୮ ହେକ୍ଟର ଟାର୍ଗେଟ୍ ରହିଥିବାବେଳେ ତାହା ମଧ୍ୟ ପୂରଣ ହୋଇ ନଥିବା ଜଣାପଡ଼ିଛି। ଅନ୍ୟ ସ୍ଥାନରେ ଆଖୁଚାଷ ଆଦେ ହେଉ ନଥିବାବେଳେ ବନ୍ତଳାର ବନ୍ଧାଣପଶି ଓ ବାରଗେଣିଆ ଅଂଚଳରେ ମାତ୍ର ୫ ରୁ ୭ ହେକ୍ଟର ଓ ଛେଣ୍ଡିପଦା ଅଂଚଳରେ ୩ ରୁ ୪ ହେକ୍ଟର ଜମିରେ ଆଖୁ ଚାଷ ହେଉଥିବା କୃଷି ବିଭାଗ ପକ୍ଷରୁ ଜଣାପଡ଼ିଛି। ତେବେ ହଠାତ୍ ଅନୁଗୁଳର ମିଠା ଆଖୁର ଅଭାବ ପରିଲକ୍ଷିତ ହୋଇଛି। ସହରରେ ବହୁତ୍ କମ୍ ଆଖୁରସ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। ତାହା ପୁଣି ଚଢ଼ା ଦରରେ ବିକ୍ରି ହେଉଛି। ଅନ୍ୟପକ୍ଷରେ ଅନୁଗୁଳରେ ଆଖୁଚାଷ ପାଇଁ କୃଷି ବିଭାଗ ପକ୍ଷରୁ କୌଣସି ଯୋଜନା ଓ ପ୍ରୋତ୍ସାହନ ନଥିବା ଅଭିଯୋଗ ହେଉଛି। ଫଳରେ ଚାଷୀମାନେ ଆଖୁଚାଷ ପ୍ରତି ବିମୁଖ ହେଉଛନ୍ତି। ଅନୁଗୁଳର ଆଖୁ ପୂର୍ବରୁ ନୟାଗଡ଼, ବଡ଼ମ୍ବା, ବରଗଡ଼, ବଲାଙ୍ଗୀର, ଆସ୍କା ଇତ୍ୟାଦି ସ୍ଥାନରେ ଥିବା ଚିନି କାରଖାନାକୁ ଯାଉଥିଲା। ଉକ୍ତ ଚିନିକଳ ପକ୍ଷରୁ ଚାଷୀଙ୍କୁ ଉନ୍ନତ କିସମର ବିହନ, ସାର ସାଙ୍ଗକୁ ଆଖୁ ପରିବହନ ବ୍ୟବସ୍ଥା କରାଯାଇଥିଲା। ହେଲେ ସମ୍ପୃକ୍ତ ଚିନିକଳଗୁଡ଼ିକ କାଳକ୍ରମେ ବନ୍ଦ ହୋଇପଡ଼ିବାରୁ ଅନୁଗୁଳର ଆଖୁଚାଷୀ ପ୍ରଭାବିତ ହୋଇଛନ୍ତି ବୋଲି କୃଷି ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ରାଜ୍ୟ ସରକାର ଆଖୁ ଭଳି ଅର୍ଥକାରୀ ଫସଲ ମାଧ୍ୟମରେ ଚାଷୀଙ୍କ ଆୟ ବୃଦ୍ଧି କରିବା ପାଇଁ ପୂର୍ବରୁ ଅନେକ ଯୋଜନା କାର୍ଯ୍ୟକାରୀ କରିଥିବା ବେଳେ ଏବେ ସବୁ ଯୋଜନା ବନ୍ଦ ଥିବା ଜଣାପଡ଼ିଛି।



# କାମରେ ଆସୁନି ବସ୍‌ଷ୍ଟାଣ୍ଡର ମାର୍କେଟ୍ କମ୍ପ୍ଲେକ୍ସ

ଖଣ୍ଡପଡ଼ା: ଆଜକୁ ୨୦ ମାସ ପୂର୍ବେ ବହୁ ଆଡ଼ମ୍ବର ସହକାରେ 'ଆମ ବସ୍‌ଷ୍ଟାଣ୍ଡ' ଉଦ୍‌ଘାଟିତ ହୋଇଥିଲା। ସମ୍ପ୍ରତି ଏହାର ସ୍ଥିତି ବଦଳି ଯାଇଛି। ବସ୍‌ଷ୍ଟାଣ୍ଡର ଅନେକ ସ୍ଥାନରୁ ରଙ୍ଗ ଛାଡ଼ିଯାଇଥିବା ବେଳେ କାନ୍ଥରେ ଫାଟ ସୃଷ୍ଟି ହେଉଛି। କେବଳ ଏହାନୁହେଁ ବସ୍‌ଷ୍ଟାଣ୍ଡ୍ ପରିସରରେ ଥିବା ମାର୍କେଟ୍ କମ୍ପ୍ଲେକ୍ସ ଏଯାଏଁ ବ୍ୟବହାର ହୋଇପାରିନାହିଁ। ରାଜ୍ୟ ପୁଲିସ ହାଉସିଂ ବୋର୍ଡ୍ ଦ୍ୱାରା ପ୍ରାୟ ୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ବସ୍‌ଷ୍ଟାଣ୍ଡ୍‌ଟି ୨୦୨୪ ଫେବ୍ରୁଆରି ୧୫ରେ ଉଦ୍‌ଘାଟିତ ହୋଇଥିଲା। ପରିସର ମଧ୍ୟରେ ଅତ୍ୟାଧୁନିକ ଆଲୋକ ବ୍ୟବସ୍ଥା ସାଙ୍ଗକୁ ଯାତ୍ରୀ ବିଶ୍ରାମଗାର, ଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ଚାଳକ ବିଶ୍ରାମ ଗୃହ, ବସ୍ ମରାମତି ସ୍ଥାନ, ବସ୍ ଟର୍ମିନାଲ ଓ କାଫେ ଆଦିର ବ୍ୟବସ୍ଥା ରହିଥିଲା। ପ୍ରାୟ ୨୦ ମାସ ପରେ ଏବେ ବସ୍‌ଷ୍ଟାଣ୍ଡଟି ଦୟନୀୟ ହୋଇପଡ଼ିଛି। ଏକାଧିକ ସ୍ଥାନରୁ ରଙ୍ଗ ଛାଡ଼ିଯାଇଥିବା ବେଳେ ଅନେକ ସ୍ଥାନରେ କାନ୍ଥ ଓ ଛାତରେ ଫାଟ ଦେଖାଗଲାଣି। ବସ୍‌ଷ୍ଟାଣ୍ଡ ପ୍ରବେଶପଥରେ ଓ ପରିସର ମଧ୍ୟରେ ଥିବା ଦୋକାନ ଗୃହ ତଥା କାଫେଗୁଡ଼ିକ ଉଦ୍‌ଘାଟନ ପରଠାରୁ ବ୍ୟବହାର ହୋଇନାହିଁ। ସହର ଠାରୁ ଦୂରରେ ଉମାଦେବୀ ସାହି ନିକଟରେ ଏହାକୁ ସ୍ଥାପନ କରାଯାଇଛି, ଏଣୁ ଯାତାୟତର ସୁଗମତା ଦୃଷ୍ଟିରୁ ଏଠାକୁ ଆସିବାକୁ ଯାତ୍ରୀମାନେ ଇଚ୍ଛାପ୍ରକାଶ କରୁନାହାନ୍ତି। ଲକ୍ଷ୍ମୀ ବସ୍ ବ୍ୟତୀତ ଅନ୍ୟ ଘରୋଇ ବସ୍ ଏଠାକୁ ଆସୁନାହିଁ। ଅପରପକ୍ଷରେ, ଉଦ୍‌ଘାଟନ ସମୟରେ ଘରୋଇ ମୋଟର ମାଲିକ ସଂଘକୁ ଡକାଯାଇନଥିବାରୁ ସେସମୟରେ ମଧ୍ୟ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ବସଷ୍ଟାଣ୍ଡରୁ କିଛି ନିର୍ଦ୍ଦିଷ୍ଟ ରୁଟ୍‌ରେ ଲକ୍ଷ୍ମୀ ବସ ଚଳାଚଳ ପାଇଁ ଦାବି ହେଉଥିଲେ ମଧ୍ୟ ଏନେଇ ପଦକ୍ଷେପ ନିଆଯାଇନାହିଁ। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବ ତଥା ନିମ୍ନମାନର କାମ ଯୋଗୁଁ କିଛି ମାସ ମଧ୍ୟରେ ଏହା ଭୂତକୋଠି ପାଲଟିବ ବୋଲି ସ୍ଥାନୀୟ ବାସିନ୍ଦା ମତ ଦେଇଛନ୍ତି।





## ସରକାରୀ କର୍ମଚାରୀଙ୍କ ଅପାରଗତା

# ହିତାଧିକାରୀଙ୍କ ପାଖରେ ପହଞ୍ଚି ପାରୁନି ଆଳୁ ବିହନ

ସାହାଜପାଲ: ଓଡ଼ିଶା ସରକାର ଆଳୁ ପାଇଁ ବାହାର ରାଜ୍ୟ ପଶ୍ଚିମବଙ୍ଗ ଓ ଉତ୍ତରପ୍ରଦେଶ ଉପରେ ନିର୍ଭର ନ କରିବାକୁ ଆଳୁ ମିସନ ଆରମ୍ଭ କରିଛନ୍ତି । କିନ୍ତୁ ଅସାଧୁ ସରକାରୀ କର୍ମଚାରୀଙ୍କ ଅପାରଗତା ଯୋଗୁଁ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ଆଳୁ ବିହନ ପହଞ୍ଚି ପାରୁନାହିଁ। ଏହାର ଉଦାହରଣ ବୌଦ୍ଧ ସଦର ବ୍ଲକ ଅଞ୍ଚଳରେ ସରକାରଙ୍କ ଉଦ୍ୟାନ ବିଭାଗ ପକ୍ଷରୁ ରବି ଋତୁରେ ପନିପରିବା ଚାଷ ଉପରେ କରାଯାଉଥିବା ଆଳୁ ମିସନ ଫେଲ୍ ମାରିଥିବା ଅଭିଯୋଗ ହୋଇଛି।



ଉପଯୁକ୍ତ ଚାଷୀଙ୍କୁ ଉଦ୍ୟାନ ବିଭାଗ ଚିହ୍ନଟ ନ କରି ବେପାରୀଙ୍କ ହାତରେ ଟେକି ଦେଇ ଚୁପ ବସିଥିବା ଅଭିଯୋଗ ହୋଇଛି । ଫଳରେ ଆଳୁ ବିଲରେ ରୋପଣ ନ ହୋଇ ଖୋଲାଖୋଲି ଦୋକାନ ବଜାରରେ ପରିବା ବେପାରୀମାନେ ଖାଉଟିଙ୍କୁ ୫ ରୁ ୧୦ ଟଙ୍କା ଶାଗ ମାଛ ଦରରେ ବିକ୍ରି କରୁଛନ୍ତି। ସରକାରୀ ନିୟମ ଅନୁସାରେ ଆଳୁ ଚାଷୀ ସହଜ ଜନ ସେବା କେନ୍ଦ୍ରରେ ଆଧାର କାର୍ଡ ଓ ବ୍ୟାଙ୍କ ଆକାଉଣ୍ଟ ସହ ସଂଯୋଗ କରି ଆବେଦନ କରିବେ।

ଦଲାଲଙ୍କ ହାତକୁ ବିହନ ଚାଲିଯାଉଛି। ଆବେଦନ କରିଥିବା ଚାଷୀ ଆଳୁ ବିହନ କେଜି ପ୍ରତି ୨୦ ଟଙ୍କା ଉଦ୍ୟାନ କର୍ମଚାରୀଙ୍କ ପାଖରେ ପୈଠ କଲାପରେ ବିହନ ଯୋଗାଇ ଦିଆଯିବ । ଜମିରେ ରୋପଣ ପରେ ବିହନର ୫୦ ପ୍ରତିଶତ ରିହାତି ଟଙ୍କା କେଜି ପ୍ରତି ୧୦ ଟଙ୍କା ଚାଷୀର ବ୍ୟାଙ୍କ ଆକାଉଣ୍ଟକୁ ଫେରିବାର ବ୍ୟବସ୍ଥା ରହିଛି। ଚାଷୀ ନେତା ରଙ୍କନିଧି ସାହୁଙ୍କ କହିବା ଅନୁସାରେ ଉଦ୍ୟାନ ବିଭାଗ ପକ୍ଷରୁ ଯୋଗାଉଥିବା ଆଳୁ ବିହନ ଯୋଗାଇ ଦେବାକୁ ଥିବା କୌଣସି ସୂଚନା ଚାଷୀଙ୍କ ପାଖରେ ପହଞ୍ଚି ପାରୁନାହିଁ କି ଚାଷୀଙ୍କ ମଧ୍ୟରେ ଆଳୁ ବିହନ ପ୍ରତି ସଚେତନତା ସୃଷ୍ଟି କରାଯାଉନାହିଁ। ତେଣୁ ମିସନ ଫେଲ ମାରୁଛି ଓ ବିହନ ଦଲାଲଙ୍କ ହାତକୁ ଚାଲିଯାଉଛି।

ଖବର ମୁତାବକ ବୌଦ୍ଧ ବ୍ଲକ ପାଇଁ ପର୍ଯ୍ୟାପ୍ତ ପରିମାଣର ଆଳୁ ବିହନ ମଧୁପୁର , ଗୁନ୍ଦୁଲିଆ, ପାଳସପାଟ, ସାହାଜପାଲ, ଗୁଦୁଗୁଦା ଆଦି ସ୍ଥାନରେ ଉଦ୍ୟାନ ବିଭାଗ ପକ୍ଷରୁ ଆଳୁ ବିହନ କେନ୍ଦ୍ର ଖୋଲି ଚାଷୀଙ୍କୁ ବିହନ ଯୋଗାଇ ଦିଆଯାଉଛି। କିନ୍ତୁ ଉକ୍ତ କେନ୍ଦ୍ରରେ ବିଭାଗର କୌଣସି କର୍ମଚାରୀ ଉପସ୍ଥିତ ରହୁନାହାନ୍ତି। କେନ୍ଦ୍ର ଦାୟିତ୍ୱରେ ଥିବା ବ୍ୟକ୍ତି ଚାଷୀର ବିନା ପ୍ରମାଣ ପତ୍ରରେ ବେପାରୀ ହେଉ କି ଖାଉଟି ଯେକେହି ବ୍ୟକ୍ତିଙ୍କୁ ଆଳୁ ବିହନ ପ୍ରଦାନ କରାଯାଉଥିବା ଅଭିଯୋଗ ହୋଇଛି।

# ଜିଲ୍ଲା ଉନ୍ନୟନ ସମିତି ବୈଠକ

ନୂଆପଡ଼ା, (ହି.ସ.)- ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ସ୍ଥାନୀୟ ସଦ୍ଭାବନା ସଭା ଗୃହରେ ଜିଲ୍ଲା ଉନ୍ନୟନ ସମିତି ବୈଠକ ସହିତ ଗ୍ରାମୋଦୟ ସଭା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ପ୍ରତି ମାସ ଏହି ବୈଠକ ଅନୁଷ୍ଠିତ ହେଉଛି । ସଭାରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ୍, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଧନେଶ୍ୱର ସେଠୀ , ଡି ଏଫ୍ ଓ ବନ୍ୟ ପ୍ରାଣୀ, ଏ ପି ଡି କ୍ଷମାନିଧି ଭୋଇଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ତହସିଲଦାର, ସମସ୍ତ ଅଧିକ୍ଷଣ ଯନ୍ତ୍ରୀ,ନିର୍ବାହୀ ଯନ୍ତ୍ରୀ ଏବଂ ଲାଇନ୍ ବିଭାଗ ଅଧିକାରୀମାନେ ଯୋଗଦେଇଥିଲେ ।ନୂଆପଡା ବିଧାନସଭା ଉପନିର୍ବାଚନ ପାଇଁ ଦୁଇମାସ ପରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ କରି ଜିଲ୍ଲାର ଦ୍ରୁତ ଉନ୍ନତି ପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବା ବୋଲି କହିଥିଲେ । ଉପ ନିର୍ଦ୍ଦେଶକ ପରିସଂଖ୍ୟାନ, ଡିଲେଶ୍ୱର ଧରୁଆ, ବିଗତ ମାସର ବୈଠକର ବିବରଣୀ ପ୍ରସ୍ତୁତ କରିଥିଲେ ।ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରଇତ ଏହା ଉପରେ ବିଭିନ୍ନ ବିଭାଗ ନେଇଥିବା ପଦକ୍ଷେପ ଗୃହରେ ଉପସ୍ଥାପନ କରିଥିଲେ।ବିଗତ ଦିନରେ ଉନ୍ନୟନ କାମରେ ଯେଉଁ ସବୁ ବାଧା ରହିଥିଲା ସେସବୁର କେତେ ସମାଧାନ ହେଇଛି ଏବଂ ପ୍ରତି ବିଭାଗର କିପରି ଅଗ୍ରଗତି ହୋଇଛି ଜିଲ୍ଲାପାଳ ଜାଣିବାକୁ ଚାହିଁଥିଲେ ।ଅନ୍ତ ବିଭାଗୀୟ ବିସଂଗତି ଉପରେ ଆଲୋଚନା କରି ସେସବୁର ସମାଧାନର ରାସ୍ତା ବାହାର କରାଗଲା। ବୈଠକରେ ଜଳସେଚନ ,ପଂଚାୟତି ରାଜ, ରାଜସ୍ୱ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ , ରାସ୍ତା ଓ ଗୃହନିର୍ମାଣ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ,ଉଠା ଜଳସେଚନ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ , ପ୍ରାଣୀ ସମ୍ପଦ, ପରିବହନ ,ଶିକ୍ଷା, ସ୍ୱାସ୍ଥ୍ୟ,ଜଙ୍ଗଲ , ଖଣି , ଟୁରିଜମ ଇତ୍ୟାଦି ସମସ୍ତ ବିଭାଗର କାର୍ଯ୍ୟ ଉପରେସମୀକ୍ଷା ହୋଇଥିଲା । ଜିଲ୍ଲାପାଳ କହିଲେ ଯେ ନୂଆପଡ଼ା ଜିଲ୍ଲାରେ ଉପ ନିର୍ବାଚନ ପରେ ବିକାଶ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି । ଏହାର ସୁବିନିଯୋଗ କରି ଆମେ ଜିଲ୍ଲାକୁ ପ୍ରବାସୀ ଶ୍ରମିକ ମୁକ୍ତ କରି ପାରିବା କ୍ଷ ତହସିଲଦାର ମାନଙ୍କ ଦ୍ୱାରା ବିଭିନ୍ନ ଶିକ୍ଷାନୁଷ୍ଠାନ, ଚିକିତ୍ସାଳୟ , ପ୍ରାଣୀ ଚିକିତ୍ସାଳୟ, ଅଙ୍ଗନବାଡି କେନ୍ଦ୍ର ମାନଙ୍କୁ ଜମି ପଟ୍ଟା ଯୋଗାଇ ଦେବା ସହିତ ସେମାନଙ୍କର ନୂତନ କୋଠା ନିର୍ମାଣ ଇତ୍ୟାଦି ବିଷୟ ଉପରେ ବିଶଦ ଆଲୋଚନା ହୋଇଥଲା କ୍ଷ ଗ୍ରାମୋଦୟ ସଭାରେ ଜିଲ୍ଲାପାଳ ବନାଂଚଳରେ ରାସ୍ତା ଘାଟର ଉନ୍ନତି ସହିତ ଆଦିବାସୀ ଅଧୁଷିତ ଅଂଚଳରେ ଜନସାଧାରଣଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ଆବାସ ଗୃହ, ପରିବହନ, ଯୋଗାଯୋଗ, ଆଧାର ଇତ୍ୟାଦି ସମସ୍ତ ସୁବିଧା ସୁଯୋଗ ତୁରନ୍ତ ଯୋଗାଇ ଦେବା ଉପରେ ଗୁରୁତ୍ୱ ଦେଇଥିଲେ ।ସମସ୍ତ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀ ମାନେ ଉତ୍ସର୍ଗୀକୃତ ମନୋଭାବ ନେଇ ନିଜ ନିଜ ବିଭାଗର କାମ ଠିକ୍ ଭାବରେ କରି ଜିଲ୍ଲାକୁ ସବୁଜ ସୁନ୍ଦର ଏବଂ ପ୍ଲାଷ୍ଟିକ ମୁକ୍ତ କରିପ୍ରଗତି ପଥରେ ଆଗେଇ ନେବା ପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ ।

# ବ୍ଲକ୍‌ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କୁଇଜ୍ ପ୍ରତିଯୋଗିତା



ଦେବଗଡ଼(ପିପିଏସ୍) : ତିଳେଇବଣି ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କୁଇଜ୍ ପ୍ରତିଯୋଗିତା -୨୦୨୫ ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ଶିକ୍ଷାଧିକାରୀ ସିକରେନ୍ଦ୍ର ଛତ୍ରିଆଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର ଯୋଗ ଦେଇ ନିଜ ଜୀବନର ଯାତ୍ରା ସମ୍ପର୍କରେ ଅବଗତ କରିବା ସହ ଆଗକୁ ବଢିବାର ସପ୍ନକୁ ସାକାର କରିବାକୁ ହେଲେ ବିଭିନ୍ନ ବାଧାବିଘ୍ନକୁ ଦୃଢ଼ତାର ସହିତ ମୁକାବିଲା କରିବାକୁ ପଡିବ ବୋଲି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସହକାରୀ ପ୍ରଫେସର ଡ଼ କ୍ଷେତ୍ରମୋହନ ଦେହୁରୀ ଯୋଗଦେଇ ବର୍ତ୍ତମାନ ପରିସ୍ଥିତିରେ ବିଜ୍ଞାନ ର ଅଗ୍ରଗତି ସହ ଏଆଇ ଛାତ୍ରଛାତ୍ରୀମାନଙ୍କୁ ଆଗକୁ ବଢିବାର ଏକ ସୁଯୋଗ ସୃଷ୍ଟି କରିପାରିବ ବୋଲି ମତ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲ୍ଲା ଶିକ୍ଷାଧିକାରୀ ଗୋବର୍ଦ୍ଧନ କୁଜୁର, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ର ଅଧକ୍ଷ ସନ୍ତୋଷ କୁମାର ଗୌଡ଼, ଜିଲ୍ଲା ବିଜ୍ଞାନ ନିରୀକ୍ଷିକା ଇପ୍ସିତା ପଟ୍ଟନାୟକ, ରାଜବାସୁଦେବ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ବରୁଣ କୁମାର ପ୍ରଧାନ,ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଶାନ୍ତ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ରହିକୁନି ବୈଜ୍ଞାନିକ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରାରମ୍ଭ ରେ ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ଈଶ୍ୱର ଚନ୍ଦ୍ର ସାହୁ ଅତିଥି ପରିଚୟ ଓ ସାଗତ ଭାଷଣ ପ୍ରଦାନ କରିଥିଲେ । ସୁଗୁଡା ସିଆରସିସି ପ୍ରାଣବନ୍ଧୁ ଘଡେଇ ମଞ୍ଚ ସଂଯୋଜନା କରିଥିବାବେଳେ ବରିଷ୍ଠ ଶିକ୍ଷୟିତ୍ରୀ କାଦମ୍ବିନୀ ମିଶ୍ର ଧନ୍ୟବାଦ ଦେଇଥିଲେ । ସଭା ପ୍ରାରମ୍ଭରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ମାନେ ସାଗତ ସଙ୍ଗୀତ ପରିବେଷଣ କରିଥିଲେ । ଏହି ପ୍ରଦର୍ଶନୀ ମେଳାରେ କନିଷ୍ଠ ଓ ବରିଷ୍ଠ ବର୍ଗରେ ମୋଟ ୧୩୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବା ବେଳେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କୁଇଜ ପ୍ରତିଯୋଗିତାର ସର୍ବକନିଷ୍ଠ ବର୍ଗ,କନିଷ୍ଠ ବର୍ଗ,ବରିଷ୍ଠ ବର୍ଗ ରେ ମୋଟ ୨୦୫ ଜଣ ଛାତ୍ର ଛାତ୍ରୀ ଭାଗ ନେଇଥିଲେ ।ବିଚାରକ ଭାବେ ଦେବଗଡ଼ ମହାବିଦ୍ୟାଳୟ ରସାୟନ ବିଜ୍ଞାନ ଅଧାପକ ଡ଼. ଦିନେଶ କୁମାର ରାୟ, ଜୀବ ବିଜ୍ଞାନ ଅଧାପିକା ଅଙ୍କିତା ଡୁଙ୍ଗଡୁଙ୍ଗ, ବୁଡାପାଳ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ଅଧାପକ ପ୍ରଶାନ୍ତ କୁମାର ନନ୍ଦ,ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଉଦୟ କୁମାର ପ୍ରଧାନ, ଗୋପରଞ୍ଜନ ପ୍ରଧାନ ଦାୟିତ୍ୱ ବହନ କରିଥିଲେ । ଏହି ଅବସରରେ ବାଲ ବୈଜ୍ଞାନିକ ସାତଟି ସ୍ତରରୁ ୭ ଟି, ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ବିଜ୍ଞାନ ପ୍ରକଳ୍ପ କନିଷ୍ଠ ଓ ବରିଷ୍ଠ ବର୍ଗରୁ ୬ ଟି ଓ ଉପକନିଷ୍ଠ ବର୍ଗରୁ ୩ ଟି ପ୍ରକଳ୍ପ ଜିଲ୍ଲା ସ୍ତର ପାଇଁ ମନୋନୀତ ହୋଇଥିଲେ । ସେହିପରି କୁଇଜ୍ ପ୍ରତିଯୋଗିତାରେ ଉପ କନିଷ୍ଠ, କନିଷ୍ଠ, ବରିଷ୍ଠ ବର୍ଗରୁ ମୋଟ ୯ ଜଣ ଜିଲ୍ଲା ସ୍ତରକୁ ଚୟନ ହୋଇଥିଲେ। ଅପରାହ୍ନରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ ଙ୍କ ସଭାପତିତ୍ୱ ଓ ସୁଗୁଡା ସିଆର୍‌ସିସି ପ୍ରାଣବନ୍ଧୁ ଘଡେଇଙ୍କ ପରିଚାଳନାରେ ଆୟୋଜିତ ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତିଳେଇବଣି ପଞ୍ଚାୟତ ସମିତି ଅଧକ୍ଷା ବୃନ୍ଦାବତୀ ଭୋଇ,ସମ୍ମାନିତ ଅତିଥି ଭାବେ ଦେବଗଡ଼ ପୌର ପରିଷଦ ଭାରପ୍ରାପ୍ତ ଅଧକ୍ଷ ପ୍ରଜିତ କୁମାର ଭୋଜ, ତିଳେଇବଣି ପଞ୍ଚାୟତ ସମିତି ଉପାଧକ୍ଷା ଆରତୀ ପ୍ରଧାନ, ସମ୍ବଲପୁର ସାଂସଦ ପ୍ରତିନିଧି ଯୋଗେଶ କୁମାର ପ୍ରଧାନ, ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବରୁଣ କୁମାର ପ୍ରଧାନ ପ୍ରମୁଖ ମଂଚାସୀନ ରହି କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ ।ମେଳା ଆୟୋଜନ ରେ ଗୋଷ୍ଠୀ ବିଭାଗୀୟ ଅଧିକାରୀ ପ୍ରଶାନ୍ତ କୁମାର ପ୍ରଧାନ,ମହିମା ହେମ୍ବ୍ରମ, ପଦ୍ମାଳି ଲାକ୍ରା,ରାଜେନ୍ଦ୍ର କୁମାର ସାହୁ ସଞ୍ଜୟ କୁମାର ବ୍ରହ୍ମା, ରଞ୍ଜନ କୁମାର ବ୍ରହ୍ମା,ସୁଜିତ କୁମାର ପାତ୍ର, ସୁଶାନ୍ତ କୁମାର ନନ୍ଦ, ତୋଳାଧର ସାଇଁ ,ସତ୍ୟ ପ୍ରକାଶ ମିଶ୍ର,ବୀରବର ପ୍ରଧାନ, ହିମାଂଶୁ ଶେଖର ଦେହୁରୀ, ତ୍ରିନାଥ ଖୁଣ୍ଟିଆ,ସିଆର୍‌ସିସି ଭେନସ କୁମାର ପ୍ରଧାନ, ଚୂଡ଼ାମଣି ସାହୁ, ଉଦୟନାଥ ପ୍ରଧାନ, କ୍ଷିତୀଶ କୁମାର ପ୍ରଧାନ, ଅଶୋକ କୁମାର ଭୋଇ, ଅଜୟ କୁମାର ସାହୁ ସୁବ୍ରତ କୁମାର ପ୍ରଧାନ, ନୀଳାମ୍ବର କଲୋ, ବିପିନ ବିହାରୀ ଅଡା, ଶିକ୍ଷକ ସୌମିତ୍ରୀ ମହାପାତ୍ର, ଭବାନୀକାନ୍ତ ପ୍ରଧାନ,ଫକୀର ମୋହନ ପ୍ରଧାନ, ପ୍ରମୁଖ ସହଯୋଗ କରିଥିଲେ।

# ୨୦ କେଜି ଗଞ୍ଜେଇ ଜବତ, ୨ ଗିରଫ

ମାଲକାନଗିରି: କାଲିମେଳା ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଏମ୍‌ଭି ୯୦ ଗ୍ରାମ ନିକଟରେ ଗୋଟିଏ କାର୍ ସହିତ ଚୋରା ଗଞ୍ଜେଇ ଜବତ କରିବା ସହ ଏହ କାରବାରରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛ । କିନ୍ତୁ ଅନ୍ୟ ଜଣେ ଅଭିଯୁକ୍ତ ଘଟଣାସ୍ଥଳରୁ ଖସି ଯିବାରେ ସଫଳ ହୋଇଥିଲା । ଅଭିଯୁକ୍ତମାନେ ବେଆଇନ ଭାବରେ ଚୋରା ଗଞ୍ଜେଇ ରଖି କାରରେ ତେଲେଙ୍ଗାନାକୁ ଚାଲାଣ କରୁଥିଲେ। ଚୋରା ଗଞ୍ଜେଇର ସନ୍ଧାନ ଏବଂ ଜବତ କରିବା ସମୟରେ, ପୋଲିସ ଏଣ୍ଡିପିଏସ ଆଇନର ସମସ୍ତ ବାଧ୍ୟତାମୂଳକ ବ୍ୟବସ୍ଥା ଅନୁସରଣ କରି ନିର୍ବାହୀ ମାଜିଷ୍ଟ୍ରେଟ ଏବଂ ସ୍ୱାଧୀନ ସାକ୍ଷୀଙ୍କ ଉପସ୍ଥିତିରେ ଅଭିଯୁକ୍ତମାନଙ୍କ କବଜାରୁ ଗଞ୍ଜେଇ ଜବତ କରିଥିଲା। ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ ଆଜି କୋର୍ଟକୁ ପଠାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ମାଲା ମଲ୍ଲେଶମ୍ ମାଲା, ଅଗୁର୍ଲା କୁମାର ଉଭୟ ହିମ୍ମଥ ନଗର, ଜିଲ୍ଲା କରିମନଗର, ତେଲେଙ୍ଗାନାର ଅଟନ୍ତି । ସେମାନଙ୍କ ଠାରୁ ୨୦ କିଲୋଗ୍ରାମ ୨୦୦ ଗ୍ରାମ ଗଞ୍ଜେଇ, ଏକ ଟାଟା ଇଣ୍ଡିକା ଭିସ୍ତା କାର, ଦୁଇଟି ମୋବାଇଲ୍ ଫୋନ୍, ନଗଦ ୨୫ ହଜାର ଟଙ୍କା ଜବତ ହୋଇଛି । ଏହି ସମ୍ପର୍କରେ କାଲିମେଳା ପିଏସ୍ କେସ୍ ନଂ. ୨୮୧, ତାରିଖ ୨୯.୧୧.୨୦୨୫, ୟୁ/ଏସ୍-୨୦(ବି)(ଆଇ)(ସି)ଏନଡିପିଏସ୍ ଆକ୍ଟ ୧୯୮୫ ପଞ୍ଜିକୃତ ହୋଇଛି ଏବଂ ତଦନ୍ତ ଚାଲିଥିବା ଆଇଆଇ ସି ମୁକୁନ୍ଦ ମେଲକା ସୂଚନା ଦେଇଛନ୍ତି ।

# ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ

ମାଲକାନଗିରି : ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ମାଲକାନଗିରି ତରଫରୁ ଆଜି ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ଉପଲକ୍ଷେ ବିଶେଷଜ୍ଞ ମାନଙ୍କୁ ନେଇ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି କ୍ଷ ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦୋଳମଣୀ ପ୍ରଧାନଙ୍କ ଉପସ୍ଥିତି ରେଡ୍‌ୱାର୍ଡ କାଉନସିଲର ଦିପ୍ତିମୟୀ ବେହେରା ଓ ସାଂସଦ ପ୍ରତିନିଧି ସଞ୍ଜୟ ସରକାର କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ କ୍ଷ ଏହି କାର୍ଯ୍ୟକ୍ରମ ସକାଳ ୮ ଟା ରୁ ଆରମ୍ଭ ହୋଇ ଅପରାହ୍ନ ୧ଟା ୩୦ ପର୍ଯ୍ୟନ୍ତ ଚାଲୁ ରହିଥିଲା । ପ୍ରାୟ ୨୪୫ ରୁ ଅଧିକ ମହିଳା ମାନଙ୍କର ରକ୍ତଚାପ, ମଧୁମେହ, ହିମୋଗ୍ଲୋବିନ, ସିକଲସଲ, ଯକ୍ଷ୍ମା ପରି ବିଭିନ୍ନ ରୋଗର ପରୀକ୍ଷା କରାଯାଇ ଔଷଧ ବଂଟନ କରାଯାଇଥିଲା । ବିଶେଷଜ୍ଞ ମାନଙ୍କ ମଧ୍ୟରେ ଡା.ସୁରମା କୁମାରୀ ବେହେରା, ଡା. ସନ୍ତୋଷ କୁମାର ମିଶ୍ର , ଡା ଥ୍ୱିଦ ହୁସେନ, ଡା.ସପନ କୁମାର ଦିଣ୍ଡା, ଡା. ନିହାର ରଞ୍ଜନ ପ୍ରହରାଜ, ଡ଼ା. ପ୍ରଫୁଲ୍ଲ କୁମାର ବେହେରା, ଡା. ଅଭିଷେକ ମିଶ୍ର ପ୍ରଭୃତି ଉପସ୍ଥିତ ରହି ରୋଗୀ ମାନଙ୍କୁ ଚିକିତ୍ସା ପ୍ରଦାନ କରିଥିଲେ । ଏହି ଅଭିଯାନ ଆସନ୍ତା ୨ ଅକ୍ଟୋବର ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଦିଲୀପ କୁମାର ନନ୍ଦ ପ୍ରକାଶ କରିଥିଲେ କ୍ଷ ଏହି କାର୍ଯ୍ୟକ୍ରମରେ ଘଡେଇ ବି ଏସ ସି ନର୍ସିଙ୍ଗ କଲେଜ ଓ ସତ୍ୟନାରାୟଣ ନର୍ସିଙ୍ଗ କଲେଜର ଛାତ୍ରୀମାନେ, କାଇରୋଲୀନ ଦୀକ୍ଷିତ, ରମ୍ଭା କିରସାନି, ଧନୀତା ଖିଲ, ଉମା ମହେଶ୍ୱର ରାଓ, ସନ୍ତୋଷ କୁମାର ପତି, ବନ୍ଦନା ପରିଡା, ନିରୁପମା ପରିଡା, କନକ ପ୍ରଭା ସାହୁ, ଯୋଗେଶ୍ୱରୀ ମାଡି, ଗାୟତ୍ରୀ ବେହେରା, ଲିପିକା ତୁରୁକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ସମ୍ବଲପୁରରେ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ

ସମ୍ବଲପୁର: ସମ୍ବଲପୁରର ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ଉଦଘାଟନୀ ସମାରୋହ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପ୍ରେକ୍ଷାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସହକାରୀ ଜିଲ୍ଲାପାଳ ସୁଶାନ୍ତ ନାଏକ, ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ଡ. ଦ୍ୱାରିକାନାଥ ନାଏକ, ଶ୍ରବଣ କୁମାର ବାଗ୍, ସଙ୍ଗୀତ ନିର୍ଦ୍ଦେଶକ ଶଙ୍କର ପ୍ରସାଦ ପ୍ରଧାନ, ସହକାରୀ ଜିଲ୍ଲାପାଳ ରୋସେଲିନା ତିର୍କୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଞ୍ଜୁକ୍ତା କୁଲ୍ଲୁ ଏହି ଉତ୍ସବରେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଲୋକ ନୃତ୍ୟ, ଲୋକ ଗୀତ, ଔପଚାରିକ ବକ୍ତୃତା, ଚିତ୍ରାଙ୍କନ, ଗଳ୍ପ ଲିଖନ, କବିତା ଲିଖନ ଇତ୍ୟାଦି ବିଭାଗ ଗୁଡ଼ିକରେ ପ୍ରତିଯୋଗିତାର ଆୟୋଜନ କରଯାଇଥିଲା । ଜିଲ୍ଲାର ୫ରୁ ୧୦ ବର୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏବଂ ୧୫ ରୁ ୨୯ ବୟସର ଯୁବକ ଯୁବତୀ ମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଯୁବ ମହୋତ୍ସବ ଉପରେ ନିର୍ଦ୍ଧାରିତ ଲୋକ ନୃତ୍ୟ ପ୍ରତିଯୋଗିତାର ଫଳାଫଳରେ ଭରନି କଳା ପରିଷଦ ପ୍ରଥମ ସ୍ଥାନ, ସ୍ୱୟଂମ ଏକାଡେମୀ ଦ୍ୱିତୀୟ ସ୍ଥାନ ଓ ସରକାରୀ ମହିଳା ମହାବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲା । ଲୋକ ସଙ୍ଗୀତ ପ୍ରତିଯୋଗିତାରେ ବାମରା ର ସରଗମ କଳାପରିଷଦ, ପ୍ରଥମ ସ୍ଥାନ, ସରକାରୀ ମହିଳା ମହାବିଦ୍ୟାଳୟ ଦ୍ୱିତୀୟ ସ୍ଥାନ, କୁଚିଣ୍ଡା ଏନଏସି ମହାବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲେ । କବିତା ରଚନା ପ୍ରତିଯୋଗିତାରେ ବାବୁ ଦୀପ ପ୍ରଥମ ସ୍ଥାନ, ରାଜା ପ୍ରଧାନ ଦ୍ୱିତୀୟ ସ୍ଥାନ ଓ ଜାଗରଣ ପୂଜାରୀ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଗଳ୍ପଲିଖନ ପ୍ରତିଯୋଗିତାରେ ମେନକା ମାଝୀ ପ୍ରଥମ ସ୍ଥାନ, ସର୍ମିଷ୍ଠା ରାଣୀ ବିଶି ଦ୍ୱିତୀୟ ସ୍ଥାନ, ସନ୍ଧ୍ୟା ପରେଓ୍ୱନ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଚିତ୍ରାଙ୍କନ ପ୍ରତିଯୋଗିତାରେ ସରକାରୀ ମହିଳା ମହାବିଦ୍ୟାଳୟ ର ଖୁସି ସାହ ପ୍ରଥମ ସ୍ଥାନ, ସରକାରୀ ମହିଳା ମହାବିଦ୍ୟାଳୟ ର ପ୍ରିୟଙ୍କା ପ୍ରିୟଦର୍ଶିନୀ ସାଇଁ ଦ୍ୱିତୀୟ ସ୍ଥାନ, ହୀରାକୁଦ କଲେଜ ର ସୌରଭ ପରମାନିକ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଔପଚାରିକ ବକ୍ତୃତା ପ୍ରତିଯୋଗିତାରେ ଏନଏସି କଲେଜ ର ଶୀତଳ ଶର୍ମା ପ୍ରଥମ ସ୍ଥାନ, କୁଚିଣ୍ଡା କଲେଜ୍ ର ସାଚି ରେ ଦ୍ୱିତୀୟ ସ୍ଥାନ, ଏନଏସସିବି କଲେଜ ର ଜ୍ୟୋତିର୍ମୟୀ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଶେଷରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଅଶୋକ ଭୋଇ ଏବଂ କ୍ରୀଡା ଅଧିକାରୀ ସତ୍ୟନାରାୟଣ ତାଣ୍ଡି କାର୍ଯ୍ୟ କ୍ରମ ରେ ଯୋଗ ଦେଇ ପ୍ରତିଯୋଗିତାର ବିଜେତା ମାନଙ୍କୁ ପ୍ରମାଣପତ୍ର ବିତରଣ କରିଥିଲେ । ସୁଚନାଯୋଗ୍ୟ କୃତୀ ଯୁବକ ଯୁବତୀ ମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ଏହି କାର୍ଯ୍ୟକ୍ରମକୁ ଅତି ଶୃଙ୍ଖଳିତ ଭାବେ ଅସୀମ ପ୍ରଧାନ ପରିଚାଳନା କରିଥିଲେ ।

# ଘରୋଇ ହିଂସାରୁ ମହିଳାଙ୍କୁ ସୁରକ୍ଷା ଅଧିନିୟମ - ୨୦୦୫ ସମ୍ବନ୍ଧୀୟ ତାଲିମ

ସୋନପୁର, (ହି.ସ.) : ସୁବର୍ଣ୍ଣପୁର ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ଓ ଜିଲ୍ଲା ପ୍ରଶାସନ ଦ୍ୱାରା ଜିଲ୍ଲାସ୍ତରୀୟ ଘରୋଇ ହିଂସାରୁ ମହିଳାମାନଙ୍କୁ ସୁରକ୍ଷା ଅଧିନିୟମ - ୨୦୦୫ ସମ୍ବନ୍ଧୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ତାଲିମ ଶିବିରରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୁବର୍ଣ୍ଣପୁର, ସମ୍ମାନିତ ଅତିଥି ଭାବରେ ରଞ୍ଜିତା ସାହୁ, ସଦସ୍ୟା ଜିଲ୍ଲା କିଶୋର ନ୍ୟାୟ ବୋର୍ଡ, ସୁବର୍ଣ୍ଣପୁର, ଶ୍ରୀମତି ସଞ୍ଜୁ କୁମାରୀ ସାହୁ, ଜିଲ୍ଲା ନିୟୋଜନ ଓ ଦକ୍ଷତା ବିକାଶ ଅଧିକାରୀ, ସୁବର୍ଣ୍ଣପୁର ଯୋଗଦାନ କରିଥିଲେ ।ଶଙ୍କର୍ଷଣ ପଣ୍ଡା, ଅଧକ୍ଷ ଜିଲ୍ଲା ଶିଶୁ ସୁରକ୍ଷା କମିଟି, ସୁବର୍ଣ୍ଣପୁର, ଜିଲ୍ଲା ଶିଶୁ ସୁରକ୍ଷା କମିଟିର ସଦସ୍ୟ ହେମନ୍ତ କୁମାର ସା, ଶିଶୁ ସହାୟତା ହେଲ୍ପ ଲାଇନ ସଂଯୋଜକ ସୁଜିତ୍ କୁମାର ମିଶ୍ର, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ, ସୁବର୍ଣ୍ଣପୁର ସଂଯୁକ୍ତ ମାଝୀ, ଜିଲ୍ଲା ପଂଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ, ସୁବର୍ଣ୍ଣପୁର, ଅର୍ଜୁନ ମାଝୀଙ୍କ ସମେତ ସୁବର୍ଣ୍ଣପୁର ଜିଲ୍ଲାର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଗୁଡ଼ିକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, କର୍ମଚାରୀ ବୃନ୍ଦ, ମହିଳା ପରିଦର୍ଶିକା ବୃନ୍ଦ, ଅଙ୍ଗନବାଡ଼ି କର୍ମୀ ବୃନ୍ଦ, ସୁବର୍ଣ୍ଣପୁର ଜିଲ୍ଲାର ମହିଳାମାନେ ଉପସ୍ଥିତ ଥିଲେ । ଏହି ତାଲିମ ଶିବିରକୁ ବାସନ୍ତୀ ଭୋଇ, ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ, ସୁବର୍ଣ୍ଣପୁର ପରିଚଳନ କରିଥିଲେ ।

# ବ୍ଲକସ୍ତରୀୟ ପରବ ଉତ୍ସବ

ଜୟପୁର: ଜୟପୁର ବ୍ଲକ ସ୍ତରିୟ ପରବ ଉତ୍ସବ ଅନୁଷ୍ଠିତ ହୋଇଛି । ଜୟପୁରର ମା ଜଗତ ଜନନୀ ମନ୍ଦିରରେ ପୂଜା ପାଠ କରାଯାଇ ମଶାଲ ଶୋଭାଯାତ୍ରା ବାହାରିଥିଲା । ମନ୍ଦିର ଠାରୁ ଶୋଭାଯାତ୍ରା ବାହାରି ଦଶହରା ପଡିଆ ଠାରେ ପହଂଚି ଥିଲା । ଦଶହରା ପଡିଆ ଠାରେ ଉଦଘାଟନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଦଶହରା ପଡିଆ ଠାରେ ନାଚ ଗୀତରେ ହୋଇଥିବା ବେଳେ ବିଗତ ଦିନରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତି ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା । ଏଠାରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷା ସସ୍ମିତା ମେଲକା, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଉପାଧକ୍ଷ ରାଧା ବିନୋଦ ସାମନ୍ତରାୟ, ବ୍ଲକ ଅଧକ୍ଷା ତିଳୋତମା ମୁଦୁଲି, ଜୟପୁର ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ବ୍ଲକ ଉପାଧକ୍ଷ ଗଣେଷ ପ୍ରସାଦ ପାଢୀ, ଜିଲା ପରିଷଦ ସଭ୍ୟା ତପତି ପଟ୍ଟନାୟକ, ରଶ୍ମି ରଥ, ବିଡିଓ ଶକ୍ତି ମହାପାତ୍ର, ବିଧାୟକ ପ୍ରତିନିଧି ବସନ୍ତ ନାୟକ, ସାଂସଦ ପ୍ରତିନିଧି କୃଷ୍ଣ ନେପାକ ଏକାଉଣ୍ଟେଟ ତତ୍ୱମସି ଝୁଟିଆ, ବ୍ଲକ କଳା ସଂଘର ଉପ ସଭାପତି ଆଦିତ୍ୟ କୁମାର ସାହୁ, ସିଡିପିଓ କାଂଚନ ପଣ୍ଡା, ଗୋଷ୍ଠି ଶିକ୍ଷାଧିକାରି ଚନ୍ଦନ କୁମାର ନାୟକଙ୍କ ସହିତ ସରପଂଚ, ସମିତି ସଭ୍ୟ, ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ ।

# ସର୍ବଭାରତୀୟ ସ୍ତରରେ କନ୍ଧମାଳ ଆଦିବାସୀ ଉନ୍ନୟନ ସଂସ୍ଥା ସମ୍ମାନିତ

କନ୍ଧମାଳ: ଆଦି କର୍ମଯୋଗୀ ଅଭିଯାନ ଅନ୍ତର୍ଗତ ସର୍ବଭାରତୀୟ ସ୍ତରରେ ଏକ ବୈଠକ ନୂଆ ଦିଲ୍ଲୀ ସ୍ଥିତ ବିଜ୍ଞାନ ଭବନରେ ଅନୁଷ୍ଠିତ ହୋଯାଇଅଛି । ଏହି କାର୍ଯ୍ୟକ୍ରମରେ କନ୍ଧମାଳ ଜିଲ୍ଲାରୁ ପିମୁରଲୀ ମୋହନ, ପ୍ରୋଗ୍ରାମ ମ୍ୟାନେଜର, ଦୀପକ କନ୍ହର, ମଙ୍ଗଳ ଅଧିକାରୀ, ମନୋଜ କହଁର ଆଦି ସାଥୀ ଯୋଗଦେଇଥିଲେ । ଏହି ଅବସରରେ କନ୍ଧମାଳ ଜିଲ୍ଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀକୁ ଆଦି କର୍ମଯୋଗୀ ଜନ ଅଭିଯାନ ଶ୍ରେଷ୍ଠ ସମ୍ପାଦନା ପ୍ରଦର୍ଶନ ପାଇଁ ପୁରସ୍କୃତ କରାଯାଇଛି । ପ୍ରକାଶଥାଉକି ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜନ୍ମ ବାର୍ଷିକୀ ଅବସରରେ ଆଦିବାସୀ ସଂପ୍ରଦାୟର ପୂର୍ଣ୍ଣାଙ୍ଗ ବିକଶ ପାଇଁ ଆଦି କର୍ମଯୋଗୀ ଅଭିଯାନ ଆରମ୍ଭ କରିଛନ୍ତି । ସାରା ଦେଶରେ ୩୦ ରାଜ୍ୟରେ ୫୫୦+ ଜିଲ୍ଲା , ୩୦୦୦+ ବ୍ଲକ ରେ ୧ ଲକ୍ଷ ଗ୍ରାମରେ ୨୦ ଲକ୍ଷ ଆଦି କର୍ମଯୋଗୀ ଚୟନ କରାଯାଇଛି । କନ୍ଧମାଳ ଜିଲ୍ଲାର ୧୨ ଗୋଟି ବ୍ଲକରେ ସମୁଦାୟ ୩୧୫ ଗ୍ରାମରେ ଏହି ଅଭିଯାନ ଚାଲୁ ଅଛି । ଏଥିପାଇଁ ପ୍ରତି ଗ୍ରାମରେ ଆଦି ସେବା କେନ୍ଦ୍ର ଖୋଲା ଯାଇଛି । ଆଦି କର୍ମଯୋଗୀ, ଆଦି ସହଯୋଗୀ ଓ ଆଦି ସାଥୀ ଓ ସବୁ ବିଭାଗର ଅଧିକାରୀ ସେହି ସେବା କେନ୍ଦ୍ରରେ ଏକାଠି ଗ୍ରାମର ପୂର୍ଣ୍ଣାଙ୍ଗ ବିକାଶ ନିମନ୍ତେ ଏକ ପରିକଳ୍ପନା ପତ୍ର ପ୍ରସ୍ତୁତ କରିଛନ୍ତି । ଏହି ଅଭିଯାନରେ ଜିଲ୍ଲାସ୍ତରରେ ନୋଡାଲ ଏନ ଜି ଓ ଭାବରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଦାନ ସଂସ୍ଥା ଓ ବିଭିନ୍ନ ବ୍ଲକ ସ୍ତରରେ ସ୍ୱାତି, ହର୍ଷଟ୍ରଷ୍ଟ , ଜନ ବିକାଶ, ଅଭିଯାନ, ସେନ୍ସଭଲ, ଜାଗୃତି, ଶାନ୍ତି ମୈତ୍ରୀ, ଅଗ୍ରଗାମୀ, ନିର୍ମାଣ ଆଦି ଏନ୍ ଜି ଓ ମାନେ ଗ୍ରାମର ବିକାଶ ଯୋଜନ ପରିକଳ୍ପନା ପତ୍ର ପ୍ରସ୍ତୁତିରେ ସହଯୋଗ କରିଥିଲେ । ସମସ୍ତେ ଜନ ଭାଗିଦାରୀ ଆଧାରରେ ସେବା, ସଂକଳ୍ପ ଓ ସମର୍ପଣ ଭାବନା ନେଇ ଜନଜାତିଙ୍କ ପାଇଁ କାମ କରିବେ । ଆଦି କର୍ମଯୋଗୀ ଜନ ଅଭିଯାନ ଶ୍ରେଷ୍ଠ ସମ୍ପାଦନା ପ୍ରଦର୍ଶନ ପାଇଁ ପୁରସ୍କାରର ଶ୍ରେୟ ଜିଲ୍ଲାପାଳ ସମେତ ଜିଲ୍ଲାସ୍ତରୀୟ ପ୍ରଶିକ୍ଷକ, ବ୍ଲକସ୍ତରୀୟ ପ୍ରଶିକ୍ଷକ, ସମସ୍ତ ଜିଲ୍ଲାସ୍ତରୀୟ ପଦାଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ମଙ୍ଗଳ ଅଧିକାରୀ, ଏନ୍ ଜି ଓ କ୍ଷତ୍ର କର୍ମଚାରୀ ଓ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଯୋଡ଼ିତ ବ୍ୟକ୍ତି 'ଟିମ କନ୍ଧମାଳ' ବୋଲି ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଶ୍ରୀ ଗଦାଧର ପାତ୍ର କହିଛନ୍ତି ।

# ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଉପଲକ୍ଷେ ଭୂମିପୂଜନ

ନୂଆପଡ଼ା: ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଗଣ୍ଡାବାହାଲି ପବିତ୍ର ମାଟିରେ ରାଷ୍ଟ୍ର ଶୌର୍ଯ୍ୟ ସମୃଦ୍ଧି ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପାଇଁ ପୂଜନ ତଥା ଦେବ ଦମ୍ପତି ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଶାନ୍ତିକୁଞ୍ଜ ହରିଦ୍ୱାରରୁ ପ୍ରତିନିଧି ଭାବରେ ମିନିକେତନ ପାତ୍ର ଉପସ୍ଥିତ ରହିଥିଲେ । ସମାଜିକ ସଂସ୍କାର, ନାରୀ ସଶକ୍ତିକରଣ, ସଂସ୍କୃତିର ରକ୍ଷା, ପାରିବାରିକ ସୁସଂପର୍କ ପ୍ରତିଷ୍ଠା, ପରିବେଶ ସୁରକ୍ଷା, ନିଶାମୁକ୍ତ ରାଷ୍ଟ୍ର ଗଠନ, କୁସଂସ୍କାର ଦୂରୀଭୂତ ଉଦ୍ଦେଶ୍ୟରେ ଆଗାମୀ ଜାନୁଆରୀ ୬ ତାରିଖ ହେବାକୁ ଥିବା ଭବ୍ୟ ଗାୟତ୍ରୀ ମହାଯଜ୍ଞ ପାଇଁ ଭୂମି ପୂଜନ କରାଯାଇଥିଲା । ଉତ୍ସବରେ ମୁଖ୍ୟ ଅତିଥି ଭାବରେ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାସ ଯୋଗଦାନ କରି ଧ୍ୱଜାରୋହଣ କରିବା ସହ ଶୁଭଖମ୍ବ ସ୍ଥାପନ କରିଥିଲେ ଓ ମାନବୀୟ ମୂଲ୍ୟବୋଧ ବିଷୟରେ ଉପସ୍ଥିତ ସଜ୍ଜନ ମଣ୍ଡଳୀଙ୍କୁ ମାର୍ଗଦର୍ଶନ ଦେଇଥିଲେ । ମୁଖ୍ୟ ଯଜ୍ଞକର୍ତା ତୁଳସୀ ରାମ ମେହେର ଓ ତାଙ୍କ ଧର୍ମପତ୍ନୀ ଭଞ୍ଜନୀ ମେହେର ତଥା ଗ୍ରାମର ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥାପିତ ରହି ଭୂମି ପୂଜନ ହୋଇଥିଲା । ଦେବ ଦମ୍ପତି ପରସ୍ପରକୁ ମାଲ୍ୟାର୍ପଣ କରି ଦାମ୍ପତ୍ୟ ଜୀବନ ସୁଖମୟ ପାଇଁ ସଂକଳ୍ପ କରିଥିଲେ ।ଏହି କାର୍ଯ୍ୟକ୍ରମରେ ୫୦୦ରୁ ଅଧିକ ଦେବ ଦମ୍ପତି ଯୋଗଦେବା ସହ ଅଂଚଳରୁ ଅନେକ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ । ଭଜନସଂଗୀତ ତଥା ଦିବ୍ୟପ୍ରବଚନ ମାଧ୍ୟମରେ ସମସ୍ତେ ସାମିଲ ହେବା ସହ ଯଜ୍ଞରେ ଅନ୍ନଭୋଗ ଗ୍ରହଣ କରିଥିଲେ । ଗଣ୍ଡାବାହାଲି ଗ୍ରାମର ବରିଷ୍ଠ କର୍ମକର୍ତା, ଯୁବଗୋଷ୍ଠୀ, ମହିଳାମଣ୍ଡଳୀ ତଥା ଗାୟତ୍ରୀ ଶକ୍ତିପୀଠ ସିନାପାଲି ଓ ହାତୀବନ୍ଧାର ସଦସ୍ୟ, ଜିଲ୍ଲା ସ୍ତରୀୟ କର୍ମକର୍ତ୍ତା, ଉପଜୋନ ସ୍ତରୀୟ କର୍ମକର୍ତା ଓ ଅଂଚଳର ସମସ୍ତ ଶ୍ରଦ୍ଧାଳୁ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ଉଠାଦୋକାନୀ ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

ଜୟପୁର: ଜୟପୁର ଗାନ୍ଧୀଛକ ନିକଟରେ ଉଠାଦୋକାନ ଗୁଡିକ ହଟାଇ ସେଠାରେ ଗାନ୍ଧୀଙ୍କ ଦାଣ୍ଡିଯାତ୍ରା ପ୍ରତିମୂର୍ତ୍ତି ସ୍ଥାପନ କରୁଥିବାକୁ ନେଇ ଆଜି ସ୍ଥାନୀୟ ବାସିନ୍ଦା ମାନେ ବିରୋଧ କରି ଉପଜିଲ୍ଲାପାଳଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି । ଗାନ୍ଧୀଛକରେ ବହୁଦିନ ହେଲା ଉଠା ଦୋକାନୀ ମାନେ ରହି ନିଜ ଜୀବନ ଜିବିକା ବହନ କରୁଥିଲେ । କିନ୍ତୁ ପୌରପାଳିକା ପକ୍ଷରୁ ସେମାନଙ୍କୁ ସେଠାରୁ ହଟାଇ ଦେଇ ସେଠାରେ ଗାନ୍ଧୀଙ୍କ ଦାଣ୍ଡିଯାତ୍ରା ମୂର୍ତ୍ତି ସ୍ଥାପନ କରୁଛନ୍ତି । ଯାହା ଫଳରେ ସେଠାରେ ଟ୍ରାଫିକ ସମସ୍ୟା ଉପୁଜିବା ସହ ଅନେକ ସମୟରେ ବିଶୃଙ୍ଖଳା ସୃଷ୍ଟି ହେବ ବୋଲି ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି ।

# ହ୍ୟୁମାନ ସାଗରଙ୍କ ସ୍ମୃତିସଭା




ବଲାଙ୍ଗିର(ପିପିଏସ୍) : ସ୍ଥାନୀୟ ଶାସ୍ତ୍ରୀନଗର ଠାରେ ଆଶ୍ରା ଆଶ୍ରମଠାରେ ଦିବଂଗତ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ଆତ୍ମା ଶାନ୍ତି ଉଦ୍ଦେଶ୍ୟରେ ଏକ ସ୍ମୃତିସଭା ପାଳିତ ହୋଇଯାଇଛି । ଡଃ ବିଆର୍ ଆମ୍ବେଦକର ସେବା ସଂଘ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତଃ କଣ୍ଠଶିଳ୍ପୀଙ୍କ ସ୍ମୃତିଚାରଣ ପରେ ଆଶ୍ରମ ବାସିନ୍ଦା ଭିନ୍ନକ୍ଷମ ଛାତ୍ର ଛାତ୍ରୀମାନଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଥିଲା । ଏହି ଅବସରରେ ସଂଘ ପକ୍ଷରୁ ଅନିଲ ମୁଗ୍ରୀ, ସାଗତ କୁମ୍ଭାର, ପିଣ୍ଟୁ କୁମ୍ଭାର, ପ୍ରିୟଙ୍କ କୁମ୍ଭାର, ପିଣ୍ଟୁ ଯଶୋବନ୍ତ ଓ ଅନ୍ୟସାଥୀମାନେ ଉପସ୍ଥିତ ରହି ଅମର ଆତ୍ମାକୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

# ସରକାରୀ ଜଙ୍ଗଲ ଜମି ଚିହ୍ନଟ

ଘଟଗା: ଘଟଗାଁ ବନାଂଚଳ ଅଧିନସ୍ଥ ଗଦାଧରପୁର ପଞ୍ଚାୟତ ଖୁଂଟା ଗ୍ରାମନିକଟରେ ଥିବା ସରକାରଙ୍କ ଗ୍ରାମ୍ୟ ଜଙ୍ଗଲରୁଏକ ହଜାର ଶାଳ ଗଛ ଥିବା ଜଙ୍ଗଲ ଜମିକୁ ସେହି ଅଂଚଳର ଜଣେ ବ୍ୟକ୍ତି ତାର ବାଡ ଘେରାଉ କରି ନିଜ ଅକ୍ତିଆରରେ ରଖିଛନ୍ତି । ଏହାକୁ ବିରୋଧ କରି ଖୁଂଟା ଗ୍ରାମବାସୀ ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ କରିଥିଲେ ହେଁ ପ୍ରଶାସନ କୌଣସି ପଦକ୍ଷେପ ନେଇନଥିଲା । ତେଣୁ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ଜଙ୍ଗଲ ବିଭାଗ ଅଧିକାରୀ ଆର୍‌ଆଇ ଅମିନ ସୁପରଭାଇଜର ଘଟଣା ସ୍ଥଳକୁ ଯାଇ ପୋଲିସ ଉପସ୍ଥିତିରେ ଚିହ୍ନଟ କରାଯାଇଛି ।

# ଭୀମଭୋଇ ମେଡିକାଲ୍‌ରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

## ● ବେସରକାରୀ ନର୍ସିଂହୋମ ମୁହାଁ ଡାକ୍ତର
## ● ବଢୁଛି ଜନଅସନ୍ତୋଷ

ବଲାଙ୍ଗିର, (ପିପିଏସ୍) : ବଲାଙ୍ଗିର ଜିଲ୍ଲାର ପ୍ରମୁଖ ସ୍ୱାସ୍ଥ୍ୟ ସଂସ୍ଥା ଭୀମଭୋଇ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ସେବା ଅଭାବ ଓ ଡାକ୍ତରମାନଙ୍କ ବେସରକାରୀ ନର୍ସିଂହୋମ ଉପରେ ନଜରକୁ ନେଇ ଜନସାଧାରଣ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି । ଏତେ ବଡ଼ ସରକାରୀ ହସ୍ପିଟାଲ ଥିଲେ ମଧ୍ୟ ସାଧାରଣ ଅପରେସନ ଓ ଚିକିତ୍ସା ପାଇଁ ରୋଗୀମାନଙ୍କୁ ବେସରକାରୀ ନର୍ସିଂହୋମ ମୁହାଁ ହେବାକୁ ପଡୁଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ହସ୍ପିଟାଲରେ ଆବଶ୍ୟକ ଯନ୍ତ୍ରପାତି ଥିଲେ ମଧ୍ୟ ସେଗୁଡ଼ିକ ଚାଲୁ ଅବସ୍ଥାରେ ନଥିବାରୁ ରୋଗୀମାନେ ବାହାରେ ଟେଷ୍ଟ କରିବାକୁ ବାଧ୍ୟ ହେଉଛନ୍ତି । ଅନେକ ଡାକ୍ତର ନିଜର ସରକାରୀ ଦାୟିତ୍ୱଠାରୁ ବେସରକାରୀ କ୍ଲିନିକ୍ ଓ ନର୍ସିଂହୋମ ମାଧ୍ୟମରେ ଅଧିକ ଆୟ କରିବାରେ ଧ୍ୟାନ ଦେଉଛନ୍ତି ବୋଲି ଅଭିଯୋଗ ହେଉଛି । ଜଣେ ରୋଗୀଙ୍କ ପରିବାର ଲୋକ କହିଛନ୍ତି " ସରକାରୀ ହସ୍ପିଟାଲକୁ ଯଦି ଯିବେ ତେବେ ଡାକ୍ତର ମିଳନ୍ତି ନାହିଁ । ଯଦିଓ ମିଳନ୍ତି ତେବେ ଆମକୁ ବେସରକାରୀ ନର୍ସିଂହୋମକୁ ଯିବାକୁ କହୁଛନ୍ତି । ଗରିବ ଲୋକ ହେଇ ଆମେ ଏତେ ଖର୍ଚ୍ଚ କେମିତି କରିବୁ ?" ଜନସାଧାରଣଙ୍କୁ ଉଚ୍ଚ ମାନର ସ୍ୱାସ୍ଥ୍ୟସେବା ଦେବା ଉଦ୍ଦେଶ୍ୟରେ ଭୀମଭୋଇ ମେଡିକାଲ କଲେଜ ସ୍ଥାପିତ ହୋଇଥିଲା । କିନ୍ତୁ, ବର୍ତ୍ତମାନ ସେହି ଲକ୍ଷ୍ୟ ପ୍ରାୟ ଅସଫଳ ହେଉଛି । ହସ୍ପିଟାଲରେ ଯନ୍ତ୍ରପାତି ଓ ଆବଶ୍ୟକ ସୁବିଧା ଥିଲେ ମଧ୍ୟ ଟେକ୍ନିସିଆନ ଓ ସେବାକର୍ମୀଙ୍କ ଅଭାବ ହେତୁ ସେଗୁଡ଼ିକ ବ୍ୟବହାର ହେଉନାହିଁ । ସାମାଜିକ ସଂଗଠନ ଓ ସ୍ଥାନୀୟ ନାଗରିକମାନେ ଦାବି କରିଛନ୍ତି ଯେ, ସରକାର ଏହି ଅବସ୍ଥା ଉପରେ ଉଚ୍ଚସ୍ତରୀୟ ତଦନ୍ତ କରି ଦାୟୀ ଡାକ୍ତର ଓ କର୍ମଚାରୀଙ୍କୁ ଚିହ୍ନଟ କରି କଠୋର କାର୍ଯ୍ୟାନୁଷ୍ଠାନ ନେବା ଉଚିତ ହେବ । ବଲାଙ୍ଗୀର ଓ ପଶ୍ଚିମ ଓଡ଼ିଶାର ହଜାର ହଜାର ଲୋକ ଏହି ହସ୍ପିଟାଲ ଉପରେ ନିର୍ଭର କରିଥାନ୍ତି । ଏଭଳି ପରିସ୍ଥିତି ଯଦି ସବୁଦିନ ପାଇଁ ଚାଲେ ତେବେ ସରକାରୀ ଚିକିତ୍ସା ବ୍ୟବସ୍ଥା ପ୍ରତି ଲୋକମାନଙ୍କ ଆସ୍ଥା ଅଧିକ ହ୍ରାସ ପାଇବ । ସେହିପରି ଜନସାଧାରଣ ଅଭିଯୋଗ କରୁଛନ୍ତି ଯେ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଶୀଘ୍ର ବିଭାଗୀୟ ତଦନ୍ତ ଆରମ୍ଭ କରି ଭୀମଭୋଇ ମେଡିକାଲ କଲେଜକୁ ପୁଣିଥରେ ଜନସେବାର କେନ୍ଦ୍ରରେ ପରିଣତ କରିବା ପାଇଁ ଗୁରୁତର ପଦକ୍ଷେପ ନିଶ୍ଚିତ ଭାବେ ନେବେ ବୋଲି ବଲାଙ୍ଗିର ଜିଲ୍ଲାରେ ଚର୍ଚ୍ଚା ଜୋର୍ ଧରିଛି ।

# ଜାତୀୟ ବଡି ବିଲ୍ଡରଙ୍କୁ ହତ୍ୟା



ନୂଆଦିଲ୍ଲୀ: ମହିଳାଙ୍କୁ ଅସଦାଚରଣର ବିରୋଧ କରିବାରୁ ଜଣେ ଜାତୀୟ ସ୍ତରୀୟ ବଡି ବିଲ୍ଡରଙ୍କୁ ହତ୍ୟା କରାଯାଇଛି। ୨୦ରୁ ଅଧିକ ଦୁର୍ବୃତ୍ତ ତାଙ୍କୁ ପିଟି ପିଟି ହତ୍ୟା କରିଛନ୍ତି। ହରିୟାଣାର ରୋହତକ ଅଞ୍ଚଳରେ ଏହି ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ଘଟିଛି। ହତ୍ୟାର ଶିକାର ହୋଇଛନ୍ତି ୨୬ ବର୍ଷୀୟ ବଡି ବିଲ୍ଡର ତଥା ପାରା ଆଥଲେଟ୍ ରୋହିତ ଧନଖଡ଼। ଗତ ଶୁକ୍ରବାର ରୋହିତ ତାଙ୍କର ଜଣେ ସାଙ୍ଗ ଯତୀନ ସହିତ ଯତୀନଙ୍କ ଜଣେ ସମ୍ପର୍କୀୟଙ୍କ ବିବାହ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବିଳମ୍ବିତ ରାତିରେ ତିଗାଡ଼ାନା ଗ୍ରାମରୁ ବରଯାତ୍ରୀ ଦଳ ସେଠାକୁ ଆସିଥିଲେ। ବିବାହ ଶୋଭାଯାତ୍ରା ସମୟରେ କିଛି ବରଯାତ୍ରୀ କେତେଜଣ ମହିଳାଙ୍କୁ ଦୁର୍ବ୍ୟବହାର କରିଥିଲେ। ରୋହିତ ସେଥିରେ ହସ୍ତକ୍ଷେପ କରି ସେମାନଙ୍କୁ ବାରଣ କରିଥିଲେ, ଯାହାକୁ ନେଇ ସାମାନ୍ୟ କଳିଝଗଡ଼ା ହୋଇଥିଲା। ଅଭିଯୁକ୍ତମାନେ ସେଠାରୁ ଚାଲିଯାଇଥିଲେ। ବିବାହ ଉତ୍ସବ ପରେ ରୋହିତ ଏବଂ ଯତୀନ କାରରେ ଘରକୁ ଫେରିଥିଲେ। ଏକ ଲେଭଲ କ୍ରସିଂ ନିକଟରେ ସେମାନଙ୍କ ଗାଡ଼ି ଅଟକିଥିବା ସମୟରେ ୨୦ରୁ ଅଧିକ ଯୁବକ ମାରଣାସ୍ତ୍ର ଏବଂ ଠେଙ୍ଗା ଧରି ସେଠାରେ ପହଞ୍ଚି ଆକ୍ରମଣ କରିଥିଲେ। ଯତୀନ କୌଣସି ପ୍ରକାର ଜୀବନ ବଞ୍ଚାଇ ସେଠାରୁ ପଳାଇଥିଲେ। ହେଲେ ସେମାନେ ରୋହିତଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରୋହିତଙ୍କର ମୃତ୍ୟୁ ଘଟିଥିଲା। ରୋହିତଙ୍କ ଘର ରୋହତକ ଜିଲା ହୁମାୟୁନୁପୁର ଗ୍ରାମରେ। ସେ ୨୦୨୮ରେ ଜାତୀୟ ଭାରତ୍ତୋଳନ ଚମ୍ପିଆନଶିପରେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଦିବ୍ୟାଙ୍ଗ ଶ୍ରେଣୀରେ ସେ ୨୦୧୮ରେ ୨ଟି ଅନ୍ତର୍ଜାତୀୟ ସ୍ୱର୍ଣ୍ଣ ପଦକ ମଧ୍ୟ ଜିତିଥିଲେ। ସେହିବର୍ଷ ସ୍ୱାଧୀନତା ଦିବସରେ ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟର ତାଙ୍କୁ ସମ୍ମାନିତ କରିଥିଲେ।

# ଦିଲ୍ଲୀ ବିସ୍ଫୋରଣ : କାଶ୍ମୀରର ୮ ସ୍ଥାନରେ ଚଢ଼ଉ



ନୂଆଦିଲ୍ଲୀ: ଦିଲ୍ଲୀ ଲାଲକିଲ୍ଲା ନିକଟରେ କାର ବିସ୍ଫୋରଣ ଘଟଣାରେ, ଜାତୀୟ ତଦନ୍ତ ସଂସ୍ଥା (ଏନଆଇଏ) ଆଜି କାଶ୍ମୀରର ପୁଲଓ୍ୱାମା, ଶୋପିଆନ ଏବଂ କୁଲଗାମ ଜିଲ୍ଲାର ଆଠଟି ସ୍ଥାନରେ ଚଢାଉ କରିଛି । ତଦନ୍ତ ଅଧିକାରୀମାନେ କହିଛନ୍ତି ଯେ ଏନଆଇଏ ରେ ସାମିଲ ତଦନ୍ତ ଦଳଗୁଡ଼ିକ ଶୋପିଆନ ସ୍ଥିତ ମୌଲବୀ ଇରଫାନ ଅହମଦ ୱାଗେଇଙ୍କ ବାସଭବନରେ ତଲାସ ଚଳାଇଛନ୍ତି । ସେ ଘଟଣାରେ ଧରାପଡ଼ିଥିବା ଆତଙ୍କିମାନଙ୍କ ସହ ସମ୍ପୃକ୍ତ । ଅକ୍ଟୋବରରେ ତାଙ୍କୁ ଗିରଫ କରା ଯାଇଥିଲା ଏବଂ ଏନଆଇଏ ଗତ ମାସରେ କାର ବିସ୍ଫୋରଣର ତଦନ୍ତ ଦାୟିତ୍ୱ ନେବା ପରେ ତାଙ୍କୁ ହେପାଜତକୁ ନେଇଥିଲା । ପୁଲଓ୍ୱାମା ଜିଲ୍ଲାର କୋଏଲ, ଚାନ୍ଦଗାମ, ମଲାଙ୍ଗପୋରା ଏବଂ ସାମ୍ବୁରା ଅଞ୍ଚଳରେ ମଧ୍ୟ ଚଢାଉ କରାଯାଇଛି , ଏହି ସ୍ଥାନଗୁଡ଼ିକ ମଧ୍ୟ ଦିଲ୍ଲୀ କାର ବିସ୍ଫୋରଣ କରିଥିବା ଆତଙ୍କୀଙ୍କ ସହ ଜଡିତ । ଘଟଣାରେ ଏ ପର୍ଯ୍ୟନ୍ତ ୧୫ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି ।

# ନୌସେନା ଅଧିକାରୀଙ୍କ ପତ୍ନୀଙ୍କୁ ଠେଲି ମାରିଦେଲା ଟିଟିଇ !



ନୂଆଦିଲ୍ଲୀ: ନଭେମ୍ବର ୨୬ ତାରିଖରେ ଭାରତୀୟ ନୌସେନା ଅଧିକାରୀ ଅଜୟ ଯାଦବଙ୍କ ପତ୍ନୀ ଆରତୀ ଯାଦବଙ୍କ ମୃତଦେହ ରେଳଧାରଣାରେ ମିଳିବା ପରେ ଇଟାୱାର ସରକାରୀ ରେଳବାଇ ପୁଲିସ (ଜିଆରପି) ଟ୍ରେନ୍ ଟିକେଟ୍ ପରୀକ୍ଷକ (ଟିଟିଇ) ସନ୍ତୋଷ କୁମାରଙ୍କ ବିରୁଦ୍ଧରେ ହତ୍ୟା ନୁହେଁ ବରଂ ଦୋଷାର୍ଥକ ହତ୍ୟା ପାଇଁ ମାମଲା ରୁଜୁ କରିଛନ୍ତି । ସୂଚନା ଅନୁଯାୟୀ, ଆରତୀ ନୂଆଦିଲ୍ଲୀ ଯାତ୍ରା କରୁଥିବା ସମୟରେ କାନପୁର ସେଣ୍ଟ୍ରାଲରୁ ଭୁଲ ରେଲଗାଡ଼ିରେ ଚଢ଼ିଥିଲେ । ମଙ୍ଗଳବାର ରାତିରେ ତାଙ୍କର ବରୌନୀ-ନୂଆଦିଲ୍ଲୀ କ୍ଲୋନ୍ ସ୍ପେଶାଲ୍ (୦୨୫୬୩)ରେ ଯିବାର ଥିଲା , କିନ୍ତୁ ରେଲଗାଡ଼ିର ୧୦ ଘଣ୍ଟାରୁ ଅଧିକ ବିଳମ୍ବ ହୋଇଥିଲା । ଦ୍ୱନ୍ଦ୍ୱରେ ସେ ବୁଧବାର ସକାଳେ ପାଟନା-ଆନନ୍ଦ ବିହାର ଟର୍ମିନାଲ ସ୍ପେଶାଲ୍ ଫେୟାର(୦୪୦୮୯)ରେ ଚଢ଼ିଥିଲେ । ତାଙ୍କ ବାପା ଅନିଲ କୁମାରଙ୍କ ଅଭିଯୋଗ ଅନୁସାରେ ଆରତୀ ଏସ-୧୧ କୋଚ୍ ରେ ଚଢ଼ିଥିଲେ ଏବଂ ତାଙ୍କ ସଂରକ୍ଷିତ ଟିକେଟ୍ ପାଇଁ ଟିଟିଇ ସନ୍ତୋଷ କୁମାରଙ୍କ ସହିତ ତାଙ୍କର ଯୁକ୍ତି ହୋଇଥିଲା। କୋଚ୍‌ରେ ଥିବା ସାକ୍ଷୀମାନେ ଦାବି କରିଛନ୍ତି ଯେ ଟିଟିଇ ତାଙ୍କ ଲଗେଜ୍ ବାହାରକୁ ଫିଙ୍ଗି ଦେଇଥିଲେ ଏବଂ ତାଙ୍କୁ ଟ୍ରେନ୍ ରୁ ଠେଲି ଦେଇଥିଲେ । ପରେ ଆରତୀଙ୍କ ମୃତଦେହ ତାଙ୍କ ଜିନିଷପତ୍ରଠାରୁ ପ୍ରାୟ ୪ କିଲୋମିଟର ଦୂରରେ ମିଳିଥିଲା । ଆରତୀଙ୍କ ସ୍ୱାମୀ କହିଛନ୍ତି, ତାଙ୍କ ମୃତ୍ୟୁ ଖବର ପାଇବାର ମାତ୍ର ତିନି ଦିନ ପୂର୍ବରୁ, ଆରତୀ ମୁମ୍ବାଇରୁ କାନପୁରର ତାଙ୍କ ବାପାଙ୍କ ଘରକୁ ଫେରୁଥିଲେ । ସ୍ୱାସ୍ଥ୍ୟଗତ ପରାମର୍ଶ ପାଇଁ ଦିଲ୍ଲୀର ସେନା ହସ୍ପିଟାଲକୁ ଯିବାକୁ ଯୋଜନା କରିଥିଲେ । ମୋ ବାପା ଭଗବାନ ସିଂହ ପ୍ରଥମେ ତାଙ୍କ ମୃତ୍ୟୁ ବିଷୟରେ ଫୋନ୍ ପାଇଥିଲେ । ତଥାପି ଜିଆରପି ଅଧିକାରୀମାନେ ଏପର୍ଯ୍ୟନ୍ତ ଟିଟିଇଙ୍କୁ ଗିରଫ କରିନାହାଁନ୍ତି ।

# ଦକ୍ଷ ଭାରତୀୟମାନେ ଆମେରିକାକୁ ବହୁତ ଲାଭ ଦେଇଛନ୍ତି: ଏଲନ୍ ମସ୍କ

ନୂଆଦିଲ୍ଲୀ: ଦୁନିଆର ସବୁଠାରୁ ଧନୀ ବ୍ୟକ୍ତି ତଥା ଟେସଲା ଏବଂ ସ୍ପେସ୍ ଏକ୍ସ'ର ମୁଖ୍ୟ ଏଲନ୍ ମସ୍କ କହିଛନ୍ତି ଯେ ଦକ୍ଷ ଭାରତୀୟମାନଙ୍କୁ ନିଯୁକ୍ତି ଦେଇ ଆମେରିକା ବହୁତ ଲାଭବାନ ହୋଇଛି। ଜିରୋଧାର ସହ-ପ୍ରତିଷ୍ଠାତା ନିଖିଲ କାମଥଙ୍କ 'People by WTF' ପୋଡକାଷ୍ଟରେ ଯୋଗ ଦେଇ ସେ ଏଚ୍-୧ବି (H-1B) ଭିସା ଏବଂ ପ୍ରବାସନକୁ ନେଇ ଚାଲିଥିବା ବିବାଦ ଉପରେ ଏହି ମନ୍ତବ୍ୟ ଦେଇଛନ୍ତି।



ମସ୍କ ଦୃଢ଼ତାର ସହ କହିଛନ୍ତି, "ମୋ ମତରେ, ଆମେରିକା ଆସିଥିବା ଦକ୍ଷ ଭାରତୀୟମାନଙ୍କ ଦ୍ୱାରା ଆମେରିକା ବହୁତ ଲାଭବାନ ହୋଇଛି।" ସେ ମାଇକ୍ରୋସଫ୍ଟର ସିଇଓ ସତ୍ୟ ନାଡେଲା ଏବଂ ଗୁଗଲ୍ ମୁଖ୍ୟ ସୁନ୍ଦର ପିଚାଇଙ୍କ ଭଳି ଭାରତୀୟ ପ୍ରତିଭାମାନଙ୍କୁ ମନେ ପକାଇଥିଲେ, ଯେଉଁମାନେ ବର୍ଷ ବର୍ଷ ଧରି ଆମେରିକାର ଅର୍ଥନୈତିକ ପ୍ରଗତିରେ ଯୋଗଦାନ କରିଆସୁଛନ୍ତି।

ମସ୍କ ସ୍ୱୀକାର କରିଛନ୍ତି ଯେ ଦେଶରେ ଦେଖାଯାଉଥିବା କିଛି ପ୍ରବାସନ ବିରୋଧୀ ମନୋଭାବ ଏଚ୍-୧ବି ଭିସା କାର୍ଯ୍ୟକ୍ରମର ପୂର୍ବ ଅପବ୍ୟବହାର ଏବଂ ପୂର୍ବ ପ୍ରଶାସନ ସମୟରେ ଅତ୍ୟଧିକ ନମନୀୟତା କାରଣରୁ ସୃଷ୍ଟି ହୋଇଛି। ସେ କହିଛନ୍ତି, "H-1B କାର୍ଯ୍ୟକ୍ରମର କିଛି ଅପବ୍ୟବହାର ହୋଇଛି। ଆଉଟସୋର୍ସିଂ କମ୍ପାନୀଗୁଡ଼ିକ ଐ-୧ଇ ବ୍ୟବସ୍ଥାରେ ଖେଳ ଖେଳିଛନ୍ତି, ଯାହାକୁ ବନ୍ଦ କରିବାକୁ ପଡ଼ିବ।"

ମସ୍କ H-1B କାର୍ଯ୍ୟକ୍ରମକୁ ବନ୍ଦ କରିବା ସପକ୍ଷରେ ନାହାନ୍ତି, ବରଂ ଏହାର ଅପବ୍ୟବହାରକୁ ରୋକିବା ପାଇଁ ସଂସ୍କାର କରିବାକୁ ଆହ୍ୱାନ ଦେଇଛନ୍ତି। ଆମେରିକାରେ କାମ କରିବାକୁ ଇଚ୍ଛୁକ ଭାରତୀୟମାନଙ୍କ ପାଇଁ ତାଙ୍କର ବାର୍ତ୍ତା ଥିଲା: "ଯିଏ ଅଧିକ ଯୋଗଦାନ କରେ ଏବଂ ସମାଜ ପାଇଁ ନେଉଥିବା ଜିନିଷଠାରୁ ଅଧିକ ମୂଲ୍ୟର ଆଉଟପୁଟ୍ ଦିଏ, ସେ ମୋର ସମ୍ମାନର ପାତ୍ର।"

ବିଶ୍ଳେଷକମାନେ କହୁଛନ୍ତି ଯେ, ଏଚ୍-୧ବି ଭିସା ଫି' ବୃଦ୍ଧି ହେତୁ ହଜାର ହଜାର ଭାରତୀୟଙ୍କ ପାଇଁ ଆମେରିକାରେ ଚାକିରି କରିବାର ସ୍ୱପ୍ନ ଧୀରେ ଧୀରେ ମଉଳି ଯାଉଥିବା ସମୟରେ ମସ୍କଙ୍କ ଏହି ମନ୍ତବ୍ୟ ଗୁରୁତ୍ୱପୂର୍ଣ୍ଣ।

# ଖରାପ ଲୋକଙ୍କୁ ଦେଶରୁ ବାହାର କର: ଟ୍ରମ୍ପ

ୱାଶିଂଟନ: ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନ ପ୍ରଶାସନ ଉପରେ କଠୋର ଆକ୍ରମଣ କରିଛନ୍ତି। ଟୁଇଟରରେ ପୋଷ୍ଟ କରି ଟ୍ରମ୍ପ କହିଛନ୍ତି ଯେ ଆମେରିକୀୟମାନେ ଦେଶକୁ ନଷ୍ଟ କରିଥିବା ନୀତି ଏବଂ କଥିତ ଜାଲିଆତି ହୋଇଥିବା ନିର୍ବାଚନକୁ କେବେ ଭୁଲିବା ଉଚିତ ନୁହେଁ। ଟ୍ରମ୍ପ ଲେଖିଛନ୍ତି, 'ଆମକୁ ଯଥାଶୀଘ୍ର ଆମ ଦେଶରୁ ଖରାପ ଲୋକଙ୍କୁ ବାହାର କରିବାକୁ ପଡିବ। ବାଇଡେନ ପ୍ରଶାସନ ଏବଂ ଜାଲିଆତି ହୋଇଥିବା ନିର୍ବାଚନ ଆମେରିକା ସହିତ କ'ଣ କରିଛି ତାହା ଆମେ କେବେ ଭୁଲିବା ଉଚିତ ନୁହେଁ। ଆମେରିକାକୁ ପୁଣି ଥରେ ମହାନ କର !'



ଟ୍ରମ୍ପ ଦୀର୍ଘ ସମୟ ଧରି ୨୦୨୦ ନିର୍ବାଚନକୁ ଜାଲିଆତି ହୋଇଥିବା କହିଛନ୍ତି ଏବଂ ଆମେରିକାର ଗୃହ ସୁରକ୍ଷା ଏବଂ ସୀମା ନୀତି ପରିଚାଳନା ପାଇଁ ବାଇଡେନ ପ୍ରଶାସନକୁ ନିରନ୍ତର ସମାଲୋଚନା କରିଛନ୍ତି। ତାଙ୍କର ସଦ୍ୟତମ ବିବୃତ୍ତିକୁ ଏକ ପ୍ରମୁଖ ରାଜନୈତିକ ଆକ୍ରମଣ ଭାବରେ ଦେଖାଯାଉଛି, ପୁଣି ଥରେ ସ୍ପଷ୍ଟ ଭାବରେ ସୂଚିତ କରୁଛି ଯେ ସେ ପ୍ରବାସ ଏବଂ ଆଇନ ଶୃଙ୍ଖଳାକୁ ତାଙ୍କର ପ୍ରାଥମିକ ରାଜନୈତିକ ବିଷୟବସ୍ତୁ ଭାବରେ ପ୍ରାଥମିକତା ଦେବେ। ଗତ ଶୁକ୍ରବାର ତାଙ୍କର ସଦ୍ୟତମ ବିବୃତ୍ତିରେ, ଡୋନାଲ୍ଡ ଟ୍ରମ୍ପ ଏକ ଗୁରୁତ୍ୱପୂର୍ଣ୍ଣ ଦାବି କରିଥିଲେ, ଦାବି କରିଥିଲେ ଯେ ଜୋ ବାଇଡେନଙ୍କ ଦ୍ୱାରା ଅଟୋପେନ ମେଶିନ ବ୍ୟବହାର କରି ସ୍ୱାକ୍ଷରିତ ସମସ୍ତ ସରକାରୀ ଦଲିଲକୁ ବର୍ତ୍ତମାନ ଅବୈଧ କରାଯାଇଛି। ଟ୍ରମ୍ପ ଅଭିଯୋଗ କରିଥିଲେ ଯେ ବାଇଡେନଙ୍କ ପ୍ରାୟ ୯୨% ଆଦେଶ ଏହି ମେଶିନ ବ୍ୟବହାର କରି ସ୍ୱାକ୍ଷରିତ କରାଯାଇଥିଲା। ଟ୍ରୁଥ ସୋସିଆଲରେ ଲେଖି ଟ୍ରମ୍ପ କହିଛନ୍ତି, 'ସ୍ଲିପି ଜୋ ବାଇଡେନଙ୍କ ଦ୍ୱାରା ଅଟୋପେନ ବ୍ୟବହାର କରି ସ୍ୱାକ୍ଷରିତ ସମସ୍ତ ଦଲିଲ ତୁରନ୍ତ ପ୍ରଭାବ ସହିତ ବନ୍ଦ କରାଯାଇଛି। ସେମାନଙ୍କର କୌଣସି ଆଇନଗତ ପ୍ରଭାବ ରହିବ ନାହିଁ। ଅଟୋପେନ କେବଳ ବୈଧ ଯଦି ରାଷ୍ଟ୍ରପତି ଏହାକୁ ବ୍ୟକ୍ତିଗତ ଭାବରେ ଅନୁମୋଦନ କରନ୍ତି।'

ସେହି ଦିନ, ଟ୍ରମ୍ପ ପ୍ରବାସନ ଉପରେ ଆଉ ଏକ କଠୋର ଘୋଷଣା କରିଥିଲେ। ସେ କହିଥିଲେ ଯେ 'ତୃତୀୟ ବିଶ୍ୱ' ଦେଶଗୁଡ଼ିକରୁ ପ୍ରବାସନକୁ ସ୍ଥାୟୀ ଭାବରେ ବନ୍ଦ କରାଯିବ ଯାହା ଦ୍ୱାରା ବାଇଡେନ ପ୍ରଶାସନ ସମୟରେ ଆସିଥିବା ଲକ୍ଷ ଲକ୍ଷ ଅବୈଧ ପ୍ରବାସୀଙ୍କୁ ଦେଶାନ୍ତର କରାଯିବ।

ଟ୍ରମ୍ପ ଲେଖିଛନ୍ତି, 'ମୁଁ ସମସ୍ତ ତୃତୀୟ ବିଶ୍ୱ ଦେଶରୁ ପ୍ରବାସନକୁ ସ୍ଥାୟୀ ଭାବରେ ବନ୍ଦ କରୁଛି। ଏହା ଆମେରିକୀୟ ବ୍ୟବସ୍ଥାକୁ ପୁନଃସେଟ କରିବାରେ, ବାଇଡେନ ଯୁଗରେ ଅଟୋପେନ ଅଧୀନରେ ଅବୈଧ ପ୍ରବେଶକୁ ଦୂର କରିବାରେ ଏବଂ ଯେଉଁମାନେ ଆମେରିକାକୁ ସମ୍ମାନ କରନ୍ତି ନାହିଁ ସେମାନଙ୍କୁ ହଟାଇବାରେ ସାହାଯ୍ୟ କରିବ।

# ବିବାହ ବନ୍ଧନରେ ସମାନ୍ଥା



ନୂଆଦିଲଲ୍ଲୀ: ଛାଡ଼ପତ୍ର ପରେ ପୁଣି ଥରେ ବିବାହ କରିଛନ୍ତି ଅଭିନେତ୍ରୀ ସମାନ୍ଥା ରୁଥ ପ୍ରଭୁ। ନାଗା ଚୈତନ୍ୟଙ୍କ ସହିତ ବିଚ୍ଛେଦ ହେବା ପରେ ସେ ନିର୍ଦ୍ଦେଶକ ରାଜ ନିଡିମୋରୁଙ୍କ ହାତ ଧରିଛନ୍ତି। ଉଭୟଙ୍କ ବିବାହର ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି, ଯାହାକୁ ସମାନ୍ଥାଙ୍କ ପ୍ରଶଂସକମାନେ ବେଶ୍ ପସନ୍ଦ କରିଛନ୍ତି। ସୋମବାର ସକାଳେ ସମାନ୍ଥା ଏବଂ ରାଜ କୋଏମ୍ବାଟୁରରେ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ଏଥିରେ ଉଭୟ ପରିବାର ଏବଂ ସେମାନଙ୍କର କିଛି ହାତଗଣତି ବନ୍ଧୁ ସାମିଲ ହୋଇଥିଲେ। ବିବାହ ପରେ ସମାନ୍ଥା ଇନଷ୍ଟାଗ୍ରାମରେ କିଛି ଫଟୋ ଶେୟାର କରି ନିଜ ପ୍ରଶଂସକମାନଙ୍କୁ ଖୁସି ଖବର ଦେଇଥିଲେ। ଗୋଟିଏ ଫଟୋରେ ରାଜ ସମାନ୍ଥାଙ୍କୁ ମୁଦି ପିନ୍ଧାଉଥିବାବେଳେ ଅନ୍ୟ ଫଟୋରେ ଅଗ୍ନିକୁଣ୍ଡରେ ନିଆଁ ଜଳୁଥିବାର ଦେଖିବାକୁ ମିଳିଛି। ଆଉ ଏକ ଫଟୋରେ ସେ ରାଜଙ୍କ ହାତ ଧରିଥିବା ଦେଖାଯାଇଛି। ରାଜ ଏବଂ ସମାନ୍ଥା ଅନେକ ଦିନ ଧରି ଡେଟ୍ କରିଆସୁଥିଲେ। ଉଭୟେ 'ଦ ଫ୍ୟାମିଲି ମ୍ୟାନ' ୱେବ ସିରିଜରେ ଏକାଠି କାମ କରିଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ସମାନ୍ଥା ନାଗା ଚୈତନ୍ୟଙ୍କୁ ବିବାହ କରିଥିଲେ। ପରେ ସେମାନେ ଅଲଗା ହୋଇଯାଇଥିଲେ। ଛାଡ଼ପତ୍ର ପରେ ନାଗା ଚୈତନ୍ୟ ଅଭିନେତ୍ରୀ ଶୋଭିତା ଧୂଳିପାଲାଙ୍କୁ ଦ୍ୱିତୀୟ ବିବାହ କରିଛନ୍ତି।

# ଅଷ୍ଟ୍ରିଆନ ଇନଫ୍ଲୁଏନ୍ସରଙ୍କୁ ହତ୍ୟାକଲେ ପୂର୍ବତନ ପ୍ରେମିକ

ଭିଏନା: ଜଣେ ଜଣାଶୁଣା ଅଷ୍ଟ୍ରିଆନ ସେଲିବ୍ରିଟି ଅନେକ ଦିନ ଧରି ନିଖୋଜ ଥିଲେ। ପରିବାର ସଦସ୍ୟଙ୍କ ଅଭିଯୋଗ ପରେ, ପୋଲିସ ସ୍ଲୋଭେନିଆର ଏକ ଜଙ୍ଗଲରେ ଏକ ସୁଟକେସ ଭିତରେ ତାଙ୍କ ମୃତଦେହ ପାଇଛି। ଏହି ଘଟଣା ସମଗ୍ର ୟୁରୋପରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

ମୃତଦେହଟି ଜଣେ ଜଣାଶୁଣା ଅଷ୍ଟ୍ରିଆନ ଇନଫ୍ଲୁଏନ୍ସର ଷ୍ଟେଫାନି ପାଇପରଙ୍କ ବୋଲି ଚିହ୍ନଟ ହୋଇଛି। ୩୧ ବର୍ଷୀୟ ଷ୍ଟେଫାନିଙ୍କ ମୃତ୍ୟୁରେ ତାଙ୍କ ପ୍ରଶଂସକମାନେ ଗଭୀର ଭାବରେ ମର୍ମାହତ ହୋଇଥିଲେ। ଏହି ହତ୍ୟାକାଣ୍ଡ ତାଙ୍କ ପୂର୍ବତନ ପ୍ରେମିକ ଦ୍ୱାରା କରାଯାଇଥିଲା।



ପୋଲିସ ଅନୁଯାୟୀ, ୨୩ ନଭେମ୍ବରରେ ଏକ ପାର୍ଟିରୁ ଘରକୁ ଫେରିବା ପରେ ଷ୍ଟେଫାନି ହଠାତ ନିଖୋଜ ହୋଇଗଲେ। ୨୩ ନଭେମ୍ବର ରାତିରେ, ଷ୍ଟେଫାନି ଜଣେ ବନ୍ଧୁଙ୍କୁ ମେସେଜ କରି କହିଥିଲେ ଯେ ସେ ସୁରକ୍ଷିତ ଭାବରେ ଘରେ ଅଛନ୍ତି। କିଛି ସମୟ ପରେ, ସେ ଆଉ ଏକ ମେସେଜ ପଠାଇଥିଲେ, ଯେଉଁଥିରେ କୁହାଯାଇଥିଲା ଯେ କେହି ସିଡ଼ିରେ ଲୁଚି ରହିପାରନ୍ତି।ଷ୍ଟେଫାନିଙ୍କ ପଡ଼ୋଶୀମାନେ ବିଳମ୍ବିତ ରାତିରେ ତାଙ୍କ ଘରୁ ଝଗଡ଼ାର ଶବ୍ଦ ଶୁଣିବା କଥା କହିଥିଲେ। ଲୋକମାନେ ଷ୍ଟେଫାନିଙ୍କ ପୂର୍ବତନ ପ୍ରେମିକଙ୍କୁ ମଧ୍ୟ କୋଠାରେ ଦେଖିଥିଲେ। ଅନେକ ଚେଷ୍ଟା ସତ୍ତ୍ୱେ ଷ୍ଟେଫାନିଙ୍କ ପରିବାର ମଧ୍ୟ ତାଙ୍କ ପାଖରେ ପହଞ୍ଚି ପାରି ନଥିଲେ। ଯେତେବେଳେ ପୋଲିସ ଷ୍ଟେଫାନିଙ୍କ ପୂର୍ବତନ ପ୍ରେମିକଙ୍କୁ ଖୋଜିବା ଆରମ୍ଭ କଲା, ସେ ସ୍ଲୋଭେନିଆରେ ଏକ ଜଳନ୍ତା କାର ପାଖରେ ମିଳିଥିଲେ। ପୋଲିସର କହିବା ଅନୁଯାୟୀ, ଅଷ୍ଟ୍ରିଆ ଏବଂ ସ୍ଲୋଭେନିଆ ମଧ୍ୟରେ ବାରମ୍ବାର ଯାତ୍ରା କରିବା ଯୋଗୁ ନଭେମ୍ବର ୨୪ରେ ତାଙ୍କ କାରରେ ନିଆଁ ଲାଗିଯାଇଥିଲା। ଅଷ୍ଟ୍ରିଆ ଏବଂ ସ୍ଲୋଭେନିଆ ସୀମାରେ ଥିବା ଏକ କାସିନୋର ପାର୍କିଂରେ କାରଟି ରଖାଯାଇଥିଲା।

ପୋଲିସ ଅଭିଯୁକ୍ତକୁ ଧରି ପଚରାଉଚରା କରିବା ପରେ ସେ ଅପରାଧ ସ୍ୱୀକାର କରିଥିଲା। ସେ ପୋଲିସକୁ କହିଛି ଯେ ଷ୍ଟେଫାନିଙ୍କୁ ହତ୍ୟା କରିବା ପରେ ସେ ତାଙ୍କ ମୃତଦେହକୁ ଏକ ସୁଟକେସରେ ଭର୍ତ୍ତି କରି ସ୍ଲୋଭେନିଆର ଏକ ଜଙ୍ଗଲରେ ଫିଙ୍ଗି ଦେଇଥିଲା। ପୋଲିସ ଅଭିଯୁକ୍ତଙ୍କ ଅନ୍ୟ ଦୁଇ ସମ୍ପର୍କୀୟଙ୍କୁ ମଧ୍ୟ ଅଟକ ରଖିଛି।

# ପାକିସ୍ତାନ ଏଫସି ମୁଖ୍ୟାଳୟରେ ଆତ୍ମଘାତୀ ବିସ୍ଫୋରଣ, ୬ ସୈନିକ ନିହତ



ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶ ଅନ୍ତର୍ଗତ ନୋକୁଣ୍ଡି ଅଞ୍ଚଳରେ ଥିବା ଫ୍ରଣ୍ଟିଅର କର୍ପସ(ଏଫସି) ମୁଖ୍ୟାଳୟରେ ସୋମବାର ଆତ୍ମଘାତୀ ବିସ୍ଫୋରଣ ଯୋଗୁ ୬ ସୈନିକ ନିହତ ହୋଇଥିବା ସୂଚନା ମିଳିଛି। ବେଲୁଚିସ୍ତାନ ଲିବରେସନ ଫ୍ରଣ୍ଟର ସାଦଓ ଅପରେସନାଲ ବାଟାଲିଅନ ଦ୍ୱାରା କରାଯାଇଥିବା ଏହି ଆକ୍ରମଣ ପାକ୍ ସେନାକୁ ବଡ଼ ଝଟ୍କା ଦେଇଛି। ଆକ୍ରମଣ ପରେ ସଶସ୍ତ୍ର ଆକ୍ରମଣକାରୀ ମୁଖ୍ୟାଳୟ ଭିତରେ ପ୍ରବେଶ କରିଥିଲେ। ଯାହାଫଳରେ ସେନା ସହିତ ସେମାନଙ୍କର ଗୁଳିବିନିମୟ ହୋଇଥିଲା। ସୋମବାର ସକାଳେ ଘଟିଥିବା ଏହି ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ମୁଖ୍ୟାଳୟ ଫାଟକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଏହି ଘଟଣା ପରେ ସହାୟତା ପାଇଁ କ୍ୱେଟାରୁ ୨ଟି ହେଲିକପ୍ଟର ପଠାଯାଇଥିଲା। ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିବା ସୂଚନା ମିଳିଛି।

# ଆତ୍ମଘାତୀ ଆକ୍ରମଣରେ ଥରିଲା ପାକିସ୍ତାନ

ଇସ୍‌ଲାମାବାଦ: ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶର ନୋକୁଣ୍ଡି ଅଞ୍ଚଳରେ ଫ୍ରଣ୍ଟିୟର କର୍ପସ ମୁଖ୍ୟାଳୟ ନିକଟରେ ଏକ ଆତ୍ମଘାତୀ ଆକ୍ରମଣ ହୋଇଛି। ରେକୋ ଡିକ ଏବଂ ସନ୍ଦକ ଖଣି ପ୍ରକଳ୍ପ ସହିତ ଜଡିତ ବିଦେଶୀ ବିଶେଷଜ୍ଞ, ଇଞ୍ଜିନିୟର ଏବଂ କର୍ମଚାରୀଙ୍କ କାର୍ଯ୍ୟ ଏବଂ ବାସସ୍ଥାନ ପାଇଁ ନିର୍ମିତ ଏକ କମ୍ପାଉଣ୍ଡରେ ଏହି ଆକ୍ରମଣ ହୋଇଥିଲା। ରବିବାର (ନଭେମ୍ବର ୩୦) ରାତି ପ୍ରାୟ ୯ଟାରେ ଏକ ବେଲୁଚ ବିଦ୍ରୋହୀ ଗୋଷ୍ଠୀ ଏହି ଆକ୍ରମଣ କରିଥିଲା। ରିପୋର୍ଟ ଅନୁଯାୟୀ, ବେଲୁଚ ବିଦ୍ରୋହୀ ଗୋଷ୍ଠୀ ପ୍ରଥମେ ରଉ ମୁଖ୍ୟାଳୟ ନିକଟରେ ଥିବା ଏହି ସମ୍ବେଦନଶୀଳ କମ୍ପାଉଣ୍ଡରେ ପାଞ୍ଚଟି ବଡ଼ ବିସ୍ଫୋରଣ କରିଥିଲା ଏବଂ ପରେ ସୁରକ୍ଷା ବାହିନୀ ଉପରେ ଗୁଳି ଚଳାଇଥିଲା।



ବେଲୁଚ ଲିବରେସନ ଫ୍ରଣ୍ଟ ଆତ୍ମଘାତୀ ଆକ୍ରମଣ ପାଇଁ ଦାୟୀ କରିଛି, ଏବଂ ଈଖର ମୁଖପାତ୍ର ମେଜର ଗ୍ୱାହାରମ ବାଲୋଚ ଏକ ବିବୃତ୍ତି ଜାରି କରି କହିଛନ୍ତି ଯେ ଏହି ଆକ୍ରମଣ ଈଖରର ସାଧୋ ଅପରେସନାଲ ବାଟାଲିଅନ ୟୁନିଟ ଦ୍ୱାରା କରାଯାଇଥିଲା। ଏହି ଆକ୍ରମଣ ସମ୍ବେଦନଶୀଳ କମ୍ପାଉଣ୍ଡକୁ ଟାର୍ଗେଟ କରିଥିଲା, ଯେଉଁଠାରେ ପାକିସ୍ତାନ ସରକାର ଖଣି ପ୍ରକଳ୍ପ ସହିତ ଜଡିତ ବିଦେଶୀ ବିଶେଷଜ୍ଞ, ଇଞ୍ଜିନିୟର ଏବଂ କର୍ମଚାରୀଙ୍କ କାର୍ଯ୍ୟ ଏବଂ ବାସସ୍ଥାନ ପାଇଁ ବ୍ୟବସ୍ଥା କରିଛନ୍ତି।

ବେଲୁଚ ବିଦ୍ରୋହୀ ଗୋଷ୍ଠୀ ଏବଂ ପାକିସ୍ତାନୀ ସେନା ମଧ୍ୟରେ ସଂଘର୍ଷରୁ ସରକାରୀ ମୃତ୍ୟୁ ସଂଖ୍ୟା ଏପର୍ଯ୍ୟନ୍ତ ପ୍ରକାଶ କରାଯାଇ ନାହିଁ। ତଥାପି, ପାକିସ୍ତାନୀ ଗଣମାଧ୍ୟମ ଅନୁଯାୟୀ, ଚାଗାଇ ଜିଲା ମଧ୍ୟରେ ଆସୁଥିବା ବାଲୁଚିସ୍ତାନର ନୋକୁଣ୍ଡି ଅଞ୍ଚଳ ଜିଲାର ସମସ୍ତ ହସ୍ପିଟାଲରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛି। ଆକ୍ରମଣର ସବୁଠାରୁ ଗମ୍ଭୀର ଦିଗ ହେଉଛି ଏହା ସେହି ଅଞ୍ଚଳ ଯାହାକୁ ପାକିସ୍ତାନ ସରକାର ବିଶ୍ୱବ୍ୟାପୀ ଏହାର 'ସର୍ବାଧିକ' ବିଦେଶୀ ନିବେଶ ପ୍ରକଳ୍ପ ଭାବରେ ପ୍ରଚାର କରିଆସୁଥିଲା।

ପ୍ରକୃତରେ, ପାକିସ୍ତାନ ସରକାର ରେକୋ ଡିକ ଏବଂ ସୈନ୍ଦକ ଖଣି ପ୍ରକଳ୍ପରେ ନିବେଶ କରିବାକୁ ବିଶ୍ୱକୁ ନିମନ୍ତ୍ରଣ କରିଆସୁଥିଲା ଏବଂ ଜୁନ ମାସରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଏକ ସାକ୍ଷାତ ସମୟରେ, ପାକିସ୍ତାନର ଫିଲ୍ଡ ମାର୍ଶାଲ ଅସୀମ ମୁନିର ଆମେରିକାକୁ ରିକୋ ଡିକ ଖଣିରେ ନିବେଶ କରିବାକୁ ଆନୁଷ୍ଠାନିକ ଭାବରେ ନିମନ୍ତ୍ରଣ କରିଥିଲେ। ପାକିସ୍ତାନ ମଧ୍ୟ ପାଶ୍ଚାତ୍ୟ ଦେଶଗୁଡ଼ିକୁ ରିକୋ ଡିକ ଖଣିରେ ନିବେଶ କରିବାକୁ ଅନୁରୋଧ କରୁଥିଲା, ଦାବି କରି ଯେ ଏହା ବିଶ୍ୱର ସବୁଠାରୁ ବଡ଼ ସୁନା ଏବଂ ତମ୍ବା ଖଣି ମଧ୍ୟରୁ ଗୋଟିଏ, ଯାହା ଏପର୍ଯ୍ୟନ୍ତ ସଠିକ ଭାବରେ ଖନନ କରାଯାଇ ନଥିଲା ଏବଂ ଏଥିରେ ଟ୍ରିଲିୟନ ଡଲାର ମୂଲ୍ୟର ସୁନା ଏବଂ ତମ୍ବା ଥିଲା। ଏହା ସହିତ, କିଛି ଦିନ ପୂର୍ବରୁ, ପାକିସ୍ତାନ ରିକୋ ଡିକ ଖଣି ପ୍ରକଳ୍ପ ପାଇଁ ଆମେରିକାର ଏକ୍ସପୋର୍ଟ-ଆମଦାନୀ ବ୍ୟାଙ୍କଠାରୁ ପ୍ରାୟ ୩୫,୦୦୦ କୋଟି ପାକିସ୍ତାନୀ ଟଙ୍କା ଋଣ ପାଇଥିଲା। ତଥାପି, ଏହି ପ୍ରକଳ୍ପ ସହିତ ଜଡିତ ବିଦେଶୀ ଇଞ୍ଜିନିୟର ଏବଂ ଅନ୍ୟ କର୍ମଚାରୀଙ୍କ ପାଇଁ ନିର୍ମିତ ଏକ କମ୍ପାଉଣ୍ଡରେ ହୋଇଥିବା ଆତ୍ମଘାତୀ ଆକ୍ରମଣ ପ୍ରକଳ୍ପର ସୁରକ୍ଷା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି। ଏହା ଉଲ୍ଲେଖନୀୟ ଯେ ସାରା ବିଶ୍ୱରେ ଆତଙ୍କବାଦୀ ଆକ୍ରମଣ କରିଥିବା ପାକିସ୍ତାନ ବର୍ତ୍ତମାନ ନିଜ ଆତଙ୍କବାଦୀଙ୍କ ଯୋଗୁ ଏକ ବଡ଼ ସଙ୍କଟର ସମ୍ମୁଖୀନ ହେଉଛି। ପୂର୍ବରୁ, ନଭେମ୍ବର ୨୪ରେ, ପେଶାୱରର ରଉ ମୁଖ୍ୟାଳୟରେ ସମାନ ଆତ୍ମଘାତୀ ଆକ୍ରମଣ ହୋଇଥିଲା, ଯାହା ପାଇଁ ତେହରିକ-ଏ-ତାଲିବାନ ପାକିସ୍ତାନର ଏକ ପ୍ରକ୍ସି ଗୋଷ୍ଠୀ ଜମାତ-ଉଲ-ଆହରର ଦାୟିତ୍ୱ ନେଇଥିଲା। ଏହା ବ୍ୟତୀତ, ଗତ ୧୦ଦିନରେ ପାକିସ୍ତାନୀ ସେନା ଦ୍ୱାରା ନିହତ ୩୦ ଜଣ ଆତଙ୍କବାଦୀଙ୍କ ମଧ୍ୟରୁ, ବାହାୱଲପୁରର ଆବୁ ଦୁଜାନା ଓରଫ ଅଲି ହମଦାନ ଏବଂ ପିଓକେର ମହମ୍ମଦ ହାରିସଙ୍କୁ ପାକିସ୍ତାନୀ ସେନା ଏବଂ ଓଝଓ- ସମର୍ଥିତ ଆତଙ୍କବାଦୀ ସଂଗଠନ ଜୈଶ-ଏ-ମହମ୍ମଦ ଦ୍ୱାରା ଭାରତରେ ଆତଙ୍କବାଦ ପାଇଁ ତାଲିମ ଦିଆଯାଇଥିଲା। ତଥାପି, ସେମାନେ ଦୁଇ ବର୍ଷ ପୂର୍ବେ TTPରେ ଯୋଗ ଦେଇଥିଲେ ଏବଂ ବଦଳରେ ସେମାନଙ୍କୁ ତାଲିମ ଦେଇଥିବା ପାକିସ୍ତାନ ସେନା ଉପରେ ଆକ୍ରମଣ କରିବା ଆରମ୍ଭ କରିଥିଲେ। ତେଣୁ, ଏହା କହିବା ଭୁଲ ହେବ ନାହିଁ ଯେ ପାକିସ୍ତାନ ଗତ ୩୦ ବର୍ଷ ଧରି ବିଶ୍ୱକୁ ଯେଉଁ ଆତଙ୍କବାଦ

# କେରଳ ମୁଖ୍ୟମନ୍ତ୍ରୀଙ୍କୁ ଇଡି ନୋଟିସ୍

ଥିରୁଓ୍ୱନ୍ତପୁରମ୍: କେରଳ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନଙ୍କୁ କାରଣ ଦର୍ଶାଅ ନୋଟିସ ପ୍ରଦାନ କରିଛି ଇଡି । ପିନାରାଇଙ୍କ ସହ ପୂର୍ବତନ ଅର୍ଥମନ୍ତ୍ରୀ ଥୋମାସ ଆଇଜାକ୍ ଏବଂ କେଆଇଆଇଏଫବି ସିଇଓ କେଏମ୍ ଆବ୍ରାହାମଙ୍କୁ ମଧ୍ୟ ନୋଟିସ ମିଳିଛି ।



କେରଳ ଭିତ୍ତିଭୂମି ନିବେଶ ପାଣ୍ଠି ବୋର୍ଡ (କେଆଇଆଇଏଫବି) ଦ୍ୱାରା ମସଲା ବଣ୍ଡ ପ୍ରସଙ୍ଗରେ ବିଦେଶୀ ମୁଦ୍ରା ପରିଚାଳନା ଆଇନ(ଏଫଇଏମଏ) ଉଲ୍ଲଂଘନ ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନଙ୍କୁ କାରଣ ଦର୍ଶାଅ ନୋଟିସ ପ୍ରଦାନ କରିଛି । ସୂଚନା ଅନୁସାରେ ଆଇଜାକ୍ ୨୦୧୯ ରେ ଅର୍ଥମନ୍ତ୍ରୀ ଥିବାବେଳେ କେଆଇଆଇଏଫବି ମସଲା ବଣ୍ଡ ମାଧ୍ୟମରେ ୨୧୫୦କୋଟି ଟଙ୍କା ସଂଗ୍ରହ କରିଥିଲେ । ନୋଟିସରେ ଅଭିଯୋଗ କରାଯାଇଛି ଯେ ମସଲା ବଣ୍ଡ ମାଧ୍ୟମରେ ସଂଗୃହୀତ ଟଙ୍କା ବେଆଇନ ଭାବରେ ଭିତ୍ତିଭୂମି ବିକାଶ ପାଇଁ ବ୍ୟବହାର କରାଯାଇଥିଲା । ଆଇଜାକ ଏହାକୁ ନେଇ ଅଭିଯୋଗ କରିଛନ୍ତି ଯେ କାରଣ ଦର୍ଶାଅ ନୋଟିସ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ଏକ ଚାଲବାଜି କରିଛନ୍ତି । ରିଜର୍ଭ ବ୍ୟାଙ୍କ ମସଲା ବଣ୍ଡ ପାଣ୍ଠି ବ୍ୟବହାର କରି ଜମି କ୍ରୟ ଉପରେ ପ୍ରତିବନ୍ଧକ ଲଗାଇଛି । ପାଣ୍ଠିର ଏକ ଅଂଶ କେଆଇଆଇଏଫବି ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ପାଇଁ ବ୍ୟବହାର କରାଯାଇଥିଲା । କିନ୍ତୁ ଏହା ରିଜର୍ଭ ବ୍ୟାଙ୍କ କଟକଣା କାର୍ଯ୍ୟକାରୀ ହେବା ପୂର୍ବରୁ କରାଯାଇଥିବା ଆଇଜାକ କହିଛନ୍ତି । ପୂର୍ବରୁ ୨୦୨୪ ରେ, ଇଡି ଆଇଜାକଙ୍କୁ ପଚରାଉଚରା ପାଇଁ ସମନ କରିଥିଲା ।

କିନ୍ତୁ ଆଇଜାକଙ୍କ ଏକ ଆବେଦନକୁ ଆଧାର କରି ଉଚ୍ଚ ଅଦାଲତ ଏଜେନ୍ସିକୁ ଏପରି କରିବାରୁ ପ୍ରତିବନ୍ଧକ ଲଗାଇଥିଲେ । ଏଜେନ୍ସି ପରେ ବିଚାରକ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ଚାର୍ଜସିଟ୍ ଦାଖଲ କରିଥିଲା ଯାହା ପରେ ଆଇଜାକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ଆଇଜାକଙ୍କ ଅନୁଯାୟୀ, କେରଳରେ ପଞ୍ଚାୟତ ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାର ଇଡି ର ଅପବ୍ୟବହାର କରୁଛନ୍ତି । ଏହା ବିଜେପିର ଏକ ଷଡ଼ଯନ୍ତ୍ର । ରାଜ୍ୟବାସୀ ଏହି




# ଦକ୍ଷିଣ ଆଫ୍ରିକା ବିପକ୍ଷ ଏକ ଦିବସୀୟ: ଭାରତ ୧୭ ରନ୍‌ରେ ବିଜୟୀ

ରାଞ୍ଚି : ଫର୍ମ ଅସ୍ଥାୟୀ, କ୍ଲାସ୍ ସ୍ଥାୟୀ; ଏକଥାକୁ ପୁଣି ଥରେ ପ୍ରମାଣ କରିଛନ୍ତି କିଙ୍ଗ୍ କୋହଲି। ଘରୋଇ ପ୍ରତ୍ୟାବର୍ତ୍ତନର ପ୍ରଥମ ମ୍ୟାଚ୍‌ରେ ବିରାଟ ପାଳି ଖେଳିଛନ୍ତି ସେ। ତାଙ୍କ ରେକର୍ଡଭରା ଶତକୀୟ ପାଳି (୧୩୫ ରନ୍) ବଳରେ ରାଞ୍ଚି ଦିନିକିଆକୁ ରୋମାଞ୍ଚକ ଭାବେ ୧୭ ରନ୍ ?ରେ ଜିତି ନେଇଛନ୍ତି ଭାରତ। ନିଜ ୫୨ତମ ଶତକର ଉତ୍କଣ୍ଠାପୂର୍ଣ୍ଣ ଯାତ୍ରା ଭିତରେ ବିବିଧ ସଟ୍‌ର ସମ୍ଭାର ପ୍ରସ୍ତୁତ କରି କୋହଲି ମଧ୍ୟ ପ୍ରଶଂସକଙ୍କୁ ବିମୋହିତ କରିଛନ୍ତି। କୋହଲି ଶତକ ଛୁଇଁବା ପରେ ଜଣେ ଅମାନିଆ ଦର୍ଶକ ସୁରକ୍ଷା ବଳୟ ଭାଙ୍ଗି ପଡ଼ିଆ ଭିତରେ ତାଙ୍କୁ ମୁଣ୍ଡିଆ ମାରିବା ବି ତାଙ୍କ ଅସାଧାରଣ ଲୋକପ୍ରିୟତାକୁ ଦର୍ଶାଇଛି। କୌଣସି ଗୋଟିଏ ଫର୍ମାଟ୍‌ରେ ସର୍ବାଧିକ ଶତକ ହାସଲ କରିବାରେ ନିଜ ଆଦର୍ଶ ସଚିନ ତେନ୍ଦୁଲକରଙ୍କୁ ଟପିବା ବ୍ୟକ୍ତିଗତ ଭାବେ ବିରାଟଙ୍କ ପାଇଁ ଅଧିକ ସ୍ମରଣୀୟ ଓ ସ୍ୱତନ୍ତ୍ର ହୋଇଛି। କୋହଲିଙ୍କ ପୁରୁଣା ସାଥୀ ରୋହିତ ଶର୍ମା ମଧ୍ୟ ପଛରେ ନାହାନ୍ତି। ୫୭ ରନ୍‌ର ପାଳି ଭିତର ସେ ମଧ୍ୟ



ଏକାଧିକ ରେକର୍ଡର ଅଧିକାରୀ କରିଛନ୍ତି। 'ରୋକା'ଙ୍କ ସ୍ୱର୍ଣ୍ଣିମ ସ୍ପର୍ଶରେ ଭାରତୀୟ ଦଳ ବି ବିଜୟ ଧାରାକୁ ଫେରିଛି। ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ୍ ଶୃଙ୍ଖଳାକୁ ୦-୨ରେ ହାରିବାର ଅବସାଦ ପରେ ଏହି ଦୁଇ ମହାନ ତାରକାଙ୍କ ଉପସ୍ଥିତିରେ ଦିନିକିଆ ଶୃଙ୍ଖଳାକୁ ବିଜୟର ଦମ୍ଭ ଓ ଆତ୍ମବିଶ୍ୱାସର ସହ ଆରମ୍ଭ କରିଛି ଟିମ୍ ଇଣ୍ଡିଆ। ସମସ୍ତଙ୍କ ନଜର ଏବେ ୩ ତାରିଖରେ ରାଏପୁରରେ ଖେଳାଯିବାକୁ ଥିବା ଦ୍ୱିତୀୟ ଦିନିକିଆ ଉପରକୁ ଘୁଞ୍ଚିଛି। ଏହି ମ୍ୟାଚ୍‌ରେ ଭାରତୀୟ ଦଳ ପାଖରେ ୨-୦ର ଅପରାଜେୟ ଅଗ୍ରଣୀ ନେଇ ଆଗୁଆ ଶୃଙ୍ଖଳା ଜିତିବାର ସୁଯୋଗ ରହିଛି।

ଭାରତ ୩୫୦ ରନ୍‌ର ବିଶାଳ ବିଜୟ ଲକ୍ଷ୍ୟ ଦେବା ପରେ ଘରୋଇ ଦଳର ବିଜୟକୁ ନେଇ ପ୍ରଶଂସକ ଆଶ୍ୱସ୍ତ ଥିଲେ। ଦକ୍ଷିଣ ଆଫ୍ରିକା କିନ୍ତୁ ପାରୁ ପର୍ଯ୍ୟନ୍ତ ଲଢ଼ିଥିଲା। ୧୧ ରନ୍ ?ରେ ୩ ୱିକେଟ୍‌ର ଝଟ୍‌କାରୁ ବାହାରି ଭାରତ ଉପରୁ ଶେଷ ପର୍ଯ୍ୟନ୍ତ ଚାପ ହଟିବାକୁ ଦେଇ ନଥିଲା। ତିନିଟି ଅର୍ଦ୍ଧଶତକ ଏବଂ ଦୁଇଟି ୩୦ରୁ ଅଧିକ ରନ୍‌ର ଦ୍ରୁତ ପାଳି ବଳରେ ଏକଦା ଭାରତ ହାତରୁ ମ୍ୟାଚ୍ ଛଡ଼ାଇ ନେବାର ଆଶଙ୍କା ବି ସୃଷ୍ଟି କରିଥିଲା ଏହି ଦଳ। ମାର୍କୋ ୟାନ୍‌ସେନ୍ ଓ ମାଥ୍ୟୁ ବ୍ରିଜ୍‌କେ ଧମାକାଦାର ବ୍ୟାଟିଂ କରିବା ପୂରା ଷ୍ଟାଡିୟମ୍‌ରେ ନିରବତା ଭରି ଦେଇଥିଲା। ଉଭୟଙ୍କୁ ଗୋଟିଏ ବଲ୍ ବ୍ୟବଧାନରେ ଆଉଟ୍ କରି କୁଲଦୀପ ଯାଦବ ଭାରତର ବିଜୟ ପଥ କିଛିଟା ସୁଗମ କରିଥିଲେ। ଅନ୍ୟତମ ଦକ୍ଷିଣ ଆଫ୍ରିକୀୟ ଅଲ୍‌ରାଉଣ୍ଡର୍ କର୍ବିନ୍ ବସ୍ କିନ୍ତୁ ଲଢ଼ିବା ଛାଡ଼ି ନଥିଲେ। ତାଙ୍କ ବଡ଼ ବଡ଼ ସଟ୍ ପାଇଁ ଭାରତୀୟ ପ୍ରଶଂସକଙ୍କ ଛାତି ଧଡ଼ଧଡ଼ ହୋଇଥିଲା। ଶେଷରେ ସାଥୀଙ୍କ ନିୟମିତ ହରାଇବାର ଜଟିଳ ପରିସ୍ଥିତିରେ ମାନସିକ ଦୃଢ଼ତା ହରାଇ ସେ ଅନ୍ତିମ ଓଭରରେ ଦ୍ୱିତୀୟ ବଲ୍‌ରେ ଆଉଟ୍ ହୋଇଯାଇଥିଲେ। ଦକ୍ଷିଣ ଅଫ୍ରିକା ଲଢୁଆ କ୍ରିକେଟ୍ ଖେଳି ୪୯.୨ ଓଭରରେ ୩୩୨ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଯାହା ଭାରତୀୟ ଖେଳାଳିଙ୍କ ସହ ପ୍ରଶଂସକଙ୍କ ମୁଣ୍ଡରୁ ବଡ଼ ବୋଝ ଖାଲିକରି ଦେଇଥିଲା। ୟାନ୍‌ସେନ୍ ଓ ବ୍ରିଜ୍‌କେ ୯୭ ରନ୍ ଯୋଡ଼ିବା ଏବଂ ଶେଷ ୩ ୱିକେଟ୍‌ରେ ଦକ୍ଷିଣ ଆଫ୍ରିକା ୧୦୪ ରନ୍ କରିବା ହିଁ ସବୁଠୁ ବଡ଼ ଚିନ୍ତାର କାରଣ ଥିଲା।

ପୂର୍ବରୁ ପୁଣି ଥରେ ଟସ୍ ହାରି ୨୫ ରନ୍‌ରେ ଯୁବ ଓପନର୍ ଯଶସ୍ୱୀ ଜୟସ୍ୱାଲଙ୍କୁ ହରାଇଥିଲା ଭାରତ। ହେଲେ ଦୁଇ ପୁରୁଖା ରଥୀ ରୋହିତ-କୋହଲିଙ୍କ ଦାୟିତ୍ୱବାନ ହେଲେ ଦ୍ରୁତ ୧୩୬ ରନ୍‌ର ଭାଗୀଦାରି ପାଇଁ ବଡ଼ ସ୍କୋର୍ ଅଭିମୁଖେ ଗତି କରିଥିଲା। ବିଶେଷକରି କୋହଲି ନି ସ୍ୱଭାବ ବିପରୀତ ୭ଟି ବିଶାଳ ଛକା ମାରି ଭାରତ ସ୍କୋରକୁ ୩୪୯ ରନ୍‌ରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ତୁଲାଇଥିଲେ। ୧୦୨ ବଲ୍‌ରୁ ସେ ନିଜ ଅନ୍ୟତମ ପ୍ରିୟ ସ୍ଥାନ ରାଞ୍ଚିରେ ତୃତୀୟ ଏବଂ ମୋଟ ଉପରେ ୫୨ତମ ଏକଦିବସୀୟ ଶତକ ହାସଲ କରିଥିଲେ। ଏମାନଙ୍କ ଛଡ଼ା ଅଧିନାୟକ କେଏଲ୍ ରାହୁଲ ମଧ୍ୟ ୬୦ ରନ୍ ଏବଂ ଅଲରାଉଣ୍ଡର୍ ରବୀନ୍ଦ୍ର ଜାଡ଼େଜା ୩୨ ରନ୍‌ରେ ମହତ୍ତ୍ୱପୂର୍ଣ୍ଣ ପାଳି ଖେଳିଥିଲେ।

ସଂକ୍ଷିପ୍ତ ସ୍କୋର: ଭାରତ ୫୦ ଓଭରରେ ୩୪୯/୮ (ବିରାଟ କୋହଲି-୧୩୫, କେଏଲ୍ ରାହୁଲ-୬୦, ରୋହିତ ଶର୍ମା-୫୭, ରବୀନ୍ଦ୍ର ଜାଡ଼େଜା-୩୨, ଅଟ୍‌ନିଲ ବର୍ଟମ୍ୟାନ୍-୨/୬୦, ନନ୍ଦ୍ରେ ବର୍ଗର-୨/୬୫, କର୍ବିନ ବସ୍-୨/୬୬, ମାର୍କୋ ୟାନ୍‌ସେନ୍-୨/୭୬)। ଦକ୍ଷିଣ ଆଫ୍ରିକା ୪୯.୨ ଓଭରରେ ୩୩୨/୧୦ (ମାଥ୍ୟୁ ବ୍ରିଜ୍‌କେ-୭୨, ମାର୍କୋ ୟାନ୍‌ସେନ୍-୭୦, କର୍ବିନ୍ ବସ୍-୬୭, ଟୋନି ଡି' ଜୋର୍ଜି-୩୯, କୁଲଦୀପ ଯାଦବ-୪/୬୮, ହର୍ଷିତ ରାଣା-୩/୬୫, ଅର୍ଶଦୀପ ସିଂହ-୨/୬୪, ପ୍ରସିଦ୍ଧ କ୍ରିଷ୍ଣା-୧/୪୮)।

## ବିଶ୍ୱକପ୍ ଜିତିବା ପରେ
# ଦୃଷ୍ଟିବାଧିତ ୪ ଖେଳାଳିଙ୍କୁ ୧୧ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ଦେଲେ ସରକାର



ଭୁବନେଶ୍ୱର : ଟି-୨୦ ଦୃଷ୍ଟିବାଧିତ ବିଶ୍ୱକପ ଦଳରେ ରହିଥିବା ୪ଜଣ ଓଡ଼ିଆ ଖେଳାଳି ଆଜି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଫୁଲ ସୋରେନ୍, ବାସନ୍ତୀ ହାଁସଦାଲ ଯମୁନାରାଣୀ ଟୁଡୁ, ପାର୍ବତୀ ମାରାଣ୍ଡି ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ସେମାନଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୪ ବିଜୟୀ ଓଡିଆ ଖେଳାଳିଙ୍କୁ ସମ୍ବର୍ଦ୍ଧନା ଦେବା ସହ ୧୧ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରିଛନ୍ତି।

ଖେଳାଳି ମାନଙ୍କ ଦୃଢ ନିଷ୍ଠା ଓ ଉଲ୍ଲେଖନୀୟ ପ୍ରଦର୍ଶନକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଆପଣମାନେ ପ୍ରତ୍ୟେକ ଓଡିଆଙ୍କ ପାଇଁ ପ୍ରେରଣା। ଆତ୍ମବିଶ୍ୱାସର ସହ ଏହି ବିଜୟ ଯାତ୍ରା ଆଗକୁ ଜାରି ରହୁ। ସେମି ଫାଇନାଲ ଓ ଫାଇନାଲରେ ଭରତକୁ ବିଜୟୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଏହି ୪ଜଣ ଖେଳାଳି। ଗତ ୨୩ ନଭେମ୍ବରରେ ଇତିହାସ ରଚିଥିଲେ ଦୃଷ୍ଟିବାଧିତ ମହିଳା ଟି-୨୦ ଦଳ। କଲମ୍ବୋରେ ଖେଳାଯାଇଥିବା ଫାଇନାଲ ମ୍ୟାଚରେ ଭାରତ ୭ୱିକେଟରେ ନେପାଳକୁ ପରାସ୍ତ କରି ବିଜୟୀ ହୋଇଥିଲା।

# ବାରବାଟୀ ମ୍ୟାଚ୍: ୫ ମିନିଟ୍‌ରେ ଅନ୍‌ଲାଇନ ଟିକଟ ଶେଷ

କଟକ: ଡିସେମ୍ବର ୯ରେ ବାରବାଟୀ ଷ୍ଟାଡିୟମରେ ଭାରତ-ଦକ୍ଷିଣଆଫ୍ରିକା ମଧ୍ୟରେ ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ଖେଳାଯିବ। ଏଥିପାଇଁ ସୋମବାର ପ୍ରଥମ ପର୍ଯ୍ୟାୟ ଟିକଟ ବିକ୍ରି ଆରମ୍ଭ ହେବ। ଅପରାହ୍ଣ ୨ଟାରୁ ଅନ୍‌ଲାଇନ୍ ଟିକଟ ବୁକିଂ ଆରମ୍ଭ ହେବ। 'ଡିଷ୍ଟ୍ରିକ୍ଟ ବାଏ ଜୋମାଟୋ ଆପ୍' ଏବଂ ୱେବସାଇଟ୍‌ରେ ଲୋକେ ଟିକଟ ବୁକ୍ କରିପାରିବେ। ଏଥର ମାତ୍ର ୨ହଜାର ଟିକଟ ଅନ୍‌ଲାଇନ୍‌ରେ ଉପଲବ୍ଧ ହେବ। ଆଜି ଓଡ଼ିଶା କ୍ରିକେଟ ଆସୋସିଏସନ୍ (ଓସିଏ) ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଅନ୍‌ଲାଇନ୍ ଟିକଟ କ୍ରେତାଙ୍କ ପାଇଁ ଆସନ୍ତା ୮ ଓ ୯ ତାରିଖରେ କେମ୍ବ୍ରିଜ ସ୍କୁଲରେ ସ୍ୱତନ୍ତ୍ର କାଉଣ୍ଟର ଖୋଲାଯିବ। ସେଠାରୁ ସେମାନେ ଟିକଟ୍‌ର ହାର୍ଡକପି ସଂଗ୍ରହ କରି ପାରିବେ। ଗ୍ୟାଲେରି ନଂ-୨, ୪, ୭ ସହିତ ନ୍ୟୁ ପ୍ୟାଭିଲିୟନ, ସ୍ପେସିଆଲ ଏନ୍‌କ୍ଲୋଜର ଏବଂ ଏସି ଗ୍ୟାଲେରି ବକ୍ସର ଟିକଟ କେବଳ



ଅନ୍‌ଲାଇନ୍‌ରେ ବୁକିଂ ହୋଇ ପାରିବ। ଜଣେ ବ୍ୟକ୍ତି ୨ଟି ଟିକଟ ହିଁ ଅନ୍‌ଲାଇନ୍‌ରେ କିଣି ପାରିବେ ବୋଲି ସୂଚନା ଦିଆଯାଇଛି। ସେହିପରି ଡିସେମ୍ବର ୩ ଓ ୪ରେ ଓସିଏ ସହ ଅନୁବନ୍ଧିତ ୟୁନିଟ୍‌ଗୁଡ଼ିକୁ ଟିକଟ ବିକ୍ରି କରାଯିବ। ମୋଟ ୪୨ହଜାର ଟିକଟରୁ ୧୧ହଜାର ଟିକଟ ଅନୁବନ୍ଧିତ ୟୁନିଟ୍ କିଣିବେ। ୧୦ହଜାର ଟିକଟ କାଉଣ୍ଟରକୁ ପଠାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଡିସେମ୍ବର ୫ ତାରିଖରେ ବାରବାଟୀ ଷ୍ଟାଡିୟମ ନିକଟରେ ଟିକଟ କାଉଣ୍ଟର ଖୋଲିବ ବୋଲି ସୂଚନା ଦିଆଯାଇଛି।

ବାରବାଟୀ ଷ୍ଟାଡିୟମରେ ଚତୁର୍ଥ ଥର ଟି-୨୦ ମ୍ୟାଚ୍ ଖେଳାଯିବ। ଭାରତ ଗସ୍ତରେ ଆସିଥିବା ଦକ୍ଷିଣଆଫ୍ରିକା ଦଳ ଟି-୨୦ ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ଏଠାରେ ଖେଳିବ। ଓସିଏ ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମ୍ୟାଚ୍ ପରିଚାଳନା ସମ୍ପର୍କରେ ସବିଶେଷ ସୂଚନା ଦିଆଯାଇଛି। ଏକଦିବସୀୟ ଶୃଙ୍ଖଳା ଶେଷ ହେବା ପରେ ଆସନ୍ତା ୭ ତାରିଖରେ ଉଭୟ ଭାରତ ଓ ଦକ୍ଷିଣଆଫ୍ରିକା ଦଳ ଭୁବନେଶ୍ୱରରେ ପହଞ୍ଚିବେ। ୮ ତାରିଖରେ ଉଭୟ ଦଳ ଅଭ୍ୟାସ ପାଇଁ କଟକ ଆସିବେ। ଦିନ ସମୟରେ ଭାରତ ଏବଂ ସନ୍ଧ୍ୟା ସମୟରେ ଦକ୍ଷିଣଆଫ୍ରିକା ଦଳ ଏଠାରେ ଅଭ୍ୟାସ କରିବେ। ଏହାକୁ ଦେଖିବା ଲାଗି ଗ୍ୟାଲେରି ନଂ-୬ ଓ ୭ ଫାଟକ ଖୋଲା ରଖାଯିବ। ଆବଶ୍ୟକସ୍ଥଳେ ଗ୍ୟାଲେରି ନଂ-୧ ଓ ୨ ମଧ୍ୟ ଖୋଲାଯିବାକୁ ଯୋଜନା ରଖାଯାଇଛି। ମ୍ୟାଚ୍ ନିମନ୍ତେ ମୋଟ ୫୦ କୋଟି ଟଙ୍କାର ବୀମା ହୋଇଛି। ସାମ୍ବାଦିକ ସମ୍ମିଳନୀରେ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ସିଇଓ ସୁବ୍ରତ ବେହେରା ଉପସ୍ଥିତ ଥିଲେ।

## ସୁଲ୍‌ତାନ ଆଜ୍‌ଲାନ ଶାହା କପ୍ ହକି
# ବେଲ୍‌ଜିୟମ ଚାମ୍ପିଅନ୍, ଭାରତ ରନର୍ସଅପ

ନୂଆଦିଲ୍ଲୀ : ସୁଲତାନ ଆଜ୍‌ଲାନ ଶାହା ଆମନ୍ତ୍ରଣୀୟ ପୁରୁଷ ହକି ପ୍ରତିଯୋଗିତାର ୩୧ତମ ସଂସ୍କରଣ - ୨୦୨୫ରେ ବେଲଜିୟମ ଚାମ୍ପିଅନ ଓ ଭାରତ ରନର୍ସଅପ ହୋଇଛନ୍ତି। ମାଲେସିଆର



ଇପୋରେ ଚାଲିଥିବା ଉକ୍ତ ପ୍ରତିଯୋଗିତାର ରବିବାର ଫାଇନାଲ ଖେଳାଯାଇଥିଲା। ଏଥିରେ ବେଲଜିୟମ ୧-୦ ଗୋଲରେ ଭାରତକୁ ପରାସ୍ତ କରି ପ୍ରଥମ ଟାଇଟଲ ଜିତିଛି। ଦୁଇ ଶକ୍ତିଶାଳୀ ଦଳ ମଧ୍ୟରେ ଖେଳାଯାଇଥିବା ମ୍ୟାଚର ପ୍ରଥମ ଓ ଦ୍ୱିତୀୟ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ତୃତୀୟ କ୍ୱାର୍ଟର ତଥା ଖେଳର ୩୪ ମିନିଟ୍‌ରେ ବେଲଜିୟମ ପକ୍ଷରୁ ଥିୟାବେ ଷ୍ଟକହାମ ଗୋଲ ଦେଇ ଦଳକୁ ୧-୦ରେ ଆଗୁଆ କରିଥିଲେ। ଭାରତ ଶେଷ ସେକେଣ୍ଡ ପର୍ଯ୍ୟନ୍ତ ଗୋଲ ଦେବା ନେଇ ଉଦ୍ୟମ କରିଥିଲେ ମଧ୍ୟ ବେଲଜିୟମ କୌଣସି ସୁଯୋଗ ଦେଇନଥିଲା। ୬ଟି ଦେଶକୁ ନେଇ ଆୟୋଜିତ ଉକ୍ତ ପ୍ରତିଯୋଗିତାରେ ଭାରତ ଲିଗ୍ ପର୍ଯ୍ୟାୟରେ ମଧ୍ୟ ବେଲଜିୟମ ନିକଟରୁ ୨-୩ ଗୋଲରେ ପରାଜିତ ହୋଇଥିଲା। ସେହିପରି ମାଲେସିଆକୁ ୬-୧ ଗୋଲରେ ହରାଇ ନ୍ୟୁଜିଲାଣ୍ଡ ତୃତୀୟ ସ୍ଥାନ ହାସଲ କରିଛି।


ସପ୍ତାହର ଶେଷରେ ସାପ୍ତାହିକୀ ହାତରେ
ପ୍ରଜାତନ୍ତ୍ର ସାପ୍ତାହିକୀ
୩୦ ନଭେମ୍ବର ରୁ ୬ ଡିସେମ୍ବର ୨୦୨୫ ଆଉ ଶୁଭିବନି ସ୍ୱର




ଜାତୀୟ: ଫାଇଟର ଜେଟ୍ ତେଜସ୍ ଦୁର୍ଘଟଣା
ଅନ୍ତର୍ଜାତୀୟ: ଜି-୨୦ ସମ୍ମିଳନୀ ଓ ଭାରତ
ବିଶେଷ ପ୍ରସଙ୍ଗ: ମର୍ଯ୍ୟାଦା, ଏକତା ଓ ସଂସ୍କୃତିର ବାର୍ତ୍ତାବହ: ଧର୍ମଧ୍ୱଜ
ନାରୀ: : ମହିଳାମାନେ ପୁଣ୍ ଅପ୍‌ସା କରିବା ଉଚିତ୍ କି ନାହିଁ
କ୍ଷୁଦ୍ରଗଳ୍ପ: ଏମିତି ଥିଲା ସେ ପିଲାଦିନ
ଚଳଚ୍ଚିତ୍ର: ୨୩ ବର୍ଷ ଡେଟିଂ ପରେ ବିବାହ କଲେ ଆଶ୍ଲେଷା ସନ୍ଦୀପ ଚଳଚ୍ଚିତ୍ର: ପ୍ରେମିକା ପାଇଁ ଧର୍ମ ବଦଳାଇଲେ କପିଲ ଶର୍ମା।
ଖେଳ: ଗମ୍ଭୀରଙ୍କ ରେକର୍ଡ ଚାପେଲଙ୍କଠୁ ବି ଖରାପ
ମୀନାବଜାର: ସାଥି, ଚର୍ଚ୍ଚାରେ: ଏଠାରେ ୬୪ ଦିନ ହେବ ଅନ୍ଧାର, ବିଜ୍ଞାନ: ରହସ୍ୟ, ରୋମାଞ୍ଚଭରା ଭାରତର କଙ୍କାଳ ହ୍ରଦ, ପର୍ଯ୍ୟଟନ: ମା' ଜୋଗୁଲାମ୍ବା ଶକ୍ତିପୀଠ, ବାସ୍ତୁ: ବିନା ଖର୍ଚ୍ଚରେ ବି ଦୂର କରିହେବ ଘରର ବାସ୍ତୁ ଦୋଷ, ଜାଣନ୍ତି କି ? : ଗଙ୍ଗା ନଦୀର ଜଳକୁ କାହିଁକି ପବିତ୍ର ବୋଲି କୁହାଯାଏ ? ଏହିଭଳି ଆହୁରି ଅନେକ ଉପାଦେୟ ପ୍ରସଙ୍ଗ।
ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ


# ବିରାଟ କୋହଲିଙ୍କ ୮୩ତମ ଶତକ: ଉତ୍ସବମୁଖର ଷ୍ଟାଡିୟମ

ରାଞ୍ଚି : ପ୍ରତୀକ୍ଷାର ଅନ୍ତ ଘଟିଛି। ଦର୍ଶକ ଏବଂ ପ୍ରଶଂସକମାନେ ଯାହା ଚାହୁଁଥିଲେ, ତାହା ହିଁ ହୋଇଛି। କିଙ୍ଗ୍ କୋହଲି ଶତକ ହାସଲ କରି ନିଜର ପ୍ରଶଂସକ ଏବଂ କ୍ରିକେଟ୍‌ପ୍ରେମୀଙ୍କୁ ଉତ୍ସାହିତ କରିଛନ୍ତି। କୋହଲିଙ୍କର ଏହି ଶତକରେ ରବିବାର ଅପରାହ୍ଣରେ କ୍ରିକେଟ୍‌ପ୍ରେମୀମାନେ ଉତ୍ସାହିତ ହୋଇଛନ୍ତି। ଝାଡ଼ଖଣ୍ଡ ଷ୍ଟେଟ୍ କ୍ରିକେଟ୍ ଆସୋସିଏସ୍ ଷ୍ଟାଡିୟମରେ ଖାଲି କୋହଲି... କୋହଲି... କୋହଲି ଶୁଣାଯାଉଛି। ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ଅନ୍ତର୍ଜାତୀୟ ଶୃଙ୍ଖଳାରେ ଝାଡ଼ଖଣ୍ଡର ରାଞ୍ଚିରେ ସେ ଦିନିକିଆ କ୍ରିକେଟ୍ କ୍ୟାରିୟରର ୫୨ତମ ତଥା ଅନ୍ତର୍ଜାତୀୟ ମ୍ୟାଚ୍‌ରେ ୮୩ତମ ଶତକ ହାସଲ କରିଛନ୍ତି।

ମାର୍କୋ ଜାନସେନଙ୍କ ଦ୍ୱାରା ଫିଙ୍ଗାଯାଇଥିବା ୩୮ତମ ଓଭରରେ ବିରାଟ କୋହଲି ଶତକ ହାସଲ କରିଛନ୍ତି। ସେ ୧୦୨ଟି ବଲ୍ ଖେଳି ଏହି ଶତକ ହାସଲ କରିଛନ୍ତି, ଯେଉଁଥିରେ ୫ଟି ଛକା ଏବଂ ୭ଟି ଚୌକା ସାମିଲ ରହିଛି।

ସଚିନଙ୍କ ରେକର୍ଡ ଭାଙ୍ଗିଲେ କୋହଲି : ବିରାଟ କୋହଲି ଏବେ ଅନ୍ତର୍ଜାତୀୟ କ୍ରିକେଟର ସିଙ୍ଗିଲ ଫର୍ମାଟରେ ସର୍ବାଧିକ ଶତକ ହାସଲ କରିଥିବା ଖେଳାଳି ହୋଇପାରିଛନ୍ତି। ସେ ଟିମ୍ ଇଣ୍ଡିଆର ପୂର୍ବତନ ଅଧିନାୟକ ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କ ରେକର୍ଡ ଭାଙ୍ଗିଛନ୍ତି, ଯିଏକି ଟେଷ୍ଟ କ୍ରିକେଟ୍‌ରେ ୫୧ଟି ଶତକ ନିଜ ନାମରେ ରେକର୍ଡ କରିଥିଲେ। କିଙ୍ଗ କୋହଲି ଅନ୍ତର୍ଜାତୀୟ କ୍ୟାରିୟରରେ ନିଜର ଶତକ ସଂଖ୍ୟା ୮୩କୁ ପହଞ୍ଚାଇଛନ୍ତି। ସେ ଟେଷ୍ଟରେ ୩୦ ଏବଂ ଟି-୨୦



ଅନ୍ତର୍ଜାତୀୟରେ ଗୋଟିଏ ଶତକ ହାସଲ କରିଥିଲେ। କୋହଲି ଶେଷ ଥର ପାଇଁ ଚଳିତ ବର୍ଷ ଫେବ୍ରୁଆରି ୨୩ରେ ପାକିସ୍ତାନ ବିପକ୍ଷରେ ଦୁବାଇରେ ଶତକ ହାସଲ କରିଥିଲେ। ସେହି ମ୍ୟାଚ୍‌ରେ ସେ ଅପରାଜିତ ରହି ଭାରତକୁ ବିଜୟ ଦେବାରେ ବଡ଼ ଭୂମିକା ତୁଲାଇଥିଲେ।

ରୋହିତ-କୋହଲିଙ୍କ ଶତକୀୟ ଭାଗିଦାରୀ: ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦିନିକିଆ ଶୃଙ୍ଖଳାର ପ୍ରଥମ ମୁକାବିଲା ଆଜି ରାଞ୍ଚିରେ ଜାରି ରହିଛି। ଏହି ମୁକାବିଲାରେ ଭାରତୀୟ ଟିମ୍‌ର ବରିଷ୍ଠ ଓ ଅଭିଜ୍ଞ ବ୍ୟାଟର ରୋହିତ ଶର୍ମା ଏବଂ ବିରାଟ କୋହଲି ଦମଦାର ପ୍ରଦର୍ଶନ କରିଛନ୍ତି। କୋହଲି ଏବଂ ରୋହିତ ମିଶି ଦ୍ୱିତୀୟ ୱିକେଟ୍ ପାଇଁ ଶତକୀୟ ଭାଗିଦାରୀ ହୋଇପାରିଛନ୍ତି। ଉଭୟ ଖେଳାଳି ଦିନିକିଆ ଅନ୍ତର୍ଜାତୀୟରେ ୨୦ତମ ଶତକୀୟ ଭାଗିଦାରୀ ହୋଇପାରିଛନ୍ତି।

ସଚିନଙ୍କୁ ଟପିଲେ କୋହଲି : ନିଜ ଜାଜ୍ୱଲ୍ୟମାନ କ୍ରିକେଟ୍ ଜୀବନରେ କିଙ୍ଗ୍ କୋହଲି ରବିବାର ଆଉ ଏକ ଐତିହାସିକ ସଫଳତା ଯୋଡ଼ିଛନ୍ତି। ନିଜ ଆଦର୍ଶ ତଥା ମାଷ୍ଟର୍ ବ୍ଲାଷ୍ଟର୍ ସଚିନ ତେନ୍ଦୁଲକରଙ୍କୁ ଟପି କ୍ରିକେଟ୍‌ର କୌଣସି ଏକ ଫର୍ମାଟ୍‌ରେ ସର୍ବାଧିକ ଶତକ ହାସଲ କରିବାର ବିରଳ ଓ ଅବିଶ୍ୱସନୀୟ କୀର୍ତ୍ତିମାନ ନିଜ ନାଁରେ କରି ନେଇଛନ୍ତି ସେ। ସଚିନ ଟେଷ୍ଟ୍ କ୍ରିକେଟ୍ ?ରେ ୫୧ ଶତକ ମାରିଥିଲା ବେଳେ କୋହଲି ରବିବାର ୫୨ତମ ଦିନିକିଆ ଶତକ ହାସଲ କରି ତାଙ୍କୁ ଟପିଥିଲେ। କୋହଲି ମଧ୍ୟ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଷଷ୍ଠ ଶତକ ହାସଲ କରିଛନ୍ତି। ଏହା କରି ସେ ଅଷ୍ଟ୍ରେଲିଆର ଡେଭିଡ୍ ୱାର୍ଣ୍ଣର ଓ ସଚିନଙ୍କୁ ଟପିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ଉଭୟ ୱାର୍ଣ୍ଣର ଓ ସଚିନ ପାଞ୍ଚଟି ଲେଖାଏଁ ଶତକ ହାସଲ କରିଛନ୍ତି। ସବୁ ଫର୍ମାଟ୍‌କୁ ମିଶାଇ କିନ୍ତୁ ଏବେବି ସେ ସଚିନଙ୍କଠାରୁ ଢେର ପଛରେ ରହିଛି। ସଚିନ ମୋଟ ୧୦୦ (ଟେଷ୍ଟ ୫୧, ଦିନିକିଆ ୪୯) ମାରିଥିଲା ବେଳେ କୋହଲି ଟେଷ୍ଟ (୩୦), ଦିନିକିଆ (୫୨) ଓ ଟ୍ୱେଣ୍ଟି-୨୦ (୧)କୁ ମିଶାଇ ୮୩ ଶତକ ହାସଲ କରି ସଚିନଙ୍କଠାରୁ ୧୭ ଶତକ ପଛରେ ରହିଛନ୍ତି। ଏହା ପୂର୍ବରୁ ଗତ ଅଷ୍ଟ୍ରେଲିଆ ଶୃଙ୍ଖଳାରେ ସଚିନଙ୍କ ଦିନିକିଆରେ ସର୍ବାଧିକ ୫୦+ ସ୍କୋର ରେକର୍ଡକୁ କୋହଲି ଭାଙ୍ଗି ସାରିଛନ୍ତି। ରବିବାର ଘରୋଇ ପରିବେଶରେ ସଚିନଙ୍କ ୫୯ ଥର ୫୦+ କୀର୍ତ୍ତିମାନକୁ ଟପିଛନ୍ତି। ତେବେ ୩୭ ବର୍ଷୀୟ କୋହଲି ଟେଷ୍ଟ୍‌ରୁ ଅବସର ଘୋଷଣା କରି ସାରିଥିବାରୁ ଏହି ଫର୍ମାଟ୍‌ରେ ସଚିନଙ୍କୁ ଟପିବାର କୌଣସି ସମ୍ଭାବନା ରହିଛି। ସେହିଭଳି ସଚିନଙ୍କ ୧୦୦ ଶତକ ରେକର୍ଡକୁ ସେ ଛୁଇଁବାର ସମ୍ଭାବନା ବି ବେଶ୍ କମ୍ ରହିଛି। ସୂଚନାଯୋଗ୍ୟ ଯେ କୋହଲି ତାଙ୍କ ପ୍ରଥମ ଦିନିକିଆ ଶତକ ୨୦୧୨ ମସିହାରେ ଆଡିଲେଡ୍ ଓଭାଲଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ହାସଲ କରିଥିଲେ। ନିଜ ଶେଷ ତଥା ୫୧ତମ ଶତକ ଏହି ମହାନ କ୍ରିକେଟର୍ ଗତ ଫେବ୍ରୁଆରିରେ ଚାମ୍ପିଅନ୍ସ ଟ୍ରଫିର ପାକିସ୍ତାନ ବିପକ୍ଷ ସେମିଫାଇନାଲ୍ ?ରେ ହାସଲ କରିଥିଲେ।

ହିଟ୍ ମ୍ୟାନଙ୍କ 'ଛକା' ରେକର୍ଡ : ହିଟ୍ ମ୍ୟାନ୍ ରୋହିତ ଶର୍ମା (୩୫୨ ଛକା) ନିଜ ୫୭ ରନ୍‌ର ପାଳି ଭିତରେ ଦିନିକିଆ କ୍ରିକେଟ୍‌ରେ ବ୍ୟକ୍ତିଗତ ଭାବେ ସର୍ବାଧିକ ଛକା ମାରିବାର ଗୌରବ ହାସଲ କରିଛନ୍ତି। ରବିବାର ତିନିଟି ଦର୍ଶନୀୟ ଛକା ମାରି ପାକିସ୍ତାନର ପୂର୍ବତନ ଅଧିନାୟକ ସାହିଦ ଆଫ୍ରିଦି (୩୫୧ ଛକା)ଙ୍କ ନାଁରେ ଗତ ଦେଢ଼ ଦଶନ୍ଧିଧରି ଥିବା ଏହି ରେକର୍ଡକୁ ଭାଙ୍ଗି ଦେଇଛନ୍ତି ସେ। କୌଣସି ଦଳ ବିପକ୍ଷରେ ସର୍ବାଧିକ ଛକା (୯୩) ମାରିବାର କୀର୍ତ୍ତିମାନ ବି ତାଙ୍କ ନାଁରେ ରହିଛି। ରୋହିତ ଯାହାକୁ ଅଷ୍ଟ୍ରେଲିଆ ବିପକ୍ଷରେ ହାସଲ କରିଛନ୍ତି। ସେହିଭଳି ଗୋଟିଏ ଦେଶରେ ସର୍ବାଧିକ ଛକା (୧୮୨, ଭାରତ), ଗୋଟିଏ ବର୍ଷରେ ସର୍ବାଧିକ ଛକା (୬୭), ବିଶ୍ୱକପ୍‌ରେ ସର୍ବାଧିକ ଛକା (୫୪) ଏବଂ ବିଶ୍ୱକପ୍‌ର ଗୋଟିଏ ସଂସ୍କରଣରେ ସର୍ବାଧିକ ଛକା (୩୧, ୨୦୨୩ ବିଶ୍ୱକପ୍) ମଧ୍ୟ ଏହି ମୁମ୍ବାଇ ତାରକାଙ୍କ ନାଁରେ ରହିଛି। ସ୍ପିନରଙ୍କ ମଧ୍ୟରେ ଅଷ୍ଟ୍ରେଲିଆର ଗ୍ଲେନ୍ ମ୍ୟାକ୍ସୱେଲ୍ (୧୨୮ ବଲ୍, ୧୦ ଛକା) ଏବଂ ଦ୍ରୁତ ବୋଲରଙ୍କ ବିପକ୍ଷରେ ଅଷ୍ଟ୍ରେଲିଆର କ୍ଲିଣ୍ଟ ମକାୟ, କେନ୍ ରିଚାର୍ଡସନ୍, ମିଚେଲ ଷ୍ଟାର୍କ ଓ ପ୍ୟାଟ୍ କମିନ୍ସ ବିପକ୍ଷରେ (୭ଟି ଲେଖାଏଁ) ସର୍ବାଧିକ ଛକା ମାରିଛନ୍ତି। ରୋହିତ ତାଙ୍କ ମାଇଲ୍‌ଖୁଣ୍ଟଭରା ୩୫୨ତମ ଛକା ଦକ୍ଷିଣ ଆଫ୍ରିକାର ମାର୍କୋ ୟାନସେନ୍‌ଙ୍କୁ ମାରିଥିଲେ। ତାଙ୍କ ଛକା ଶିକାର ହେବାରେ ୟାନ୍‌ସେନ୍ ବିଶ୍ୱର ୧୫୦ତମ ବୋଲର ହୋଇଥିଲେ। ରୋହିତଙ୍କୁ ୧୦୦ରୁ ଅଧିକ ବଲ୍ ପକାଇଥିବା ବୋଲରଙ୍କ ମଧ୍ୟରେ କେବଳ ୱେଷ୍ଟଇଣ୍ଡିଜ୍‌ର ମାର୍ଲିନ୍ ସାମୁଏଲସ୍‌ଙ୍କୁ ସେ ଛକା ମାରି ନାହାନ୍ତି। ୨୦୦୭ରୁ ୨୦୨୫ ଭିତରେ ରୋହିତ ୨୩୨ଟି ଛକା ଦ୍ରୁତ ବୋଲରଙ୍କୁ ମାରିଥିଲା ବେଳେ ସ୍ପିନରଙ୍କୁ ୧୨୦ ଛକା ମାରିଛନ୍ତି। ସକ୍ରିୟ କ୍ରିକେଟରଙ୍କ ମଧ୍ୟରେ କେହିବି ତାଙ୍କ ନିକଟରେ ନାହାନ୍ତି। ଇଂଲଣ୍ଡର ଜୋସ୍ ବଟଲର ୧୮୨ ଛକାମାରି ବହୁ ଦୂରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ରୋହିତଙ୍କ ଦଳୀୟ ସାଥୀ ବିରାଟ କୋହଲି ୧୫୯ ଛକା ସହ ଏହି କ୍ରମରେ ତୃତୀୟ ସ୍ଥାନରେ ଅଛନ୍ତି।


ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583